RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

'ଏ ୱତନ ମେରେ ୱତନ'ରେ ସାରାଙ୍କ ଚମକ

▶ପୃଷ୍ଠା ୧୫ ଦେଖନ୍ତୁ...

WE PREPARE CHAMPIONS

Aakash
Medical | IIT-JEE | Foundations

Preparing champions through our classroom program

NEET (UG)

AIR 1 NEET (UG) 2021 Mrinal Kutteri 2 Year Classroom AIIMS, Delhi

AIR 1 NEET (UG) 2021 Tanmay Gupta 2 Year Classroom AIIMS, Delhi

AIR 1 NEET (UG) 2021 Karthika G Nair 2 Year Classroom AIIMS, Delhi

AIR 2 NEET (UG) 2022 Vatsa A Batra 2 Year Classroom AIIMS, Delhi

AIR 3 NEET (UG) 2023 Kaustav Bauri 2 Year Classroom AIIMS, Delhi

AIR 3 NEET (UG) 2022 Hrishikesh 2 Year Classroom AIIMS, Delhi

AIR 5 NEET (UG) 2023 Dhruv Advani 3 Year Classroom AIIMS, Delhi

and many more...

JEE (Advanced)

AIR 1 JEE (Adv.) 2020 Chirag Falor 4 Year Classroom MIT

AIR-16 CRL ALL INDIA RANK (Female) AIR 1 JEE (Adv.) 2022 Tanishka Kabra 4 Year Classroom IIT, Bombay

AIR 27 JEE (Adv.) 2023 Aditya Neeraje 2 Year Classroom IIT, Bombay

AIR 28 JEE (Adv.) 2023 Aakash Gupta 1 Year Classroom IIT, Bombay

AIR 29 JEE (Adv.) 2023 Tanishq M 4 Year Classroom IIT, Bombay

AIR 31 JEE (Adv.) 2023 Kamyak Channa 4 Year Classroom IIT, Bombay

AIR 32 JEE (Adv.) 2022 Jaladhi Joshi 5 Year Classroom IIT, Bombay

and many more...

STARS of Aakash Odisha Classroom Program

NEET (UG) 2023 Swayam AIIMS, Delhi

NEET (UG) 2023 Surya AIIMS, Bhubaneswar

NEET (UG) 2023 Abhipsa AIIMS, Bhubaneswar

NEET (UG) 2023 Sovit AIIMS, Delhi

JEE (Advanced) 2023 Sanket IIT, Delhi

JEE (Advanced) 2023 Aliv IISC, Bengaluru

JEE (Advanced) 2023 Pratyush IIT, Guwahati

and many more...

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

ADMISSIONS OPEN

CLASS 8th–10th Currently Studying
Integrated Courses for School Board / Olympiads / NTSE
Batches Starting from: 18th March

CLASS 10th Moving to Class 11th
2 Year Integrated Courses for NEET / JEE
Batches Starting from: 18th March

CLASS 11th Moving to Class 12th
1 Year Integrated Courses for NEET / JEE
Batches Starting from: 15th March

CLASS 12th Appeared / Passed Students
1 Year Repeater / Dropper Courses for NEET / JEE
Batches Starting soon

Get up to **90% Total Scholarship***
Appear for Instant Admission cum Scholarship Test (iACST).
Register now for **FREE** visit: **iacst.aakash.ac.in** or scan the code

*Terms and conditions apply.

Crash Course for NEET / JEE 2024
Batches Starting from: 21st & 26th March (Medical)
14th March (Engineering)

Omni Channel Learning | Meticulously Designed Study Material | Regular Tests & Assessments | 35+ Years of Excellence | 1,22,000+ Aakashians Qualified NEET & JEE in 2023 | 300+ Branches Across India

MEDICAL (NEET)
- AudiPrep-Audiobook for NEET
- Know Your NCERT
- NCERT Maps-NEET
- NEET Challenger

ENGINEERING (JEE)
- JEE Challenger
- Video Solutions of Study Material
- JEE Archive, Spotlight Program
- Skull Crusher Quiz

FOUNDATION (Class 8-10)
- Activity Based Learning
- Quizzes & Workshops
- Experiment Based Videos
- Flash Cards & Lecture PPTs

Call Your Nearest Branch

- **Bhubaneswar (Bhoumanagar)** 8800852494, 7008005000
- **Bhubaneswar (Chandrasekharpur)** 8800874104, 7008005000
- **Cuttack (Link Road)** 8800849243, 7008005000
- **Baleswar Branch** 8800538720, 7008005000
- **Berhampur Branch** 8800502470, 7008005000
- **Sambalpur Branch** 8448693770, 7008005000

SCAN FOR NEAREST BRANCH

Download Aakash App
GET IT ON Google Play | Download on App Store

CALL (TOLL-FREE) 1800-102-2727

VISIT aakash.ac.in

Aakash Medical | IIT-JEE | Foundations

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

୩ ଦିନରେ ପାରଦ ଛୁଇଁବ ୪୦

■ **ଭୁବନେଶ୍ୱର, ୧୧।୩ (ସମିସ):** ଉପରମୁହାଁ ହୋଇଛି ରାଜ୍ୟରେ ତାତି। ସାରା ଦିନ ଆଜି ପ୍ରଚଣ୍ଡ ତାତି ଅନୁଭୂତ ହୋଇଛି। ଏହି ସ୍ଥିତି ଆଗାମୀ ୩/୪ ଦିନ ଲାଗି ରହିବ ଓ ଚଳିତ ସପ୍ତାହରେ ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ପୂର୍ବାପେକ୍ଷା ବୃଦ୍ଧି ଘଟିଛି। ସୋମବାର ବଲାଙ୍ଗୀରରେ ତାପମାତ୍ରା ୩୬.୮, ଭବାନୀପାଟଣା, ମାଲକାନଗିରି ଓ ସୋନପୁରରେ ୩୭ ଡିଗ୍ରୀ ରେକର୍ଡ ହୋଇଛି। ବୌଦ୍ଧରେ ତାପମାତ୍ରା ୩୭.୭ ଡିଗ୍ରୀରେ ପହଞ୍ଚିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ଦିନରେ ତାପମାତ୍ରା ୪-୬ ଡିଗ୍ରୀ ବଢ଼ିବା ସହ ରାତିର ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଅନ୍ୟପଟେ ଆସନ୍ତା ୧୪ ତାରିଖରୁ ପରବର୍ତ୍ତୀ ୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଆଦିରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର୍ ବସ୍‌ର ସଚେତନତା ଅଭିଯାନ

ଏଣିକି ଶ୍ରୀକ୍ଷେତ୍ରକୁ ଆରାମଦାୟକ ଯାତ୍ରା

■ **ପୁରୀ, ୧୧।୩ (ସମିସ):** ଯାତ୍ରୀ ପରିବହନ କ୍ଷେତ୍ରରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ ସୋମବାର ପୁରୀରେ ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର୍ ବସ୍‌ର ପ୍ରଦର୍ଶନ ଏବଂ ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଛି। ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ମାଧ୍ୟମରେ ପରିବହନ ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ ମାଲକାନଗିରି, ନବରଙ୍ଗପୁର ଓ ସୁନ୍ଦରଗଡ଼ରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର ବସ୍ ଚଳାଚଳର ବ୍ୟବସ୍ଥା କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

ସୋମବାର ପୁରୀ ବସ୍‌ଷ୍ଟାଣ୍ଡରେ ଏହି ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର କୋଚ୍‌ର ସୁବିଧା, ସୁଯୋଗ ଓ ବ୍ୟବସ୍ଥା ସମ୍ପର୍କରେ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଶ୍ରୀ ବିଶ୍ୱାଳ କହିଥିଲେ ଯେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବହନ ବିଭାଗରେ ରୂପାନ୍ତରଣ କରାଯାଇ ଲକ୍ଷ୍ମୀ ବସ୍ ମାଧ୍ୟମରେ ଗମନାଗମନକୁ ସହଜ, ସୁଗମ ଓ ସୁରକ୍ଷିତ କରାଯାଇପାରିଛି। ବର୍ତ୍ତମାନ ରାଜ୍ୟର ସମସ୍ତ ୩୦ ଜିଲ୍ଲାର ପ୍ରତି ପଞ୍ଚାୟତରୁ ବ୍ଲକ, ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ଲକ୍ଷ୍ମୀ ବସ୍ ଚଳାଚଳ କରୁଛି। ସେହିପରି ଜିଲ୍ଲା ସଦର ମହକୁମାଠାରୁ ଅନ୍ୟ ଜିଲ୍ଲା ସଦର ମହକୁମାକୁ ଲକ୍ଷ୍ମୀ ବସ୍ ଏବଂ ଜିଲ୍ଲା ସଦର ମହକୁମାରୁ ରାଜଧାନୀ ଭୁବନେଶ୍ୱର ଦେଇ ପୁରୀକୁ ଜଗନ୍ନାଥ ଏକ୍ସପ୍ରେସ୍ ଚଳାଚଳର ବ୍ୟବସ୍ଥା କରାଯାଇଛି।

୩ ଜିଲ୍ଲାରୁ ବାହାରି ୧୮ ଜିଲ୍ଲା ଦେଇ ପୁରୀରେ ପହଞ୍ଚିବ

ମହିଳାମାନଙ୍କ ଯାତ୍ରା ପାଇଁ ୫୦ ପ୍ରତିଶତ ରିହାତି

ଆସନ୍ତା ୧୩ ତାରିଖରୁ ମାଲକାନଗିରି, ନବରଙ୍ଗପୁର ଓ ସୁନ୍ଦରଗଡ଼ରୁ ପୁରୀକୁ ନୂତନ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର ବସ୍ ଚଳାଚଳ କରିବ। ଏହା ମୋଟ ୧୮ଟି ଜିଲ୍ଲା ଦେଇ ପୁରୀରେ ପହଞ୍ଚିବ। ଏହି ବସ୍ କିପରି ଦେଖାଯାଉଛି ଏବଂ ଏଥିରେ କ'ଣ କ'ଣ ସୁବିଧା ରହିଛି ସେ ନେଇ ଯାତ୍ରୀଙ୍କୁ ଅବଗତ କରାଇବା ଲାଗି ପୁରୀ ବସ୍‌ଷ୍ଟାଣ୍ଡର ଏହି ଅତ୍ୟାଧୁନିକ ସ୍ଲିପର ଲକ୍‌ଜ୍ୟୁରି ବସ୍‌ର ପ୍ରଦର୍ଶନ କରାଯାଇଛି। ଏହି ଭଲ୍‌ଭୋ ବସ୍ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଓ ଏଥିରେ ୪୨ଟି ସିଟ୍ ରହିଛି। ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ମୋବାଇଲ ରିଚାର୍ଜ ପଏଣ୍ଟ ରହିଛି। ଏଥିରେ ଆରାମଦାୟକ ଯାତ୍ରା ସହ ଯାତ୍ରୀମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ଗାଡ଼ିରେ ଉତ୍ତମ ମାନର ବ୍ୟବସ୍ଥା ରହିଛି। ଏଥିରେ ଯାତ୍ରା ଲାଗି ମହିଳାମାନଙ୍କ ପାଇଁ ଶତକଡ଼ା ୫୦ଭାଗ ରିହାତି ରହିଛି। ପୁରୀ ସହ ସମସ୍ତଙ୍କ ଭାବାବେଗ ଜଡ଼ିତ। ମହାପ୍ରଭୁଙ୍କ ଦର୍ଶନ ପାଇଁ ସମସ୍ତେ ଇଚ୍ଛା ରଖିଥା'ନ୍ତି। ତେଣୁ ସେମାନେ ଯେପରି ଆରାମଦାୟକ ଭାବେ ପୁରୀକୁ ଯାତାୟାତ କରିପାରିବେ, ତା' ଉପରେ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସମସ୍ତେ ଏହି ସେବାକୁ ଉପଲବ୍ଧ କରନ୍ତୁ। ଏହା ନିଶ୍ଚିତ ପୁରୀ ଏବଂ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶୀ ବିଶ୍ୱାଳ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ପୁରୀର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଓଏସ୍‌ଆରଟିସିର ଜିଲ୍ଲା ପରିଚାଳିକା ରଶ୍ମି ସାହୁ ଓ ପରିବହନ ବିଭାଗର ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ।

ଅନ୍ୟପକ୍ଷରେ ପୁରୀ ଧାମକୁ ଲୋକଙ୍କୁ ସହଜରେ ନେବା ଆଣିବା କରିବା ଲକ୍ଷ୍ୟରେ ଏହି ଆରାମଦାୟକ ବସ୍ ସେବା ଆରମ୍ଭ ହେବାକୁ ଯାଉଛି। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର ବସ୍ ସେବାକୁ ସ୍ୱାଗତ କରିଛନ୍ତି ଯାତ୍ରୀ। ଏହି ବସ୍ ସେବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଁର ପ୍ରଚାର କରିବା ସହ ଲୋକଙ୍କ ଭିତରେ ଏକ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି କୁହାଯାଉଛି।

ନିର୍ବାଚନୀ ବଣ୍ଡ ତଥ୍ୟ ପ୍ରସଙ୍ଗରେ ଏସ୍‌ବିଆଇକୁ ସୁପ୍ରିମ୍‌କୋର୍ଟଙ୍କ କଡ଼ା ନିର୍ଦ୍ଦେଶ

ଆଜି ସୁଦ୍ଧା ଦିଅ ସମ୍ପୂର୍ଣ୍ଣ ତଥ୍ୟ

■ **ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି):** ନିର୍ବାଚନୀ ବଣ୍ଡକୁ ନେଇ ସମ୍ପୂର୍ଣ୍ଣ ତଥ୍ୟ ଦେବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ)କୁ କଡ଼ାବାଣୀ ଶୁଣାଇଛନ୍ତି। ଆସନ୍ତାକାଲି ସରକାରୀ କାର୍ଯ୍ୟନିର୍ଘଣ୍ଟ ଶେଷ ସୁଦ୍ଧା ନିର୍ବାଚନୀ ବଣ୍ଡର ସମ୍ପୂର୍ଣ୍ଣ ତଥ୍ୟ ରଖିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ତଥ୍ୟ ଦେବା ଲାଗି ଏସବିଆଇ ସୁପ୍ରିମକୋର୍ଟରେ ଏକ ଆବେଦନ ଜରିଆରେ ଅଧିକ ସମୟ ଲୋଡିଥିଲା। ଆସନ୍ତା ଜୁନ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେବାକୁ ଏସବିଆଇ ଆବେଦନ କରିଥିଲା ବେଳେ ଏହି ପ୍ରସଙ୍ଗରେ ସୋମବାର ଶୁଣାଣି ହୋଇଥିଲା। ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଏକ ପାଞ୍ଚ ଜଣିଆ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲା ବେଳେ ଏସବିଆଇ ଉପରେ ବର୍ଷିଥିଲେ। ପ୍ରାୟ ୨୬ ଦିନ ତଳେ ନିର୍ବାଚନୀ ବଣ୍ଡ ସମ୍ପର୍କିତ ସମସ୍ତ ତଥ୍ୟ ଦେବାକୁ କୁହାଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ବ୍ୟାଙ୍କ କ'ଣ କରୁଥିଲା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଅଧିକ ସମୟ ପାଇଁ ବ୍ୟାଙ୍କର ଆବେଦନକୁ ଖଣ୍ଡପୀଠ ଖାରଜ କରିଦେବା ସହିତ ଆସନ୍ତାକାଲି ସୁଦ୍ଧା ଏହାକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଆସନ୍ତା ୧୫ ତାରିଖ ସୁଦ୍ଧା ନିର୍ବାଚନୀ ବଣ୍ଡଜନିତ ତଥ୍ୟ ଉପଲବ୍ଧ କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଶୁଣାଣି ବେଳେ ଏସବିଆଇ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲଭେ ଯୁକ୍ତି କରି କହିଥିଲେ ଯେ, ତଥ୍ୟ ଦେବାକୁ ଆମକୁ ଅଧିକ ସମୟ ଦରକାର। ନିର୍ବାଚନୀ ବଣ୍ଡ ତଥ୍ୟ ଗୁପ୍ତ ରଖିବାକୁ କୁହାଯାଇଥିଲା। ତେଣୁ ଏ ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। କିନ୍ତୁ ଏହା ଶୁଣିବା ପରେ ପ୍ରଧାନବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଥିଲେ ଯେ, ସମସ୍ତ ତଥ୍ୟ ସିଲ୍ କରି ମୁମ୍ବାଇସ୍ଥିତ ଏସବିଆଇ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି ବୋଲି ପୂର୍ବରୁ ଏସବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ।ମୁମ୍ବାଇରେ ଯଦି ସବୁ ବିବରଣୀ ଅଛି ତେବେ ତଥ୍ୟ ଦେବାରେ ଅସୁବିଧା କଣ ରହିଛି ବୋଲି ସେ ପ୍ରଶ୍ନ କରିଥିଲେ। ଗତ ଫେବୃଆରୀ ୧୫ ତାରିଖରେ ମାମଲାର ଶୁଣାଣି ବେଳେ ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା ତାହାକୁ ଆଜି ଯାଏଁ କାହିଁକି ପାଳନ କରାଯାଇ ନାହିଁ ବୋଲି ସେ କହିଥିଲେ। ଏହାର ଉତ୍ତରରେ ହରିଶ ସାଲଭେ ଯୁକ୍ତି ଦର୍ଶାଇଥିଲେ ଯେ ନିର୍ବାଚନ ବଣ୍ଡ କ୍ରୟ ତାରିଖ ଏବଂ କ୍ରେତାଙ୍କ ନାମ ଏକାଠି ଉପଲବ୍ଧ ନାହିଁ, ସେଗୁଡ଼ିକୁ କୋଡିଂ ବ୍ୟବସ୍ଥାରେ ସମନ୍ୱିତ କରାଯାଇଛି। ଏହାକୁ ଡିକୋଡ୍ କରିବାକୁ ସମୟ ଲାଗିବ। କିନ୍ତୁ ଯେକୌଣସି ମତେ ଆସନ୍ତାକାଲି ଏହି ତଥ୍ୟ ଦେବାକୁ ସୁପ୍ରିମକୋର୍ଟ ତାଗିଦ୍ କରିଥିଲେ।

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା

■ **ନବରଙ୍ଗପୁର, ୧୧।୩(ସମିସ):** ଗୁଣିଗାରେଡ଼ି ସନ୍ଦେହରେ ଜଣେ ୫୦ ବର୍ଷୀୟ ବୃଦ୍ଧାଙ୍କୁ ହତ୍ୟା କରି ମାଟିତଳେ ପୋତି ଦିଆଯାଇଥିବା ଅଭିଯୋଗ ହୋଇଛି । ଘଟଣାଟି ଘଟିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବେଲଗାଁ ପଞ୍ଚାୟତ କେନ୍ଦୁଗୁଡ଼ା ଗ୍ରାମରେ । ଉକ୍ତ ଗାଁର କାନଝରନ ନିକଟସ୍ଥ ନାଳ ନିକଟରେ ବୃଦ୍ଧାଙ୍କ ମୃତଦେହ ମାଟିତଳେ ପୋତି ଦିଆଯାଇଥିବା ଜଣାପଡ଼ିଛି । ମୃତ ବୃଦ୍ଧା ଜଣକ କେନ୍ଦୁଗୁଡ଼ା ଗ୍ରାମର ରଇବାରୀ ସାନ୍ତା(୫୦) ବୋଲି ଜଣାପଡ଼ିଛି । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦୁଗୁଡ଼ା ଗ୍ରାମର ରଇବାରୀ ସାନ୍ତାଙ୍କୁ ଗ୍ରାମର କିଛି ଲୋକେ ଗତ ୭ ତାରିଖ ଦିନ ଘରୁ ଡାକିନେଇ ମାଡ଼ ମାରିବା ସହ କେଉଁ ଆଡ଼େ ନେଇ ଚାଲିଯାଇଥିଲେ । ଏନେଇ ରଇବାରୀ ସାନ୍ତାଙ୍କ ଝିଅ ବୁଟୁଲି ସାନ୍ତା କେନ୍ଦୁଗୁଡ଼ା ଗ୍ରାମର ସାରଧି ସାନ୍ତା, କଜୁଳୀ ସାନ୍ତା, ମୁଗୁରି ସାନ୍ତା, ଚମ୍ପା ସାନ୍ତାଙ୍କ ନାଁରେ ଝରିଗାଁ ଥାନାରେ ଅଭିଯୋଗ କରିଥିଲେ । ତେବେ ନିଖୋଜର ତିନିଦିନ ପରେ କାନଝରନ ନିକଟରେ ଥିବା ରଇବାରୀଙ୍କ ଜମିର ନାଳରେ ମୃତଦେହକୁ ପୋତି ଦେଇଥିବା ଦେଖିବାକୁ ପାଇଥିଲେ । ଝରିଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ସମୟରେ ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହକୁ ମାଟିତଳୁ ବାହାର କରାଯାଇଛି ।

Government of India

ମୋଦୀ ସରକାର ଙ୍କ ଗ୍ୟାରେଣ୍ଟି

ବିକଶିତ ଭାରତ ନିମନ୍ତେ ଆଧୁନିକ ରେଳବାଇ

ଟ. ୮୫ ହଜାର କୋଟି ରୁ ଅଧିକ ୬ ହଜାର ରେଳ ପ୍ରକଳ୍ପର ଶିଳାନ୍ୟାସ ଏବଂ ରାଷ୍ଟ୍ରକୁ ସମର୍ପଣ

ଶିଳାନ୍ୟାସ ଏବଂ ରାଷ୍ଟ୍ରକୁ ସମର୍ପଣ

- ୫୦ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର
- ୨୨୨ ରେଲୱେ ଗୁଡସ ସେଡ
- ୫୧ ଗତିଶକ୍ତି ମଲଟି ମଡେଲ କାର୍ଗୋ ଟର୍ମିନାଲ
- ୨୬୪୬ ଷ୍ଟେସନରେ ଡିଜିଟାଲ ନିୟନ୍ତ୍ରଣ
- ୩୫ ରେଲୱେ କାରଖାନା, ଲୋକୋ ସେଡ୍, ପିଟ ଲାଇନ୍/ କୋଚିଙ୍ଗ ଡିପୋ
- ୧୫୦୦ କିମିର ୧୦୦ ରେଳ ଖଣ୍ଡର ଦୋହରୀକରଣ/ ମଲ୍‌ଟି ଟ୍ରାକିଂ ଏବଂ ରେଳଧାରଣାର ସହଜିଆ ପରିବର୍ତ୍ତନ
- ୧୦୪୫ କିମିର ୮୦ଟି ରେଳଖଣ୍ଡରେ ସ୍ୱଚାଳିତ ସିଗନାଲିଂ ପ୍ରଣାଳୀ
- ୩୫ଟି ରେଳ କୋଚ୍ ରେସ୍ତୋରାଂ
- ୧୫୦୦ ରୁ ଅଧିକ ଏକ ଷ୍ଟେସନ, ଏକ ଉତ୍ପାଦ ଷ୍ଟଲ୍
- ୯୭୫ଟି ସୌର ଉର୍ଜା ସଂଚାଳିତ ଷ୍ଟେସନ/ ସେବା ଭବନ
- ୨୧୩୫ କିମି. ରେଳଖଣ୍ଡର ବିଦ୍ୟୁତିକରଣ
- ୪୦୧ କିମିର ନ୍ୟୁ ଖୁର୍ଜା- ସାନେଓ୍ୱାଲ୍ ଇଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡର ସେକ୍ସନ
- ୨୪୪ କିମିର ନ୍ୟୁ ମକରପୁରା- ନ୍ୟୁ ଘୋଲବାର ୱେଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡର ସେକ୍ସନ
- ଅହମଦାବାଦଠାରେ ଅପରେସନ୍ କଣ୍ଟ୍ରୋଲ୍ ସେଣ୍ଟର
- ଫଲ୍‌ଟନ୍- ବାରମତୀ ନୂତନ ରେଳ ଲାଇନ୍
- ୯ ଟି ବିଦ୍ୟୁତ ଟ୍ରାକ୍ସନ୍ ପ୍ରଣାଳୀର ଉନ୍ନତିକରଣ କାର୍ଯ୍ୟ

ବନ୍ଦେ ଭାରତ ରେଳ ସହିତ ଅନ୍ୟାନ୍ୟ ରେଳସେବାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ

- ମହୀଶୁର- ଚେନ୍ନାଇ
- ଲକ୍ଷ୍ନୌ- ଡେରାଡୁନ୍
- କଳବୁର୍ଗୀ- ବେଙ୍ଗାଲୁରୁ (ସାର୍ ଏମ. ବିଶେଶ୍ୱରାୟ ଟର୍ମିନାଲ୍)
- ରାଞ୍ଚି- ବାରାଣାସୀ
- ଦିଲ୍ଲୀ (ନିଜାମୁଦ୍ଦିନ୍)- ଖଜୁରାହୋ
- ସିକନ୍ଦରାବାଦ୍- ବିଶାଖାପାଟଣା
- ନ୍ୟୁ ଜଲପାଇଗୁଡି- ପାଟଣା
- ପାଟଣା- ଲକ୍ଷ୍ନୌ
- ଅହମ୍ମଦାବାଦ- ମୁମ୍ବାଇ ସେଣ୍ଟ୍ରାଲ୍
- ପୁରୀ- ବିଶାଖାପାଟଣା

ଏବଂ ଅନ୍ୟାନ୍ୟ ରେଳସେବା

ପ୍ରକଳ୍ପର ଲାଭ

- ଅତ୍ୟାଧୁନିକ ସୁରକ୍ଷାସେବା ସହିତ ଉଡାଜାହାଜ ପରି ଯାତ୍ରା ଅନୁଭବ
- ବନ୍ଦେ ଭାରତ ଏକ୍ସପ୍ରେସ୍ ରେ ଦ୍ରୁତ, ସମସ୍ୟାମୁକ୍ତ ଓ ଆରାମଦାୟକ ଯାତ୍ରା ଅନୁଭୂତି
- ଲଜିଷ୍ଟିକ୍ ନିବେଶରେ କମ୍ ଓ କ୍ଷେତ୍ରୀୟରେ ଅର୍ଥବ୍ୟବସ୍ଥାରେ ବୃଦ୍ଧି
- ଅହମ୍ମଦାବାଦ ଅପରେଶନ୍ କଣ୍ଟ୍ରୋଲ୍ ସେଣ୍ଟର ବିଶ୍ୱର ସବୁଠାରୁ ବୃହତ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟରେ ଅନ୍ୟତମ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତି ସହିତ ସଜ୍ଜିତ
- ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଯୋଜନା ଅଧିନରେ ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ୭୫ ପ୍ରତିଶତ ଶସ୍ତା ମୂଲ୍ୟରେ ଗୁଣବତ୍ତାଯୁକ୍ତ ଔଷଧର ଉପଲବ୍ଧତା ସୁନିଶ୍ଚିତ କରାଇବା ।
- ରେଳ ଆଭ୍ୟନ୍ତରୀଣ ବିଷୟ ଆଧାରିତ ରେଷ୍ଟୁରାଣ୍ଟରେ ମିଳିବ ଏକ ବିଶେଷ ଭୋଜନ ଅନୁଭୂତି

ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ଗରିମାମୟ ଉପସ୍ଥିତି

ଆଚାର୍ଯ୍ୟ ଦେବବ୍ରତ
ରାଜ୍ୟପାଳ, ଗୁଜରାଟ

ଭୂପେନ୍ଦ୍ର ଭାଇ ପଟେଲ୍
ମୁଖ୍ୟମନ୍ତ୍ରୀ, ଗୁଜରାଟ

ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ରୀୟ ରେଳ, ସଂଚାର ଏବଂ ଇଲେକ୍ଟ୍ରାନିକ୍ସ ଓ ସୁଚନା ପ୍ରଯୁକ୍ତି ମନ୍ତ୍ରୀ

ରାଓ ସାହେବ ପାଟିଲ୍ ଦାନଭେ
କେନ୍ଦ୍ରୀୟ ରେଳ, କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ

ଦର୍ଶାନା ଜାର୍ଦ୍ଦୋସ୍
କେନ୍ଦ୍ରୀୟ ରେଳ ଓ ବସ୍ତ୍ର ରାଷ୍ଟ୍ରମନ୍ତ୍ରୀ

ମଙ୍ଗଳବାର, ୧୨ ମାର୍ଚ୍ଚ, ୨୦୨୪ ପୂର୍ବାହ୍ନ ୦୮: ୦୦ ଘ.

DD NEWS ରେ ସିଧାପ୍ରସାରଣ ଦେଖନ୍ତୁ

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ଲୋକଙ୍କ ଅନୁରୋଧ ରଖିଲା ରେଳବାଇ

ପୁରୀ ନୁହେଁ; ଭୁବନେଶ୍ୱରରୁ ଗଡ଼ିବ ତୃତୀୟ ବନ୍ଦେ ଭାରତ

ଭୁବନେଶ୍ୱର, ୧୧।୩ (ସମିସ): ପୁରୀ ନୁହେଁ, ଭୁବନେଶ୍ୱରରୁ ବିଶାଖାପାଟଣା ଗଡ଼ିବ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍। ପୁରୀ-ବିଶାଖାପାଟଣା ମଧ୍ୟରେ ୧୨ ତାରିଖ (ମଙ୍ଗଳବାର)ଠାରୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଗଡ଼ିବ ବୋଲି ରେଳବାଇ ଘୋଷଣା କରିଥିଲା। ତେବେ ପୁରୀ ବଦଳରେ ଭୁବନେଶ୍ୱରରୁ ଏହି ବନ୍ଦେ ଭାରତ ଟ୍ରେନ୍ ଚଳାଇବା ପାଇଁ ବିଭିନ୍ନ ମହଲରୁ ସ୍ୱର ଉଠିଥିଲା। ପୁରୀରୁ ଏହି ଟ୍ରେନ୍ ଖୋର୍ଦ୍ଧା ଦେଇ ବିଶାଖାପାଟଣା ଗଲେ ଯାତ୍ରୀ ସଂଖ୍ୟା କମ୍ ରହିବ। ଭୁବନେଶ୍ୱରରୁ ଚାଲିଲେ, ବହୁ ଲୋକ ଉପକୃତ ହୋଇପାରିବେ ବୋଲି ବହୁ ଲୋକ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ। ତେବେ ଲୋକଙ୍କ ଅନୁରୋଧ ରକ୍ଷା କରି ପୁରୀ ବଦଳରେ ଭୁବନେଶ୍ୱର-ବିଶାଖାପାଟଣା ମଧ୍ୟରେ ବନ୍ଦେ ଭାରତ ଚଳାଇବା ପାଇଁ ନିଷ୍ପତ୍ତି ହୋଇଛି। ନୂଆ ସମୟ ସାରଣୀ ଅନୁସାରେ, ଭୁବନେଶ୍ୱର ଓ ବିଶାଖାପାଟଣା ମଧ୍ୟରେ ଏହି ଟ୍ରେନ୍ ଖୋର୍ଦ୍ଧାରୋଡ୍, ବାଲୁଗାଁ, ବ୍ରହ୍ମପୁର, ଇଚ୍ଛାପୁରମ୍, ପଲାସା, ଶ୍ରୀକାକୁଲମ୍ ରୋଡ୍ ଏବଂ ବିଜୟନଗରମ୍‌ଠାରେ ରହଣି କରିବ। ଏହି ବନ୍ଦେ ଭାରତରେ ସମୁଦାୟ ୮ଟି କୋଚ୍ ରହିଛି ଏବଂ ସୋମବାର ବ୍ୟତୀତ ଅନ୍ୟ ସମସ୍ତ ଦିନରେ ଏହା ଚଳାଚଳ କରିବ। ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଏହି ଟ୍ରେନ୍‌ର ଲୋକାର୍ପଣ କରିବେ। ଏହା ପୂର୍ବରୁ ପୁରୀ-ହାୱଡ଼ା ଏବଂ ପୁରୀ-ରାଉରକେଲା ମଧ୍ୟରେ ଗୋଟିଏ ଲେଖାଏଁ ବନ୍ଦେ ଭାରତ ଚଳାଚଳ କରୁଛି।

ଉପାନ୍ତରୁ ଉପକୂଳ

'ନବୀନ' ଓଡ଼ିଶାର ସ୍ୱର୍ଣ୍ଣିମ ରୂପାନ୍ତରଣ

- ଯୋଡ଼ାରେ ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭରକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
- ଧାର୍ମିକ ପୀଠ ରୂପାନ୍ତରଣରେ ସାମିଲ ହେଲା ବଲାଙ୍ଗିରର ପ୍ରସିଦ୍ଧ ହରିଶଙ୍କର ମନ୍ଦିର
- ଖୋର୍ଦ୍ଧା ଜଟଣୀ କୁଦିଆରୀରେ ୭୬୨ ମିଟର ଦୈର୍ଘ୍ୟବିଶିଷ୍ଟ ରେଳ ଓଭରବ୍ରିଜ
- ଆଠମଲ୍ଲିକ-ଧଳପୁର ରାସ୍ତାରେ ମହାନଦୀ ଉପରେ ଓଡ଼ିଶାର ଦୀର୍ଘତମ ସେତୁ
- ନେମାଳ ଅଚ୍ୟୁତାନନ୍ଦ ପୀଠ ଓ ଖୋର୍ଦ୍ଧାରେ ଉଗ୍ରତାରା ମନ୍ଦିର ରୂପାନ୍ତରଣ ଶିଳାନ୍ୟାସ
- ବୌଦ୍ଧ ଜିଲ୍ଲାର ବାଉଁଶୁଣୀ-ବୀରମହାରାଜପୁର ରାସ୍ତାର ମହାନଦୀରେ ହେବ ସେତୁ
- ଉନ୍ନୟନ କାମରେ ସହଯୋଗ ପାଇଁ ସ୍ଥାନୀୟ ଲୋକଙ୍କୁ 'ୟ-ଟି'ଅଧ୍ୟକ୍ଷଙ୍କ ପ୍ରଶଂସା

ଭୁବନେଶ୍ୱର,୧୧।୩(ସମିସ): ରାଜ୍ୟରେ ଚାଲିଛି ରୂପାନ୍ତରଣର ଧାରା। 'ନବୀନ' ଓଡ଼ିଶାର ଏହି ନବ ରୂପାନ୍ତରରେ ସାମିଲ ହୋଇଛି ସାରା ରାଜ୍ୟ। ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ଖେଳେଇ ହୋଇ ଯାଇଛି ବିକାଶର କିରଣ। ରାଜ୍ୟର ଜାରି ରହିଥିବା ରୂପାନ୍ତରଣ ଏବଂ ଭିତ୍ତିଭୂମି ବିକାଶରେ ଆଜି ଯୋଡ଼ି ହୋଇଛି ଆଉ ଏକ ସୁବର୍ଣ୍ଣ ଅଧ୍ୟାୟ। ବଲାଙ୍ଗିର, କେନ୍ଦୁଝର, ଖୋର୍ଦ୍ଧା ଓ ବୌଦ୍ଧ ଜିଲ୍ଲାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବଲାଙ୍ଗିର ଜିଲ୍ଲାର ହରିଶଙ୍କର ମନ୍ଦିରର ରୂପାନ୍ତରଣ, ୨୫୮.୭୮ କୋଟି ଟଙ୍କା ବ୍ୟୟରେ କେନ୍ଦୁଝର ଜିଲ୍ଲା ଯୋଡ଼ାରେ ନିର୍ମିତ ୩ କିଲୋମିଟର ବିଶିଷ୍ଟ ଓଡ଼ିଶାର ଦୀର୍ଘତମ ଫ୍ଲାଏ-ଓଭର, ଖୋର୍ଦ୍ଧା ଜିଲ୍ଲାର କୁଦିଆରିରେ ୧୦୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭୬୨ ମିଟର ଦୈର୍ଘ୍ୟବିଶିଷ୍ଟ ରେଳ ଓଭର-ବ୍ରିଜ, ଆଠମଲ୍ଲିକ-ଧଳପୁର ରାସ୍ତାରେ ମହନଦୀ ଉପରେ ୧୫୯.୩୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୩ କିଲୋମିଟର ପରିବ୍ୟାପ୍ତ ରାଜ୍ୟର ଦୀର୍ଘତମ ସେତୁକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ସେହିପରି ରାକଡୋର- ଫସାଦ ରାସ୍ତାରେ ତେଲ ନଦୀ ଉପରେ ୪୫.୮୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ସେତୁ, ୭୧.୫୯ କୋଟି ଟଙ୍କା ବ୍ୟୟରେ ବୌଦ୍ଧ-ମର୍ଯ୍ୟାକୁଦ ସଂଯୋଗୀ ରାସ୍ତାରେ ମହାନଦୀ ଉପରେ ସେତୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଆଜି ଅନେକଗୁଡ଼ିଏ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରିଛନ୍ତି। କଟକ ଜିଲ୍ଲା ନେମାଳଠାରେ ୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ପୀଠ, ୩୨.୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ଖୋର୍ଦ୍ଧା ମା' ଉଗ୍ରତାରା ଶକ୍ତିପୀଠର ଉନ୍ନତିକରଣ କାର୍ଯ୍ୟ, ୧୫୫.୭୨ କୋଟି ଟଙ୍କା ବ୍ୟୟ ଅଟକଳରେ ବୌଦ୍ଧ ଜିଲ୍ଲାର ବାଉଁଶୁଣୀ-ବୀରମହାରାଜପୁର ସଂଯୋଗୀକରଣ ରାସ୍ତାରେ ମହାନଦୀ ଉପରେ ୧୭୩୮ ମିଟର ଦୈର୍ଘ୍ୟବିଶିଷ୍ଟ ସେତୁ ନିମନ୍ତେ ମୁଖ୍ୟମନ୍ତ୍ରୀ ଶୁଭ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫-ଟି ଉପକ୍ରମରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପ ଗୁଡ଼ିକ ପର୍ଯ୍ୟଟନ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡ଼ିଶାର ଏକ ପ୍ରମୁଖ ପୀଠ ହେଉଛି ହରିଶଙ୍କର। ଐତିହ୍ୟ, ସ୍ମାରକୀ ଏବଂ ପର୍ଯ୍ୟଟନ ସ୍ଥଳର ସମନ୍ୱିତ ବିକାଶ ଯୋଜନାରେ ହୋଇଥିବା ଏହି ପୀଠର ରୂପାନ୍ତରଣ କାର୍ଯ୍ୟ ଏଠାକୁ ଆସୁଥିବା ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇବାରେ ସଫଳ ହେବା ସହ ଅଞ୍ଚଳବାସୀଙ୍କ ଆର୍ଥିକ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି ଯେ ସଂସ୍କୃତି ଗୋଟିଏ ଜାତିର ଅସ୍ମିତାର ପରିଚୟ। ଏହାର ସୁରକ୍ଷା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ। କଟକ ଜିଲ୍ଲାର ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠ ଏବଂ ଖୋର୍ଦ୍ଧା ଜିଲ୍ଲାର ମା' ଉଗ୍ରତାରା ପୀଠର ରୂପାନ୍ତରଣ ପାଇଁ ଆଜି ଭିତ୍ତି ଦିଆଗଲା। ଏହି ମହାନ ପୀଠ ଗୁଡିକର ବିକାଶ ଦ୍ୱାରା ଓଡ଼ିଆ ଜାତିର ଭାବଗତ ବନ୍ଧନ ଆହୁରି ମଜବୁତ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ସେହିପରି କେନ୍ଦୁଝରର ଯୋଡ଼ାଠାରେ ରାଜ୍ୟର ସବୁଠାରୁ ବଡ ଫ୍ଲାଏ ଓଭର, ଜଟଣୀଠାରେ ରେଳ ଓଭରବ୍ରିଜ, ତେଲ ନଦୀ ଉପରେ ହାଇ ଲେଭଲ ସେତୁ, ମର୍ଯ୍ୟାକୁଦ ରାସ୍ତା ହାଇ ଲେଭଲ ସେତୁ ଏବଂ ଆଠମଲ୍ଲିକ-ଧଳପୁର ରାସ୍ତାରେ ସବୁଠାରୁ ବଡ ସେତୁ ଉଦ୍‌ଘାଟନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହିସବୁ ପ୍ରକଳ୍ପ ଆମର ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ମଜବୁତ୍ କରିବା ସହିତ ଯାତ୍ରା ସମୟକୁ ମଧ୍ୟ ହ୍ରାସ କରିବ। ଏହି ସବୁ ପ୍ରକଳ୍ପ ଦ୍ୱାରା ଲକ୍ଷ ଲକ୍ଷ ଲୋକ ଉପକାର ପାଇବେ। ଯୋଗାଯୋଗ ହେଉଛି ସମୃଦ୍ଧିର ଆଧାର। 'ୟ-ଟି' ଉପକ୍ରମରେ ଆଜି ରାଜ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆସିଛି ଏବଂ ଏହା ବିକାଶର ମାର୍ଗକୁ ପ୍ରଶସ୍ତ କରିଛି। ବିକାଶର ଏହି ଯାତ୍ରାରେ ରାଜ୍ୟବାସୀଙ୍କ ପୂର୍ଣ୍ଣ ସହଯୋଗ ଆମକୁ ଶକ୍ତି ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି 'ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା' ଗଠନ ପାଇଁ ଏହି ସହଯୋଗ ଜାରି ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମର ସଂଯୋଜନା କରିଥିବା 'ୟ-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ କମ୍ ସମୟ ମଧ୍ୟରେ ବାବା ହରିଶଙ୍କରଙ୍କ ପୀଠ ରୂପାନ୍ତରଣ କାର୍ଯ୍ୟ ସମସ୍ତଙ୍କ ସହଯୋଗରେ ସୁନ୍ଦର ଭାବରେ ସମ୍ପୂର୍ଣ୍ଣ ହୋଇଛି। ଯୋଡାଠାରେ ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭର ନିର୍ମାଣରେ ପୂର୍ତ୍ତ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମୁଖ୍ୟମନ୍ତ୍ରୀ ନେମାଳବାସୀଙ୍କ ଅନୁରୋଧ ରକ୍ଷା କରି ଅଚ୍ୟୁତାନନ୍ଦ ଗାଦି ଓ ପୀଠର ରୂପାନ୍ତରଣ ନିମନ୍ତେ ଅର୍ଥ ମଞ୍ଜୁର କରିଛନ୍ତି, ଉଗ୍ରତାରା ପୀଠ ଉନ୍ନତିକରଣର ଶିଳାନ୍ୟାସ କରାଯାଇଛି। ଖୁବ୍ ଶୀଘ୍ର ଏହି କାମ ସବୁ ଆରମ୍ଭ ହେବ ଏବଂ ଏଥିରେ ସ୍ଥାନୀୟ ଜନସାଧାରଣ ସହଯୋଗ କଲେ ତାହା ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବୌଦ୍ଧରେ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଖୋର୍ଦ୍ଧାରେ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପାଟଣାଗଡ଼ରେ ବିଧାୟକ ସରୋଜ କୁମାର ମେହେର, ଚମ୍ପୁଆରେ ବିଧାୟିକା ମିନାକ୍ଷୀ ମହନ୍ତ, ନେମାଳରେ ବିଧାୟକ ଚନ୍ଦ୍ର ସାରଥୀ ବେହେରା, ମାହାଙ୍ଗାରେ ବିଧାୟକ ପ୍ରତାପ ଜେନା, ଖୋର୍ଦ୍ଧାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜିକା ଶ୍ରୀମୟୀ ଶ୍ୱେତସ୍ମିଗ୍ଧା ମିଶ୍ର ଯୋଗଦେଇ ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିବା ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏପରି ଜଣେ ମୁଖ୍ୟମନ୍ତ୍ରୀଙ୍କୁ ପାଇ ଓଡ଼ିଶାବାସୀ ଆଜି ଗର୍ବିତ। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦିଗ୍‌ଦର୍ଶନରେ କାର୍ଯ୍ୟକାରୀ ହେଉଥିବା ରୂପାନ୍ତରଣକୁ ସମଗ୍ର ବିଶ୍ୱ ଦେଖୁଛି। ଓଡ଼ିଶାକୁ ଏକ ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଏବଂ ଓଡ଼ିଶାବାସୀ କିଭଳି ଭଲରେ ରହିବେ ସେହି ଚିନ୍ତା କରି ମୁଖ୍ୟମନ୍ତ୍ରୀ ଏଭଳି ଯୁଗାନ୍ତକାରୀ ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ ଓ ବିଧାୟକମାନେ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ।

ଅବଦୁଲ୍ କଲାମ ଦ୍ୱୀପରୁ 'ଅଗ୍ନି-୫'ର ସଫଳ ପରୀକ୍ଷଣ

- ଟ୍ରାକ୍ କରିବାରେ ବିଫଳ ହେବ ଶତ୍ରୁପକ୍ଷ ସାଟେଲାଇଟ୍
- ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ

ବାଲେଶ୍ୱର, ୧୧।୩(ସମିସ): ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଇଣ୍ଟର-କଣ୍ଟିନେଣ୍ଟାଲ ବାଲାଷ୍ଟିକ କ୍ଷେପଣାସ୍ତ୍ର 'ଅଗ୍ନି-୫'ର ସଫଳ ପରୀକ୍ଷଣ କରାଯାଇଛି। ଚୀନ୍ ଓ ପାକିସ୍ତାନ ସହ ବିଶ୍ୱର ଅନେକ ଦେଶ ଉପରେ ଆକ୍ରମଣ କରିପାରିବାର କ୍ଷମତା ରଖିଛି ଅଗ୍ନି-୫ ମିସାଇଲ। ଉତ୍କ୍ଷେପଣ ପରେ ଏହି ମିସାଇଲ ବାୟୁମଣ୍ଡଳରୁ ଊର୍ଦ୍ଧ୍ୱକୁ ଯାଇ ପୁଣି ବାୟୁମଣ୍ଡଳକୁ ପ୍ରବେଶ କରିଥାଏ। ସେହିଠାରୁ ଏକାଧିକ ଟାର୍ଗେଟ୍‌କୁ ଧ୍ୱଂସ କରିପାରିବାର କ୍ଷମତା ଏହା ପାଖରେ ରହିଛି। ବାୟୁମଣ୍ଡଳରୁ ଊର୍ଦ୍ଧ୍ୱକୁ ଉଠିପାରୁଥିବାରୁ ଶତ୍ରୁପକ୍ଷ ସାଟେଲାଇଟ୍ ଏହି କ୍ଷେପଣାସ୍ତ୍ରକୁ ଟ୍ରାକ୍ କରିବାରେ ବିଫଳ ହେବ ବୋଲି ଜଣାଯାଇଛି। ଏହାସହ ଏହି କ୍ଷେପଣାସ୍ତ୍ରରେ ୧୫ଶହ କେଜି ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇପାରିବ। ଏହା ଉତ୍କ୍ଷେପଣ ସ୍ଥାନଠାରୁ ୫ ଏମ୍‌ବିପିଏସ୍ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ୍‌କୁ ହିଟ୍ କରିପାରିବ ବୋଲି ଜଣାଯାଇଛି। ଏହାର ଓଜନ ୫୬ଶହ କିଲୋଗ୍ରାମ ଥିବା ବେଳେ ଲମ୍ବ ୧୭.୫ ମିଟର ଓ ମୋଟେଇ ୨ ମିଟର ରହିଛି। ଅଗ୍ନି-୫ ଘଣ୍ଟା ପ୍ରତି ୩୦,୬୦୧ କିଲୋମିଟର ବେଗରେ ଗତି କରି ଶତ୍ରୁପକ୍ଷକୁ ଧ୍ୱଂସ କରିପାରିବା କ୍ଷମତା ରଖିଛି। ଏହା ଶବ୍ଦଠାରୁ ୨୪ଗୁଣା ଅଧିକ ଗତିରେ ଯାଇ ଟାର୍ଗେଟ୍‌କୁ ଆକ୍ରମଣ କରିଥାଏ। ଏଥିରେ ରିଙ୍ଗ ଲେଜର ଗାଇରସ୍କୋପ ଇନ୍ସିୟିରଲ ନେଭିଗେସନ ସିଷ୍ଟମ, ଜିପିଏସ, ନେଭିକ ସେଟଲାଇଟ୍ ଓ ଗାଇଡେଣ୍ଟସ ସିଷ୍ଟମ ଲାଗିଛି। ତେଣୁ ଏହା ଟାର୍ଗେଟକୁ ସଠିକ ଭାବେ ଆକ୍ରମଣ କରି ଧ୍ୱଂସ କରିପାରିବ। ଯଦି ଟାର୍ଗେଟ ନିଜର ସ୍ଥାନ ବଦଳାଇ ୧୦ରୁ ୮୦ମିଟର ପର୍ଯ୍ୟନ୍ତ ଚାଲି ଯାଇଥାଏ, ତାହେଲେ ମଧ୍ୟ ଏହା ଟାର୍ଗେଟ୍‌କୁ ଧ୍ୱଂସ କରିପାରିବ। ଏହି ମିସାଇଲ ଗୋଟିଏ ସେକେଣ୍ଡରେ ୮.୧୬କିମି ଦୂରତ୍ୱ ଅତିକ୍ରମ କରିପାରିବ। ଷ୍ଟ୍ରାଟ୍ରେଜିକ୍ ଫୋର୍ସ କମାଣ୍ଡ ଦ୍ୱାରା ଆଜିର ଏହି ସଫଳ ପରୀକ୍ଷଣକୁ ନେଇ ଡିଆରଡିଓ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିବା କୁହାଯାଇଛି। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓର ବୈଜ୍ଞାନିକ, ଇଞ୍ଜିନିୟର ଓ ବରିଷ୍ଠ ଅଧିକାରୀମାନଙ୍କୁ ପ୍ରଶଂସା କରିଛନ୍ତି।

ଲାଞ୍ଚ ନେଇ ଧରାପଡ଼ିଲେ ଏଫ୍‌ଆର୍‌ଏ

ଜଙ୍ଗଲ ଜମି ପଟ୍ଟା କରିଦେବା ପାଇଁ ୮ ହଜାର ନେଉଥିଲେ

ଭୁବନେଶ୍ୱର/ସମ୍ବଲପୁର, ୧୧।୩ (ସମିସ): ଭିଜିଲାନ୍ସ ଜାଲରେ କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜଙ୍ଗଲ ଜମି ବିଭାଗର ସଂଯୋଜିକା(ଏଫ୍‌ଆରଏ) ନିଘତ ପରୱିନ୍ ଓରଫ୍ ରୋଜା। ଜଙ୍ଗଲ ଜମି ପଟ୍ଟା କରିଦେବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କ ନାମରେ ମାମଲା ରୁଜୁ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଅପରପକ୍ଷେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ସମ୍ବଲପୁର, କୁଚିଣ୍ଡା ଥାନା ୱାର୍ଡ ନଂ-୫ସ୍ଥିତ ଘରେ ଚଢ଼ଉ କରିଥିଲା। ଜଙ୍ଗଲ ଜମି ପଟ୍ଟା ଦେବା ପାଇଁ ନିଘତ କିଛି ବ୍ୟକ୍ତିଙ୍କୁ ୨୩ ହଜାର ଟଙ୍କା ମାଗିଥିଲେ। ସେମାନେ ୧୫ ହଜାର ଟଙ୍କା ଦେଇଥିଲେ। କିନ୍ତୁ ବାକି ୮ ହଜାର ଟଙ୍କା ନଦେଲେ କାମ ହେବ ନାହିଁ ବୋଲି ନିଘତ ସଫାସଫା ମନା କରିଦେଇଥିଲେ। ତେଣୁ ସେମାନଙ୍କ ମଧ୍ୟରୁ ଜଣେ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ନିଘତଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ଉକ୍ତ ବ୍ୟକ୍ତିଜଣଙ୍କ ନିଘତଙ୍କ କାର୍ଯ୍ୟାଳୟରେ ତାଙ୍କୁ ଲାଞ୍ଚ ଟଙ୍କା ଦେଉଥିବା ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ।

ଲୋକକଥା

ମେଣ୍ଟ ପାଇଁ ଯେତେ କଥା ଉଠୁଅଛି
କେତେ ସତ କେତେ ମିଛ,
ଚର୍ଚ୍ଚାରେ ଚର୍ଚ୍ଚାରେ ନେତାଠାରୁ କର୍ମୀ
କିଏ ଆଗ କିଏ ପଛ ।
ସ୍ଥିତି ହୋଇଯାଉ ସ୍ୱଚ୍ଛ
ରାଜ୍ୟର ପ୍ରଗତି ଧ୍ୟେୟ ହିଁ ଆମର
ଆଉ ସବୁ ଜାଣ ତୁଚ୍ଛ ॥

ନିର୍ବାଚନ ପାଇଁ ସୁରକ୍ଷା କର୍ମୀଙ୍କ ସଜବାଜ

ପହରା ଦେବେ ୭୫ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ

- ସୁରକ୍ଷିତ ହେବ ଯବାନଙ୍କ ପାଟ୍ରୋଲିଂ
- ଯବାନଙ୍କ ଗାଡ଼ିରେ ଲାଗିବ ଜିପିଏସ୍
- ଚାଲିଛି କେନ୍ଦ୍ରୀୟ ପୁଲିସର ଫ୍ଲାଗମାର୍ଚ୍ଚ

ଭୁବନେଶ୍ୱର, ୧୧।୩ (ସମିସ): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଏବେଠୁ କସରତ ଆରମ୍ଭ ହୋଇଗଲାଣି। ଆଗାମୀ କିଛି ଦିନ ମଧ୍ୟରେ ନିର୍ବାଚନ କମିସନ୍ ନିର୍ବାଚନ ତାରିଖ ଘୋଷଣା କରିପାରନ୍ତି। ଓଡ଼ିଶାରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ଏକାସାଙ୍ଗରେ ହେବାକୁ ଥିବାରୁ ଏଠାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଉଛି। ସୁରକ୍ଷାରେ ଯେପରି କୌଣସି ପ୍ରକାର ତ୍ରୁଟିବିଚ୍ୟୁତି ନ ରହିବ, ସୁରକ୍ଷା ବାହିନୀ ପକ୍ଷରୁ ସଜବାଜ ଆରମ୍ଭ ହୋଇଗଲାଣି। ସ୍ୱଚ୍ଛ, ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ରାଜ୍ୟରେ ୭୫ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ ମୁତୟନ ହୋଇଛନ୍ତି। ଏଥିରେ ୩୫ କମ୍ପାନୀ ସିଆର୍‌ପିଏଫ୍, ୩୫କମ୍ପାନୀ ବିଏସ୍‌ଏଫ୍ ଓ ୫କମ୍ପାନୀ ସିଆଇଏସ୍‌ଏଫ୍ ମୁତୟନ ହୋଇ

ଟି-୨୦ ବିଶ୍ୱକପ୍ ଖେଳିବେନି ସାମି

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ଲାଗୁହେଲା ସିଏଏ

ବିଦେଶାଗତ ଅଣମୁସ୍‌ଲିମ୍‌ଙ୍କୁ ଭାରତୀୟ ନାଗରିକତ୍ୱ

■ **ନୂଆଦିଲ୍ଲୀ,୧୧ମାର୍ଚ୍ଚ(ଏଜେନ୍ସି):** ବହୁ ଚର୍ଚ୍ଚିତ ନାଗରିକ ସଂଶୋଧନ ଆଇନ(ସିଏଏ) ସାରା ଦେଶରେ ଲାଗୁ ହୋଇଛି।ଏଥିପାଇଁ କେନ୍ଦ୍ର ସରକାର ସୋମବାର ବିଜ୍ଞପ୍ତି ଜାରି କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ଏହି ଆଇନ ଲାଗୁ କରାଯିବା ନେଇ ସୂଚନା ଦିଆଯାଇଛି। ଏହାଦ୍ୱାରା ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶ ଆଦି ଦେଶରୁ ନିର୍ଯାତିତ ହୋଇ ଭାରତରେ ଶରଣାର୍ଥୀ ଜୀବନ ବିତାଉଥିବା ହିନ୍ଦୁ, ଶିଖ, ଜୈନ, ବୌଦ୍ଧ. ପାର୍ସି ଏବଂ ଖ୍ରୀଷ୍ଟିଆନମାନଙ୍କୁ ସ୍ଥାୟୀ ନାଗରିକତ୍ୱ ମିଳିବ। ଏହି ସଂପ୍ରଦାୟର ଯେଉଁମାନେ ଉପରୋକ୍ତ ତିନି ଦେଶରୁ ଆସି ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ପହଞ୍ଚିଥିଲେ ଏବଂ ଏଠାରେ ସ୍ଥାୟୀ ନାଗରିକତ୍ୱ ଚାହୁଁଥିଲେ, ସେମାନଙ୍କୁ ଏଣିକି ନାଗରିକତ୍ୱ ପ୍ରଦାନ କରାଯିବ। ଏହାପରେ ମଧ୍ୟ ଭାରତ ଆସିଥିବା ଲୋକମାନେ ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିପାରିବେ। ଏଥିପାଇଁ କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ସମସ୍ତ ଦିଗରେ କାର୍ଯ୍ୟ ଶେଷ କରାଯାଇଛି। ସାଧାରଣ ପ୍ରକ୍ରିୟା ବ୍ୟତୀତ ବିଦେଶାଗତ ହିନ୍ଦୁ କିମ୍ବା ଶିଖମାନେ ଅନଲାଇନ ବ୍ୟବସ୍ଥାରେ ମଧ୍ୟ ଆବେଦନ କରିପାରିବେ। ଏଥିପାଇଁ ଗୃହ ମନ୍ତ୍ରାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ଏକ ପୋର୍ଟାଲ ବ୍ୟବସ୍ଥା କରାଯାଇଛି। ଯେଉଁମାନେ ବିଦେଶରୁ ଆସି ଭାରତରେ ରହୁଛନ୍ତି ସେମାନେ କେବେ ଭାରତରେ ପ୍ରବେଶ କଲେ ତାହା ଉଲ୍ଲେଖ କରିବାକୁ ପଡ଼ିବ। ତେବେ ଭାରତ ଗସ୍ତଜନିତ କୌଣସି ଦସ୍ତାବିଜ୍ ଦେବାକୁ ପଡ଼ିବ ନାହିଁ। କିନ୍ତୁ ସିଏଏ ଆଇନ ଅନୁସାରେ ଏହି ସବୁ ଦେଶରୁ ଆସିଥିବା କୌଣସି ମୁସଲମାନମାନଙ୍କୁ ଭାରତରେ ନାଗରିକତା ମିଳିବ ନାହିଁ କି ସେମାନଙ୍କୁ ଏହି ଆଇନରେ ସାମିଲ କରାଯିବ ନାହିଁ।

ଆଇନ କାର୍ଯ୍ୟକାରିତା ନେଇ ଘୋଷଣା କଲେ କେନ୍ଦ୍ର ସରକାର

ଗୃହ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରୀ

୨୦୧୪ ଡିସେମ୍ବରର ୩୧ ପୂର୍ବର ଶରଣାର୍ଥୀଙ୍କୁ ମିଳିବ ଭାରତୀୟ ମାନ୍ୟତା

ଉଲ୍ଲେଖଯୋଗ୍ୟ ଯେ, ସିଏଏ ଲାଗୁ କରିବାକୁ ୨୦୧୯ ନିର୍ବାଚନରେ ବିଜେପି ପ୍ରତିଶ୍ରୁତି ଦେଇଥିଲା। ଏହି ବର୍ଷ ଦଳର ନିର୍ବାଚନୀ ଏଜେଣ୍ଡା ମଧ୍ୟରୁ ସିଏଏ ଏକ ପ୍ରମୁଖ ବିଷୟ ହୋଇଥିଲା। ପ୍ରାୟ ୪ ବର୍ଷରୁ ଅଧିକ ସମୟ ଧରି ଏହି ବିବାଦୀୟ ଆଇନକୁ ନେଇ ବିତର୍କ ଲାଗି ରହିଥିଲା। ତେବେ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ନିଜର ପ୍ରତିଶ୍ରୁତି ରକ୍ଷା କରିବା ସ୍ୱରୂପ ସିଏଏ ଲାଗୁ କରିଛନ୍ତି। ୨୦୧୯ ଡିସେମ୍ବର ୯ ତାରିଖରେ ନାଗରିକ ସଂଶୋଧନ ବିଲ୍ ଲୋକସଭାରେ ଅନୁମୋଦନ ଲାଭ କରିବାର ଦୁଇ ଦିନ ପରେ ରାଜ୍ୟସଭାରେ ମଧ୍ୟ ବହୁ ମତରେ ପାରିତ ହୋଇଥିଲା। ପରେ ପରେ ସେହି ବର୍ଷ ଡିସେମ୍ବର ୧୨ ତାରିଖରେ ଏହି ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇଥିଲା। କିନ୍ତୁ ସିଏଏ ଆଇନରେ ପରିଣତ ହେବା ପରେ ଏହାକୁ ▶ପୃଷ୍ଠା-୯

'କାଳିଆ' ଅବଧି ଆଉ ୩ ବର୍ଷ ବୃଦ୍ଧି; ଖର୍ଚ୍ଚ ହେବ ୬୦୩୦ କୋଟି

୬୪ ଲକ୍ଷ ଚାଷୀଙ୍କୁ ୧୨୯୩ କୋଟି ସହାୟତା

୪୬ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୯୩୩ କୋଟି ଟଙ୍କା 'କାଳିଆ' ରାଶି

୧୮ ଲକ୍ଷ ଭୂମିହୀନ ଚାଷୀ ପରିବାରକୁ ଖରିଫ ପାଇଁ ଅତିରିକ୍ତ ୨୦୦୦ ଟଙ୍କା

ବାହାର ରାଜ୍ୟରେ ପଢୁଥିବା ରାଜ୍ୟର ଚାଷୀ ଘର ପିଲାଙ୍କୁ 'କାଳିଆ' ଛାତ୍ରବୃତ୍ତି

ଚାଷୀଙ୍କୁ କୃଷିରେ ବୈଷୟିକ ସହାୟତା ଲାଗି ୩୦ ଜିଲ୍ଲାରେ 'କାଳିଆ' କେନ୍ଦ୍ର

■ **ଭୁବନେଶ୍ୱର, ୧୧ମାର୍ଚ୍ଚ (ସମିସ):** ରାଜ୍ୟରେ 'କାଳିଆ' ଯୋଜନାର ଅବଧିକୁ ଆଉ ୩ ବର୍ଷ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଯୋଜନା ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚାଲିବ ଏବଂ ରାଜ୍ୟ ସରକାର ଏଥିପାଇଁ ୬୦୩୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଗୋଟିଏ ଦିନରେ ରାଜ୍ୟର ୬୪ ଲକ୍ଷ ଚାଷୀଙ୍କୁ ୧୨୯୩ କୋଟି ଟଙ୍କା ବଣ୍ଟନ କରିବା ଅବସରରେ ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଜି ମୁଖ୍ୟମନ୍ତ୍ରୀ ରାଜ୍ୟର ୪୬ ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ୯୩୩ କୋଟି ଟଙ୍କା 'କାଳିଆ' ସହାୟତା ଓ ରାଜ୍ୟର ୧୮ ଲକ୍ଷ ଭୂମିହୀନ ଚାଷୀ ପରିବାରକୁ ଖରିଫ ଋତୁ ପାଇଁ ଅତିରିକ୍ତ ଦୁଇ ହଜାର ଟଙ୍କା ଲେଖାଏଁ ମୋଟ ୩୬୦ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନୁରୂପ ଭାବରେ ଚାଷୀ ଭାଇଭଉଣୀମାନଙ୍କୁ କୃଷି କାର୍ଯ୍ୟରେ ବୈଷୟିକ ସହାୟତା ପ୍ରଦାନ କରିବା ପାଇଁ ସବୁ ▶ପୃଷ୍ଠା-୯

ଚାଷୀଙ୍କ ଖୁସିରେ ମୁଁ ଖୁସି, ଚାଷୀ ଭାଇଙ୍କ ସମୃଦ୍ଧି ହିଁ ରାଜ୍ୟର ସମୃଦ୍ଧି: ମୁଖ୍ୟମନ୍ତ୍ରୀ'

ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା ଦେବାରେ ଓଡ଼ିଶା ପ୍ରଥମ: ପାଣ୍ଡିଆନ

ଦେଶର ଏକମାତ୍ର ରାଜ୍ୟ ଭାବରେ ଭୂମିହୀନ ଚାଷୀଙ୍କୁ ଓଡ଼ିଶା ସରକାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ମୁଖ୍ୟମନ୍ତ୍ରୀଙ୍କ 'କାଳିଆ' ସହାୟତା ପ୍ରଦାନ କାର୍ଯ୍ୟକ୍ରମର ସଂଯୋଜନା କରି ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ୨୦୧୯ ମସିହାରେ ମୁଖ୍ୟମନ୍ତ୍ରୀ ଏହି ଐତିହାସିକ 'କାଳିଆ' ଯୋଜନାର ▶ପୃଷ୍ଠା-୯

ମିଶନ ଶକ୍ତି କର୍ମକର୍ତ୍ତାଙ୍କୁ ଆଉ ୫୦୦ ବର୍ଦ୍ଧିତ ଦେୟ

■ **ଭୁବନେଶ୍ୱର, ୧୧ମାର୍ଚ୍ଚ (ସମିସ):** ମିଶନ ଶକ୍ତି କାର୍ଯ୍ୟକ୍ରମର ପଞ୍ଚାୟତ ଓ ବ୍ଲକସ୍ତରୀୟ ଫେଡେରେସନର କର୍ମକର୍ତ୍ତାମାନଙ୍କର ବୈଠକ ଦେୟ ୫୦୦ ଟଙ୍କା ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବ୍ଲକସ୍ତରୀୟ ଫେଡେରସନର ସଭାପତି ଓ ସମ୍ପାଦକମାନେ ବୈଠକ ପାଇଁ ପୂର୍ବରୁ ୪ ହଜାର ଟଙ୍କା ପାଉଥିବା ବେଳେ ଏବେ ୪୫୦୦ ଟଙ୍କା ପାଇବେ। ସେହିପରି ଅନ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ପୂର୍ବରୁ ୨ ହଜାର ଟଙ୍କା ପାଉଥିବା ବେଳେ ଏବେ ୨୫୦୦ ଟଙ୍କା ପାଇବେ। ଗ୍ରାମପଞ୍ଚାୟତସ୍ତରୀୟ ଫେଡେରସନର ସଭାପତି ଓ ସମ୍ପାଦକମାନେ ବୈଠକ ପାଇଁ ପୂର୍ବରୁ ପାଉଥିବା ୨ ହଜାର ଟଙ୍କା ଦଳରେ ୨୫୦୦ ଓ ଅନ୍ୟ କାର୍ଯ୍ୟକାରିଣୀ ସଦସ୍ୟାମାନେ ୧ ହଜାର ଟଙ୍କା ପରିବର୍ତ୍ତେ ୧୫୦୦ ଟଙ୍କା ପାଇବେ। ଏଥିପାଇଁ ବର୍ଷକୁ ରାଜକୋଷରୁ ୨୪୯.୨୧ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ବର୍ଦ୍ଧିତ ଦେୟ ୨୦୨୩ ଅକ୍ଟୋବର ମାସରୁ ପିଛିଲା ଭାବେ ଲାଗୁ ହେବ।

ରାଜ୍ୟରେ ମିଶନ ଶକ୍ତି ଏକ ବିଶାଳ ଆନ୍ଦୋଳନରେ ପରିଣତ ହୋଇ ▶ପୃଷ୍ଠା-୯

ଉପକୃତ ହେବେ ସାରା ରାଜ୍ୟର ୧.୨୬ ଲକ୍ଷରୁ ଊର୍ଦ୍ଧ୍ୱ 'ମିଶନ ଶକ୍ତି' ସଙ୍ଗଠନର କର୍ମକର୍ତ୍ତା

'୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲାଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ, ପିଛିଲା ଭାବରେ ଅକ୍ଟୋବରରୁ ଲାଗୁ

KIIT | KALINGA INSTITUTE OF MEDICAL SCIENCES BHUBANESWAR

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ

ଶୁଭ ଉଦ୍‌ଘାଟନ

୧୦୦ ଶଯ୍ୟା ବିଶିଷ୍ଟ

କିମ୍‌ସ ଗ୍ରାମାଞ୍ଚଳ ହସ୍‌ପିଟାଲ୍

କଲରାବାଙ୍କ

ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ

୧୯ଟି କିମ୍‌ସ ଗ୍ରାମାଞ୍ଚଳ ହସ୍‌ପିଟାଲ୍

- ବଲାଙ୍ଗୀର
- କଳାହାଣ୍ଡି
- ବାରିପଦା (ମୟୂରଭଞ୍ଜ)
- କେନ୍ଦୁଝର
- ବାଲେଶ୍ୱର
- ପୁରୀ
- ସୁନ୍ଦରଗଡ଼
- ସମ୍ବଲପୁର
- କୋରାପୁଟ
- ଶିବପୁର (ଜଗତସିଂହପୁର)
- ଲୁଣିବାହାଲ ଓ ମନମୁଣ୍ଡା (ବୌଦ୍ଧ)
- ପାଣିକୋଇଲି (ଯାଜପୁର)
- ବାଲିଗୁଡ଼ା, ଫୁଲବାଣୀ, ଜି ଉଦୟଗିରି (କନ୍ଧମାଳ)
- ଦଶପଲ୍ଲା (ନୟାଗଡ଼)
- ଭଞ୍ଜନଗର ଓ ନରସିଂହପୁର (ଗଞ୍ଜାମ)

• ପ୍ରଥମ ପର୍ଯ୍ୟାୟରେ ୧୦୦୦ କୋଟି ଟଙ୍କା ବ୍ୟୟ ଅଟକଳ

• ମୋଟ ୩୦୦୦ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି

ଉପଲବ୍ଧ ସୁବିଧା

- ୨୪ ଘଣ୍ଟିଆ ଆପାତକାଳୀନ ସେବା
- ୨୪ ଘଣ୍ଟିଆ ଆମ୍ବୁଲାନ୍‌ସ ସେବା
- ଅତ୍ୟାଧୁନିକ ରୋଗ ନିଦାନ କେନ୍ଦ୍ର
- ଆଇସିୟୁ
- ସିଟିସ୍କାନ
- ଏଚ୍‌ଡିୟୁ
- ଏମ୍‌ଆର୍‌ଆଇ
- କ୍ୟାବିନ୍
- ଅଲଟ୍ରାସାଉଣ୍ଡ
- ଓଟି
- ଅତ୍ୟାଧୁନିକ ପରୀକ୍ଷାଗାର
- ଜେନେରାଲ ୱାର୍ଡ
- ଫିଜିଓଥେରାପି କେନ୍ଦ୍ର

• ବିଶେଷ ଉପକୃତ ହେବେ ବିଏସ୍‌କେୱାଇ ହିତାଧିକାରୀ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ରୋଗୀ
• ପ୍ରତି ହସ୍‌ପିଟାଲ୍‌ରେ ସଂପୃକ୍ତ ଜିଲ୍ଲାର ୧୫୦ ଜଣଙ୍କୁ ନିଯୁକ୍ତି
• ପ୍ରତି ହସ୍‌ପିଟାଲ୍ ୧୦୦ ଶଯ୍ୟା ବିଶିଷ୍ଟ
• ପ୍ରତି ହସ୍‌ପିଟାଲ୍‌ର ବ୍ୟୟ ଅଟକଳ ୫୦ କୋଟି ଟଙ୍କା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀ ନବୀନ ପଟ୍ଟନାୟକଙ୍କ

କରକମଳରେ

ଶୁଭାରମ୍ଭ

(ଭର୍ଚୁଆଲ୍)

ତା: ୧୨।୩।୨୦୨୪

ସକାଳ ୧୧ଟା ୨୦ ମିନିଟ୍‌ରେ KALINGA TV ରେ ସିଧା ପ୍ରସାରଣ ଦେଖନ୍ତୁ

ସମସ୍ତ ଗ୍ରାମାଞ୍ଚଳ ହସ୍‌ପିଟାଲ୍ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍‌ସେସ (କିମ୍‌ସ) ଦ୍ୱାରା ପରିଚାଳିତ ହେବ

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

୭୮୬ ଅଧ୍ୟାପକ ପଦ ପାଇଁ ବିଜ୍ଞପ୍ତି

ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପାଇବେ ନିଯୁକ୍ତି

■ **ଭୁବନେଶ୍ୱର, ୧୧।୩ (ସମିସ):** ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ଉଦ୍ୟମ ଜାରି ରଖିଛନ୍ତି। ଶିକ୍ଷାର ମାନ ବୃଦ୍ଧି କରିବାକୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛନ୍ତି। ଏହି କ୍ରମରେ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଆଉ ୭୮୬ ଅଧ୍ୟାପକ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ଏହି ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ। ଆଶାୟୀ ପ୍ରାର୍ଥୀମାନେ ଆସନ୍ତା ୨୦ତାରିଖରୁ ଏପ୍ରିଲ ୧୯ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ସମୁଦାୟ ପଦବୀ ମଧ୍ୟରୁ ମାନବତତ୍ତ୍ୱ ବିଭାଗରେ ୩୨ଟି, ରସାୟନ ବିଜ୍ଞାନରେ ୫୦ଟି, ବାଣିଜ୍ୟରେ ୪୬ଟି, ଅର୍ଥଶାସ୍ତ୍ରରେ ୫୬ଟି, ଶିକ୍ଷାରେ ୫୪ଟି, ଇଂରାଜୀରେ ୫୦ଟି, ଭୂଗୋଳରେ ୬ଟି, ହିନ୍ଦିରେ ୪ଟି ଓ ଇତିହାସରେ ୧୦୯ଟି ପଦବୀ ରହିଛି। ସେହିପରି ଗୃହ ବିଜ୍ଞାନରେ ୪ଟି, ଆଇଆର୍‌ପିଏମ୍‌ରେ ୧ଟି, ତର୍କ ଓ ଦର୍ଶନ ଶାସ୍ତ୍ରରେ ୩୨ଟି, ଗଣିତରେ ୩୩ଟି, ଓଡ଼ିଆରେ ୧୧୧ଟି, ପଦାର୍ଥ ବିଜ୍ଞାନରେ ୩୧ଟି, ରାଜନୀତି ବିଜ୍ଞାନରେ ୬୯ଟି, ମନୋବିଜ୍ଞାନରେ ୯ଟି, ସଂସ୍କୃତରେ ୪୧ଟି, ସମାଜ ବିଜ୍ଞାନରେ ୧୪ଟି, ତେଲୁଗୁରେ ୧ଟି ଏବଂ ପ୍ରାଣୀବିଜ୍ଞାନ ବିଭାଗରେ ୩୨ ଟି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଶାୟୀ ପ୍ରାର୍ଥୀମାନେ ଏସ୍‌ଏସ୍‌ବି ୱେବସାଇଟ୍ www.ssbodisha.ac.inରେ ନିର୍ଦ୍ଧାରିତ ସମୟପୂର୍ବରୁ ଆବେଦନ କରିପାରିବେ।

ବିଜେପିରେ ଘନଘଟା
ମେଣ୍ଟ ଉତ୍କୃଣ୍ଠା; ନିଷ୍ପତ୍ତି ଆଜି

■ **ଭୁବନେଶ୍ୱର, ୧୧।୩(ସମିସ):** ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ରାଜନୈତିକ ମେଣ୍ଟକୁ ନେଇ ଉତ୍କୃଣ୍ଠା ଚରମ ସୀମାରେ। ମେଣ୍ଟ ହେବ କି ନାହିଁ, ଯଦି ହେବ କିଏ କେତେ ଆସନରେ ଲଢ଼ିବେ, କିଏ କେଉଁଠାରୁ ପ୍ରାର୍ଥୀ ହେବ ତାହାକୁ ନେଇ ଅଙ୍କକଷା ଚାଲିଛି। ଗାଁ ଛକର ଚା' ଦୋକାନଠାରୁ ଆରମ୍ଭ କରି ରାସ୍ତାଘାଟ, ବିଭିନ୍ନ ଦପ୍ତର, ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ମେଣ୍ଟ ଚର୍ଚ୍ଚା। ବିଜେପି ନେତାଙ୍କ ଭୁବନେଶ୍ୱରରୁ ଦିଲ୍ଲୀ ଧାଁ ଧଉଡ଼, ଘନଘନ ବୈଠକ ସମ୍ଭାବ୍ୟ ମେଣ୍ଟକୁ ନେଇ ରାଜ୍ୟରେ ଉତ୍କଣ୍ଠା ସୃଷ୍ଟି କରିଛି। ତେବେ ଏ ସଂକ୍ରାନ୍ତରେ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଶେଷ ନିଷ୍ପତ୍ତି ନିଆଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ରାଜ୍ୟରେ ମେଣ୍ଟ ରାଜନୀତି ପାରା ଏବେ ଶୀର୍ଷରେ ପହଞ୍ଚିଛି। ବିଭିନ୍ନ ଗଣମାଧ୍ୟମରେ ମେଣ୍ଟକୁ ନେଇ ଖବରକୁ ଲୋକମାନେ ଚାତକ ପରି ଚାହିଁ ବସିଛନ୍ତି। ତେବେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ମେଣ୍ଟ ସଂକ୍ରାନ୍ତରେ ଚିତ୍ର ସ୍ୱଚ୍ଛ ହୋଇଯିବ ବୋଲି କୁହାଯାଉଛି। ଦିଲ୍ଲୀରେ ଆଜି ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ସଂକ୍ରାନ୍ତ ଆଲୋଚନା ସମୟରେ ଓଡ଼ିଶା ପ୍ରସଙ୍ଗ ଉଠିଛି। ମାତ୍ର ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କି ଆଲୋଚନା ହୋଇଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ, ରାଜ୍ୟ ବିଜେପି ନେତାମାନେ ଏ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରୁଛନ୍ତି।

ଅନ୍ୟପକ୍ଷରେ ବିଜେପି ଶୀର୍ଷ ନେତୃତ୍ୱଙ୍କ ନିର୍ଦ୍ଦେଶରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ଗତକାଲି ରାତିରେ ଦିଲ୍ଲୀ ପହଞ୍ଚିଛନ୍ତି। ବିଳମ୍ବିତ ରାତି ସତ୍ତ୍ୱେ ଏହି ନେତାମାନେ ଦଳର କିଛି ଜାତୀୟ ନେତାଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦିଲ୍ଲୀ ବାସଭବନରେ ଏହି ଚାରି ନେତାଙ୍କ ସହ ଜୁଏଲ ଓରାମ, ସମ୍ବିତ ପାତ୍ର ରାଜ୍ୟ ରାଜନୀତି ପ୍ରସଙ୍ଗ, ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ଆଲୋଚନା କରିଥିବା ସୂଚନା ମିଳିଛି। ସନ୍ଧ୍ୟାରେ ଅନୁଷ୍ଠିତ ସିଇସି ବୈଠକରେ ରାଜ୍ୟରେ ବିଜେପିର ସ୍ଥିତି, ନିର୍ବାଚନୀ ପ୍ରସ୍ତୁତି, ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ସମସ୍ତ ତଥ୍ୟ ଏବଂ ଯୁକ୍ତିକୁ ବିଚାରକୁ ନେଇ ବିଜେପି ଶୀର୍ଷ ନେତୃତ୍ୱ ମଙ୍ଗଳବାର ଶେଷ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ସେହିପରି ଆଜି ସନ୍ଧ୍ୟାରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ଘରେ ରାଜ୍ୟ ବିଜେପିର ୫ ବିଧାୟକ ଏକାଠି ହୋଇଛନ୍ତି। ବିଧାୟିକା କୁସୁମ ଟେଟେ, ଭାସ୍କର ମଢ଼େଇ, ବୁଧାନ ମୁର୍ମୁ, କେ ନାରାୟଣ ରାଓ ପ୍ରମୁଖ ଏକାଠି ହୋଇଥିବା ବେଳେ ସେମାନେ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟରେ ସମ୍ଭାବ୍ୟ ମେଣ୍ଟକୁ ନେଇ ପୂର୍ବତନ ବିଜେପି ରାଜ୍ୟ ସଭାପତି କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଯେ ପର୍ଯ୍ୟନ୍ତ ଦିଲ୍ଲୀରୁ ଏ ନେଇ କୌଣସି ସୂଚନା ମିଳିନାହିଁ, ସେ ବିଷୟରେ ଆମେ କିଛି କହିବା ଉଚିତ୍ ନୁହେଁ। ନିର୍ବାଚନ ଏବଂ ପ୍ରାର୍ଥୀ ସଂକ୍ରାନ୍ତ ସମସ୍ତ ନିଷ୍ପତ୍ତି ଦିଲ୍ଲୀସ୍ଥିତ ଶୀର୍ଷ ନେତୃତ୍ୱ ନେବେ। ବର୍ତ୍ତମାନ ରାଜ୍ୟ ନେତୃତ୍ୱ ଦିଲ୍ଲୀରେ ଅଛନ୍ତି। ଅତଏବ ଦିଲ୍ଲୀ ବୈଠକ ଉପରେ ଆମର ବି ନଜର ରହିଛି। ରାଜ୍ୟ ନେତୃତ୍ୱ ଦିଲ୍ଲୀରେ ଅଛନ୍ତି, ସେମାନେ ଫେରିବା ପରେ ଯାଇ ଏ ସମ୍ପର୍କରେ କହିବା ଉଚିତ ହେବ ବୋଲି କନକବର୍ଦ୍ଧନ କହିଛନ୍ତି।

ଏସ୍‌ଆଇଟି ବୈଠକ
ନିର୍ବାଚନ ବେଳେ ନିଶା, ଉପହାର ଉପରେ ନଜର

■ **କଟକ, ୧୧।୩ (ସମିସ):** ନିର୍ବାଚନ ବେଳେ ଏବେ ଟଙ୍କା କାରବାର ବଦଳରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଉପହାର ବଣ୍ଟନ କରାଯିବା ଭଳି ଉପାୟ ଅବଲମ୍ବନ ହେଲାଣି। ଏହିଭଳି ଗିଫ୍ଟ କୁପନ ଜରିଆରେ ଲୋକଙ୍କୁ ପ୍ରଭାବିତ କରାଯିବାର ଆଶଙ୍କା ରହିଛି। ସେହିପରି ନିଶା କାରବାରକୁ ଦମନ କରିବା ମଧ୍ୟ ଏକ ଆହ୍ୱାନ ହୋଇଛି। ଏଣୁ ଉପରୋକ୍ତ ଦିଗ ପ୍ରତି ସମସ୍ତ ବିଭାଗ ସଜାଗ ରହିବା ଉପରେ କଳାଧନ କାରବାର ସଂକ୍ରାନ୍ତରେ ତଦନ୍ତ କରୁଥିବା ସ୍ପେଶାଲ୍ ଇନଭେଷ୍ଟିଗେସନ୍ ଟିମ୍ (ଏସ୍‌ଆଇଟି)ର ଉପାଧ୍ୟକ୍ଷ ଜଷ୍ଟିସ ଅରଜିତ ପଶାୟତ ଗୁରୁତ୍ୱାରୋପ କରିଛନ୍ତି।

ସୋମବାର କଟକ ତେଲେଙ୍ଗାବଜାରସ୍ଥିତ ଜଷ୍ଟିସ ପଶାୟତଙ୍କ ବାସଭବନଠାରେ ଏସ୍‌ଆଇଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଅଧ୍ୟକ୍ଷତା କରି ଜଷ୍ଟିସ ପଶାୟତ ବିଭିନ୍ନ ବିଭାଗ ତଥା ତଦନ୍ତକାରୀ ସଂସ୍ଥାର ପଦାଧିକାରୀଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। କିଛି କ୍ଷେତ୍ରରେ ଆଇନ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ। ବିଗତ କିଛି ମାସ ମଧ୍ୟରେ ୩ ହଜାର କୋଟି ଟଙ୍କାର ନିଶାଦ୍ରବ୍ୟ ମଧ୍ୟ ଜବତ କରାଯାଇଛି। ଯାହା ଏକ ସଂକଟଜନକ ସ୍ଥିତି ସୃଷ୍ଟି କରିଛି। ଏପରିକି ନିକଟ ଅତୀତରେ ୫ଟି ରାଜ୍ୟର ହୋଇଥିବା ବିଧାନସଭା ନିର୍ବାଚନ ବେଳେ

ମଧ୍ୟ ବହୁ ପରିମାଣର ନିଶାଦ୍ରବ୍ୟ ଜବତ କରାଯାଇଥିଲା। ସେହିପରି ବିଦେଶରୁ ମଧ୍ୟ ନିଶା କାରବାର ହେଉଥିବା ନିକଟରେ ନାର୍କୋଟିକ ବିଭାଗ ପର୍ଦ୍ଦାଫାସ କରିଛି। ଏହାକୁ କିଭଳି ରୋକାଯାଇପାରିବ, ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଭିଜିଲାନ୍ସ ପକ୍ଷରୁ ଯେଉଁ ମାମଲାଗୁଡ଼ିକ ହେଉଛି, ସେ ସମ୍ପର୍କିତ ତଥ୍ୟ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଓ ଆୟକର ବିଭାଗକୁ ପ୍ରଦାନ କରିବା ପାଇଁ ଜଷ୍ଟିସ ପଶାୟତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ। ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ତଦନ୍ତକାରୀ ସଂସ୍ଥାଗୁଡ଼ିକ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଲେ ତାହା ଅଧିକ ପ୍ରଭାବୀ ହୋଇପାରିବ ବୋଲି ଏସ୍‌ଆଇଟି ଉପାଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ।

ଏସଆଇଟି ପକ୍ଷରୁ ସୁପ୍ରିମକୋର୍ଟରେ ଇତିମଧ୍ୟରେ ୯ଗୋଟି ଅନ୍ତରୀଣ ରିପୋର୍ଟ ଦିଆଯାଇଛି। ଦଶମ ରିପୋର୍ଟ ଆସନ୍ତା ଜୁନ ଶେଷ ସୁଦ୍ଧା ଦିଆଯିବ ବୋଲି ସେ କହିଥିଲେ। ଏବେ ନିଶା କାରବାର, ଚୋରା ସୁନା କାରବାର ସହ ଜିଏସଟି ଠକେଇ ମଧ୍ୟ କଳାଧନର ଉପାର୍ଜନର ମାଧ୍ୟମ ପାଲଟିଛି। କଳାଧନ ଭାବେ ଜିଏସଟି ଠକେଇରୁ ମିଳୁଥିବା ଟଙ୍କା ବ୍ୟାପକ ଭାବେ ବିନିଯୋଗ ହୋଇଚାଲିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଇଡି, କଷ୍ଟମ, ଆୟକର ବିଭାଗ, ସେବି, ରାଜ୍ୟ ପୁଲିସ ବିଭାଗ, କ୍ରାଇମବ୍ରାଞ୍ଚ୍, ନାର୍କୋଟିକ ବ୍ୟୁରୋ, ଭିଜିଲାନ୍ସ, ଖଣି ବିଭାଗ, ବାଣିଜ୍ୟକର

ଜୁନ୍ ଶେଷ ସୁଦ୍ଧା ଦାଖଲ ହେବ ଅନ୍ତରୀଣ ରିପୋର୍ଟ

ବିଭାଗ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗଦେଇଥିଲେ। ବିଭିନ୍ନ ବିଭାଗ ପକ୍ଷରୁ କଳାଧନ ପ୍ରସଙ୍ଗରେ କରାଯାଇଥିବା ତଦନ୍ତର ଷ୍ଟାଟସ ରିପୋର୍ଟ ଆଜିର ବୈଠକରେ ଉପସ୍ଥାପନ କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିଶା କାରବାର, ଜିଏସଟି ଠକେଇ, ଆୟବହିର୍ଭୂତ ସମ୍ପତ୍ତି ଠୁଳ, ବେଆଇନ୍ ଖଣି କାରବାର, ଚିଟଫଣ୍ଡ ଟଙ୍କାର ବିନିଯୋଗ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

କର୍ଣ୍ଣପାଳରେ ବାଘ ଆତଙ୍କ
ସଂଧ୍ୟା ହେଲେ ପଡୁଛି ତାଟିକବାଟ

■ **ଛେଣ୍ଡିପଦା, ୧୧।୩ (ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳର କଣଲୋଇ ସଂରକ୍ଷିତ ଜଙ୍ଗଲରେ ଗତ କିଛି ଦିନ ହେବ ଏକ ବାଘ ଘୂରି ବୁଲୁଥିବା ଚର୍ଚ୍ଚାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବାଘଟି ବର୍ତ୍ତମାନ ସୁଦ୍ଧା ୬ରୁ ଊର୍ଦ୍ଧ୍ୱ ଛେଳି ଖାଇଥିବା ଜଣାଯିବା ପରେ ସ୍ଥାନୀୟ କର୍ଣ୍ଣପାଳ ଗ୍ରାମବାସୀ ଭୟରେ ଘରୁ ବାହାରୁନାହାନ୍ତି। ସଂଧ୍ୟା

୬ରୁ ଊର୍ଦ୍ଧ୍ୱ ଛେଳି ଖାଇଥିବା ଅଭିଯୋଗ

ହେଲେ ସମସ୍ତଙ୍କ ଘରେ ତାଟିକବାଟ ପଡ଼ି ଯାଉଛି। ଏପରିକି ଦିନରେ ବି ଗ୍ରାମବାସୀ ନିକଟ ଆଉଁଳି ନଦୀକୁ ଆଉ ଲୋକେ ଗାଧୋଇ ଯାଉନାହାନ୍ତି। ତେବେ ଏନେଇ ଅଭିଯୋଗ ହେବା ପରେ ବନାଞ୍ଚଳ ଅଧିକାରୀ ଓ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି। ବାଘର ପାଦଚିହ୍ନ ଠାବ କରିବା ସହ ତା'ର ଗତିବିଧି ଜାଣିବା ପାଇଁ ବିଭାଗ ପକ୍ଷରୁ ଜଙ୍ଗଲରେ କ୍ୟାମେରା ଲଗାଯାଇଛି। ତେବେ ମିଳିଥିବା ପାଦଚିହ୍ନରୁ ତାହା କଲରାପତରିଆ ବାଘ ବୋଲି ବନ ବିଭାଗ ଅନୁମାନ କରୁଛି।

ଘଟଣାରୁ ପ୍ରକାଶ, କିଛି ଦିନ ତଳେ କର୍ଣ୍ଣପାଳ ଗ୍ରାମର ହୃଷୀକେଶ ନାୟକ ଗାଁ ନିକଟ କଣଲୋଇ ସଂରକ୍ଷିତ ଜଙ୍ଗଲର ରଙ୍ଗମାଟିଆ ଜଙ୍ଗଲ ପାଦଦେଶରେ ଛେଳି ଚରାଉଥିଲେ। ହଠାତ ଛେଳିମାନଙ୍କ ବିକଳ ରଡ଼ି ଶୁଣି ସେଠାକୁ ଧାଇଁଥିଲେ। ସେତେବେଳକୁ ଗୋଟିଏ ଛେଳି ବାଘ କବଳରୁ କ୍ଷତାକ୍ତ ହୋଇ ପଳାଇ ଆସିଥିବା ବେଳେ ଆଉ ଗୋଟିଏ ଛେଳିର ସନ୍ଧାନ ପାଇ ନଥିଲେ। ତେବେ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳବାସୀ ନଦୀ ବାଲିରେ ବାଘପାଦ ଚିହ୍ନ ପଡ଼ିଥିବା ଦେଖି ବାଘ ଆକ୍ରମଣ କରିଥିବା ସନ୍ଦେହ କରିଥିଲେ। ପୂର୍ବରୁ ବାଘଟି କର୍ଣ୍ଣପାଳ ଗ୍ରାମର ନବଘନ ନାଏକ, ବିଦ୍ୟାଧର ପ୍ରଧାନ, ବରୁଣ କଂସାରିଆଙ୍କର ଗୋଟିଏ ଲେଖାଏଁ ଛେଳି ଖାଇଥିବା ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ କୁହନ୍ତି, ତା'ର ପାଦଚିହ୍ନରୁ କଲରାପତରିଆ ପରି ଲାଗୁଛି। ଏ ସମ୍ପର୍କରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ ଗତ ୯ ଫେବୃଆରୀ ୨୦୧୯ରେ ରଙ୍ଗମାଟିଆ ଜଙ୍ଗଲରେ ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା।

ବଙ୍ଗାଳୀ ନନ୍ଦଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

■ **ଭୁବନେଶ୍ୱର,୧୧।୩(ସମିସ):** ବିଶିଷ୍ଟ ସାହିତ୍ୟିକ ବଙ୍ଗାଳୀ ନନ୍ଦଙ୍କୁ ମିଳିବ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ବର୍ଷ ୨୦୨୩ ପାଇଁ ଅନୁବାଦ ବର୍ଗରେ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

ତେଲୁଗୁ ଭାଷାରୁ ଓଡ଼ିଆ ଭାଷାକୁ ଅନୁଦିତ ନେଲୁରୀ କେଶବ ସ୍ୱାମୀଙ୍କ ଶ୍ରେଷ୍ଠ ଗଳ୍ପ ପାଇଁ ବଙ୍ଗାଳୀ ନନ୍ଦଙ୍କୁ ଏହି ସମ୍ମାନ ମିଳିବାକୁ ଯାଉଛି। ୨୦୧୯ ମସିହାରେ ତାଙ୍କର ଏହି ପୁସ୍ତକ ନ୍ୟାସନାଲ ବୁକ୍ ଟ୍ରଷ୍ଟ (ଏନ୍‌ବିଟି) ଦ୍ୱାରା ପ୍ରକାଶିତ ହୋଇଥିଲା। ସେ ହିନ୍ଦୀ, ଇଂରାଜୀ ଓ ତେଲୁଗୁ ସମେତ ଅନ୍ୟ ଭାଷାରୁ ଅନେକ ଗଳ୍ପ ଓ କବିତା ଅନୁବାଦ କରି ପ୍ରସିଦ୍ଧି ଲାଭ କରିଛନ୍ତି। ଏନ୍‌ବିଟିର ସମ୍ପାଦକ ତାଙ୍କୁ ନେଲୁରୀ କେଶବ ସ୍ୱାମୀଙ୍କ ଶ୍ରେଷ୍ଠ ଗଳ୍ପ ବହିଟିକୁ ଅନୁବାଦ କରିବା ପାଇଁ ଅନୁରୋଧ କରିଥିଲେ। ଏହି ବହିଟି ମୂଳତଃ ତେଲୁଗୁ ଭାଷାରେ ଲିଖିତ। ଏ ସଂପର୍କରେ ଶ୍ରୀ ନନ୍ଦ କହିଛନ୍ତି ଯେ ତାଙ୍କର ଅନେକ ଦିନର ପରିଶ୍ରମକୁ ଆଜି ଗୋଟିଏ ସ୍ୱୀକୃତି ମିଳିଛି। ଏଥିପାଇଁ ସେ ବହୁତ ଖୁସି ବୋଲି କହିଛନ୍ତି।

ଜେଲ ଭିତରୁ ବ୍ରାଉନସୁଗର ନେଟ୍‌ୱର୍କ
ମହିଳାଙ୍କ ସମେତ ୭ ଗିରଫ

■ **ଖୋର୍ଦ୍ଧା, ୧୧।୩ (ସମିସ):** ଜେଲ୍ ଭିତରେ ଚାଲିଥିଲା ବ୍ରାଉନସୁଗାର ନେଟ୍‌ୱର୍କ। କେଉଁଠୁ ବ୍ରାଉନସୁଗାର ଆସିବ, କାହାକୁ ଓ କେତେ ଦିଆଯିବ; ଏ ସବୁର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେଉଥିଲା ଜେଲ୍ ଭିତରେ। ଆଉ ବାହାରେ କିଛି ବେପାରୀ ତାକୁ କାର୍ଯ୍ୟକାରୀ କରୁଥିଲେ। ମୋବାଇଲ୍ ଯୋଗେ ଜେଲ୍ ଭିତରୁ ଆସୁଥିବା ନିର୍ଦ୍ଦେଶକୁ ପାଳନ କରୁଥିଲେ ବେପାରୀ। ଗତ କିଛି ବର୍ଷ ହେବ ଚାଲିଥିବା ଏହି କାରବାର ଉପରୁ ପରଦା ହଟାଇଛି ଖୋର୍ଦ୍ଧା ଜିଲ୍ଲା ପୁଲିସ୍। ଏହି ଘଟଣାରେ ପୁଲିସ ଜଣେ ମହିଳାଙ୍କ ସମେତ ମୋଟ ୭ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ଗଞ୍ଜାମ ଜିଲ୍ଲା ପୋଲସରା ଥାନା କେନ୍ଦୁବାଡ଼ିର କାଳୁଚରଣ ଭୂୟାଁ(୨୯), ସ୍ଥାନୀୟ ଶ୍ରୀରାମନଗରର ପ୍ରମୋଦ କୁମାର ପଣ୍ଡା(୧୯), ସୁମନ ସେଠୀ (୧୯), ଉପରସାହିର ଦେବାଶିଷ ପଟ୍ଟନାୟକ ଓରଫ ଜୁଡୁ (୨୧), ସ୍ୱପ୍ନେଶ୍ୱର ସାହିର ପୁଷ୍ପା ନାୟକ (୩୫), ଫରେଷ୍ଟ କଲୋନୀର ଅମିତ ସାହୁ ଓରଫ୍ ଦାଶ (୧୯) ଏବଂ ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦର ସେକ ଏକ୍ରାମ (୫୮)। ଏମାନଙ୍କଠାରୁ ପୁଲିସ ୧୧ଟି ମୋବାଇଲ ଜବତ କରିଥିବା ବେଳେ ଖୋର୍ଦ୍ଧା ଜେଲରୁ ୯ଟି ମୋବାଇଲ୍ ଜବତ କରିଛି। ସୋମବାର ଆଦର୍ଶ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ (ସଦର) ଦିଲ୍ଲୀପ କୁମାର ଦାସ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ଶ୍ରୀ ଦାସଙ୍କ ସୂଚନାନୁସାରେ, ଗତ ମାସ ୯ତାରିଖରେ ଜେଲ ଭିତରୁ

ଜେଲ୍ ଭିତରୁ ୯ ମୋବାଇଲ ଜବତ

ଗୋଟିଏ ମୋବାଇଲ୍ ମିଳିଥିଲା। ଜବତ ମୋବାଇଲର କଲ୍ ରେକର୍ଡ ଯାଞ୍ଚ କରିବାରୁ ପୁଲିସକୁ ଏହି ସଫଳତା ମିଳିଛି। ପୁଲିସ କୁଖ୍ୟାତ ବ୍ରାଉନସୁଗାର ମାଫିଆ ଭାଲିଆବାଡ଼ିର ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ, ମନୋରଞ୍ଜନ ସାହୁ ଓରଫ୍ ମିକି ଏବଂ ଗତ ୧୯ ତାରିଖରେ ବ୍ରାଉନସୁଗର ଘଟଣାରେ ଗିରଫ ହୋଇ ଜେଲରେ ଥିବା ନୟାଗଡ଼ ବାମଣ୍ଡାର ଏସ୍.କେ ଜାଫର ଓରଫ୍ ବାବୁ ଏବଂ ଭାଲିଆବାଡ଼ିର ଲକ୍ଷ୍ମୀଧର ସାହୁ ଓରଫ ଲକିକୁ ୨ଦିନିଆ ରିମାଣ୍ଡରେ ଆଣିଥିଲା। ସଞ୍ଜୁ ଓ ମିକିକୁ ମାରାଥନ ଜେରା କରି ପୁଲିସ ଦୁହିଁଙ୍କଠାରୁ ବ୍ରାଉନସୁଗର ନେଟୱର୍କର ଅନେକ ଗୁମର କଥା ଜାଣିବାକୁ ପାଇଥିଲା। ଜେଲ ଭିତରେ ବିଭିନ୍ନ ସ୍ଥାନରେ ୭/୮ଟି ମୋବାଇଲ ରଖିଥିବା ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଥିଲେ। ଏ

ନମୋ ଡ୍ରୋନ୍ ଦିଦିଙ୍କୁ ଭେଟିଲେ ମୋଦୀ

୧୦୦୦ ମହିଳା ଏସ୍‌ଏଚ୍‌ଜିକୁ ମିଳିଲା ଡ୍ରୋନ୍

ନୂଆଦିଲ୍ଲୀ,୧୧।୩(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୧୦୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) କୁ ଡ୍ରୋନ୍ ବିତରଣ କରିଛନ୍ତି। ଏଠାକାର ପୁସାଠାରେ ଥିବା ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ 'ସଶକ୍ତ ନାରୀ, ବିକଶିତ ଭାରତ' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କୃଷିକର୍ମଣରେ ଉପଯୋଗୀ ଡ୍ରୋନ୍ କିପରି କାର୍ଯ୍ୟ କରିଥାଏ ତାହା ନମୋ ଡ୍ରୋନ୍ ଦିଦିମାନଙ୍କୁ ପଚାରି ବୁଝିଛନ୍ତି ଓ ଦେଖିଛନ୍ତି। ନମୋ ଡ୍ରୋନ୍ ଦିଦି ପ୍ରାରମ୍ଭରେ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କୃଷି କ୍ଷେତ୍ରରେ କାର୍ଯ୍ୟରତ ଗ୍ରାମୀଣ ମହିଳାଙ୍କୁ ଡ୍ରୋନ୍ ପାଇଲଟ୍ ଭାବେ ତାଲିମ ଦିଆଯାଉଛି। ଡ୍ରୋନ୍ ପାଇଲଟିଂରେ ତାଲିମପ୍ରାପ୍ତ ମହିଳାମାନଙ୍କୁ ନମୋ ଡ୍ରୋନ୍ ଦିଦି କୁହାଯାଉଛି। ଲକ୍ଷ୍ୟ ରଖାଯାଇଛି ଯେ ୧୫୦୦୦ ମହିଳା ଏସଏଚଜିକୁ କୃଷି କାର୍ଯ୍ୟରେ ଉପଯୋଗ କରାଯାଉଥିବା ଡ୍ରୋନ୍ ଯୋଗାଇଦିଆଯିବ। ଉପଭୋକ୍ତା ମହିଳା ଏସଏଚଜି'ର ତାଲିମପ୍ରାପ୍ତ ଡ୍ରୋନ୍ ପାଇଲଟମାନେ ଡ୍ରୋନ୍ ଉଡ଼ାଇ ବିହନ ବୁଣା, ଫସଲ ପର୍ଯ୍ୟବେକ୍ଷଣ, ସାର, କୀଟନାଶକ ଓ ଔଷଧ ସିଞ୍ଚନ ଭଳି କାର୍ଯ୍ୟ କରିପାରିବେ। ଏହା ଦ୍ୱାରା ସେମାନେ ଅଧିକ ରୋଜଗାରକ୍ଷମ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ତଥା ସଶକ୍ତ ହୋଇପାରିବେ।

ଦ୍ୱାରକା ଏକ୍ସପ୍ରେସ ୱେ'ର ହରିୟାଣା ସେକ୍ସନ ଉଦ୍‌ଘାଟିତ

ଗୁରୁଗ୍ରାମ,୧୧।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏଠାରେ ନବନିର୍ମିତ ୮ ଲେନ୍ ବିଶିଷ୍ଟ ଦ୍ୱାରକା ଏକ୍ସପ୍ରେସ ୱେ'ର ହରିୟାନା ସେକ୍ସନର ଲୋକାର୍ପଣ କରିଛନ୍ତି। ଦ୍ୱାରକା ଏକ୍ସପ୍ରେସ ୱେ'ର ହରିୟାନା ସେକ୍ସନର ଲମ୍ବ ହେଉଛି ୧୯ କିଲୋମିଟର। ଏହି ସେକ୍ସନ ଦୁଇଟି ପ୍ୟାକେଜରେ ନିର୍ମିତ ହୋଇଛି। ପ୍ରଥମ ପ୍ୟାକେଜ ଦିଲ୍ଲୀ-ହରିୟାନା ସୀମାରୁ ଆରମ୍ଭ ହୋଇ ବାସାଇ ରେଲ ଓଭରବ୍ରିଜ୍(ଆରଓବି) ଯାଏ ରହିଛି ଯାହାର ଲମ୍ବ ହେଉଛି ୧୯.୨ କିଲୋମିଟର। ଦ୍ୱିତୀୟ ପ୍ୟାକେଜ ବାସାଇ ଆରଓବି'ରୁ ଆରମ୍ଭ ହୋଇ ଖେରି ଦାଉଲା ଯାଏ ୮.୭ କିଲୋମିଟର ଲମ୍ବିଛି। ଏହି ୧୯ କିଲୋମିଟରର ଦ୍ୱାରକା ଏକ୍ସପ୍ରେସ ୱେ'ର ନିର୍ମାଣରେ ମୋଟ ୪୧୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଦ୍ୱାରକା ଏକ୍ସପ୍ରେସ ୱେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସିଧାସଳଖ ଗୁରୁଗ୍ରାମ୍ ବାଇପାସ୍ ସହ ଯୋଡୁଛି। ଏହି ଏକ୍ସପ୍ରେସ ୱେ ଖୋଲାଯିବାରୁ ଏବେ ଦିଲ୍ଲୀ ଓ ଗୁରୁଗ୍ରାମ ମଧ୍ୟରେ ଟ୍ରାଫିକ୍ ଫ୍ଲୋ କମିବ ଓ ଜାତୀୟ ରାଜପଥ-୪୮ ରେ ସର୍ବଦା ଯେଉଁ ଜାମ୍ ଲାଗିରହୁଛି ସେଥିରେ ସୁଧାର ଆସିବ।

ଧାର୍ ଭୋଜଶାଳାରେ ହେବ ବୈଜ୍ଞାନିକ ସର୍ଭେ

ଇନ୍ଦୋର, ୧୧।୩ (ଏଜେନ୍ସି): ଜ୍ଞାନବାପି ଭଳି ଧାର ସ୍ଥିତ ଭୋଜଶାଳାର ସର୍ଭେ କରାଇବାକୁ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଇନ୍ଦୋର ଖଣ୍ଡପୀଠ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ୫ ବିଶେଷଜ୍ଞଙ୍କ ଟିମ୍ ବନାଇବାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ)କୁ କହିଛନ୍ତି। ଏହି ଟିମ୍ ୬ ସପ୍ତାହ ମଧ୍ୟରେ ସର୍ଭେଶେଷକରିରିପୋର୍ଟପ୍ରଦାନକରିବ। ପୂର୍ବରୁ ଜାନୁଆରୀ ୧୯ ତାରିଖରେ ଏହି ମାମଲାର ଶୁଣାଣି ହୋଇଥିଲା। ସେ ସମୟରେ କୋର୍ଟ ରାୟ ସଂରକ୍ଷିତ ରଖି ଦେଇଥିଲେ। ଆଜି ରାୟ ଘୋଷଣା କରି ଏପ୍ରିଲ ୨୯ ସୁଦ୍ଧା ସର୍ଭେ ଶେଷ କରିବାକୁ କହିଛନ୍ତି। ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର (ଜିପିଆର) ଏବଂ ଗ୍ଲୋବାଲ ପୋଜିସିନି ସିଷ୍ଟମ (ଜିପିଏସ)ରେ ଏହି ବୈଜ୍ଞାନିକ ସର୍ଭେ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ଭେ ସମୟରେ ଉଭୟ ପକ୍ଷର ସଦସ୍ୟ ଉପସ୍ଥିତ ରହିବେ ବୋଲି ହିନ୍ଦୁ ପକ୍ଷର ଓକିଲ ବିଷ୍ଣୁଶଙ୍କର ଜୈନ କହିଛନ୍ତି। ଏହା ଦ୍ୱାରା ଭୋଜଶାଳାର ସତ୍ୟ ସାମ୍ନାକୁ ଆସିବ। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୯ରେ ହେବ। ଜିଲ୍ଲା ପ୍ରଶାସନର ୱେବସାଇଟ ଅନୁଯାୟୀ ରାଜା ଭୋଜ ଭୋଜଶାଳାର ନିର୍ମାଣ କରାଇ ଥିଲେ। ଏହା ଏକ ବିଶ୍ୱବିଦ୍ୟାଳୟ ଥିଲା। ଏଥିରେ ବାଗଦେବୀଙ୍କ ପ୍ରତିମା ପ୍ରତିଷ୍ଠା କରାଯାଇଥିଲା। ପରେ ମୁସଲିମ ଶାସକ ଏହାକୁ ମସଜିଦରେ ପରିବର୍ତ୍ତନ କରିଦେଇଥିଲେ।

ବରଯାତ୍ରୀ ବସ୍ ଉପରେ ଖସିଲା ବିଦ୍ୟୁତ୍ ତାର; ୫ ଜୀବନ୍ତ ଦଗ୍ଧ

ଗାଜିପୁର, ୧୧।୩ (ଏଜେନ୍ସି): ଉତ୍ତରପ୍ରଦେଶ ଗାଜିପୁର ବଡ଼ ଅଘଟଣ ଘଟିଛି। ୫୦ ବରଯାତ୍ରୀଙ୍କୁ ନେଉ ଯାଉଥିବା ବସ୍ ଉପରେ ଉଚ୍ଚ କ୍ଷମତା ବିଶିଷ୍ଟ ବିଦ୍ୟୁତ ତାର ଖସି ପଡ଼ିଛି। ଏଥିଯୋଗୁଁ ବସ୍‌ରେ ନିଆଁ ଲାଗିଯାଇଛି। ଏହି ଦୁର୍ଘଟଣାରେ ୫ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ୧୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ ଏହି ବସ୍‌ଟି ମଉର ଖିରିହା ଖାଜାରୁ ବରଯାତ୍ରୀଙ୍କୁ ନେଇ ମହାହର ଧାମ ଯାଉଥିଲା। ବସ୍‌ରେ ବସିଥିବା ଲୋକେଙ୍କୁ ପ୍ରଥମେ ବିଦ୍ୟୁତ ଝଟ୍‌କା ଲାଗିଥିଲା। ଏହା ପରେ ଦେଖୁ ଦେଖୁ ନିଆଁ ସମ୍ପୂର୍ଣ୍ଣ ବସ୍‌କୁ କବଳିତ କରି ଦେଇଥିଲା। କାହାକୁ ବାହାରକୁ ବାହାରିବା ପାଇଁ ସୁଯୋଗ ମିଳି ନ ଥିଲା। କିଛି ଲୋକ ଡେଇଁ ଜୀବନ ବଞ୍ଚାଇ ଥିଲେ। ନିଆଁ ଏତେ ଜୋରରେ ବ୍ୟାପି ଥିଲା ଯେ କହି ବସ୍ ନିକଟକୁ ଯାଇ ପାରି ନ ଥିଲେ। ଏହି ଘଟଣାକୁ ନେଇ ଲୋକେ ପୁଲିସ ଉପରେ କ୍ଷୁବ୍ଧ ହୋଇ ପଥର ମାଡ଼ କରିଛନ୍ତି। ଏଥିରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଏହି ତାର ତଳେ ଓହଳିଥିବାରୁ ଦୁର୍ଘଟଣା ଘଟିଥିଲା ବୋଲି ଲୋକେ କହିଛନ୍ତି। ଏହି ଦୁର୍ଘଟଣା ପରେ ଡିଏମ୍-ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇ ଥିଲେ। ପ୍ରଶାସନିକ ଅବହେଳାରୁ ଦୁର୍ଘଟଣା ଘଟିଥିଲା ବୋଲି କହିଥିଲେ।

କାର୍‌କୁ ଧକ୍କା ଦେଲା ଏସ୍‌ୟୁଭି; ୬ ମୃତ

ଚଣ୍ଡିଗଡ଼, ୧୧।୩ (ଏଜେନ୍ସି): ହରିୟାଣା ରେୱାରି ମସାନି ଗ୍ରାମ ନିକଟରେ ରବିବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ଇନୋଭା କାର୍‌କୁ ଏସ୍‌ୟୁଭି ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ୪ ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ୭ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ରେୱାରି ଏବଂ ଗୁରୁଗ୍ରାମର ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ଇନଭୋରେ ଯାତ୍ରା କରୁଥିବା ମହିଳା ଖଟୁ ଶ୍ୟାମଙ୍କ ଦର୍ଶନ କରି ଫେରୁ ଥିଲେ। ରାସ୍ତାରେ ତାଙ୍କ କାର୍‌ର ଟାୟାର ପଙ୍କଚର୍ ହୋଇ ଯାଇଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏସ୍‌ୟୁଭି ଇନୋଭାକୁ ଧକ୍କାଦେଇଥିଲା। ମୃତକଙ୍କ ମଧ୍ୟରେ ଗାଜିଆବାଦ ରାଜଞ୍ଜନାକପୁର, ନିଲମ, ପୁନମ ଜୈନ, ଶିଖା, ହିମାଚଳର ଡ୍ରାଇଭର ବିଜୟ, ରେୱାରିର ସୁନିଲ ସାମିଲ ଅଛନ୍ତି।

ଅଷ୍ଟ୍ରେଲିଆରେ ପତ୍ନୀକୁ ମାରି ଭାରତ ଫେରିଲା ପତି

ହାଇଦରାବାଦ, ୧୧।୩ (ଏଜେନ୍ସି): ଅଷ୍ଟ୍ରେଲିଆରେ ଗତ ସପ୍ତାହରେ ପ୍ରାଣ ହରାଇଥିବା ଭାରତୀୟ ମହିଳା ଚୈତନ୍ୟା ସ୍ୱେତା ମଧାଗନିଙ୍କ ମୃତ୍ୟୁ ରହସ୍ୟ ଧିରେ ଧିରେ ଖୋଲିବାରେ ଲାଗିଛି। ଶ୍ୱେତାଙ୍କ ସ୍ୱାମୀ ଅଶୋକ ରାଜ ବାରିକୁପ୍ପଲା ତାଙ୍କୁ ହତ୍ୟା କରିଥିଲେ ବୋଲି ଜଣାପଡ଼ିଛି। ସେ ହତ୍ୟା ପରେ ହାଇଦରାବାଦ ଆସିଥିଲେ। ତିନି ବର୍ଷର ପୁଅକୁ ଶାଶୁଶ୍ୱଶୁରଙ୍କ ପ୍ରଦାନ କରି ଫେରାର ହୋଇ ଯାଇଥିଲେ। ହାଇଦରାବାଦ ଉପ୍ପଲର ବିଧାୟକ ବନ୍ଦାରି ଲକ୍ଷ୍ମା ରେଡ୍ଡୀ ଏ ବିଷୟରେ ସୂଚନା ଦେଇଛନ୍ତି। ପୁଅକୁ ଫେରାଇବା ସମୟରେ ସ୍ତ୍ରୀକୁ ହତ୍ୟା କରିଛନ୍ତି ବୋଲି ଅଶୋକ ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ଶାଶୁଶ୍ୱଶୁରଙ୍କୁ କହିଥିଲେ। ରିପୋର୍ଟ ଅନୁଯାୟୀ ଗତ ୫ରୁ ୭ ତାରିଖ ମଧ୍ୟରେ ଶ୍ୱେତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ସମୟରେ ତାଙ୍କ ସ୍ୱାମୀ ଭାରତ ଆସିଥିଲେ। ତାଙ୍କ ଘନିଷ୍ଠମାନେ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଅଶୋକ ଭାରତ ଆସିବା ଦିନ ଶ୍ୱେତା ମଧ୍ୟ ନିଖୋଜ ଥିଲେ। ଅଶୋକ ପଡ଼ୋଶୀ ଏବଂ ଅଷ୍ଟ୍ରେଲିଆରେ ଥିବା କିଛି ସମ୍ପର୍କୀୟଙ୍କୁ ଫୋନ୍ କରି ଶ୍ୱେତାଙ୍କ ବିଷୟରେ ପଚାରି ବୁଝି ଥିଲେ। ପରେ ପୁଲିସ ସହ ଫୋନରେ କଥା ହୋଇଥିଲେ ଏବଂ ଯାଞ୍ଚରେ ସହାୟତା କରିବାକୁ କହିଥିଲେ।

ବିଜେପି ସାଂସଦ ପ୍ରଜ୍ଞା ଠାକୁରଙ୍କ ବିରୋଧରେ ୱାରେଣ୍ଟ

ମୁମ୍ବାଇ, ୧୧।୩ (ଏଜେନ୍ସି): ମୁମ୍ବଇର ସ୍ୱତନ୍ତ୍ର ଏନଆଇଏ କୋର୍ଟ ବିଜେପି ସାଂସଦ ପ୍ରଜ୍ଞା ଠାକୁରଙ୍କ ବିରୋଧରେ ସୋମବାର ଗିରଫ ପରୱାନା (ଜାମିନ ଯୁକ୍ତ) ଜାରି କରିଛନ୍ତି। ଶୁଣାଣି ସମୟରେ ସାଂସଦ ଅନୁପସ୍ଥିତ ରହିବାରୁ କୋର୍ଟ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସେ ମାଲେଗାଓଁ ବିସ୍ଫୋରଣ ମାମଲାର ଅଭିଯୁକ୍ତ ଅଛନ୍ତି। ପୂର୍ବରୁ ଶୁଣାଣି ସମୟରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ସେ ଉପସ୍ଥିତ ହୋଇ ନ ଥିଲେ। ତାଙ୍କ ଓକିଲ ଖରାପ ସ୍ୱାସ୍ଥ୍ୟାବସ୍ଥା ଦର୍ଶାଇ ପ୍ରତ୍ୟକ୍ଷ ଭାବେ ହାଜର ନ ହେବା ପାଇଁ ଅନୁମତି ମାଗିଥିଲେ। କିନ୍ତୁ କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ।

● ସନ୍ଦେଶଖାଲି ମାମଲା

ସିବିଆଇ ଯାଞ୍ଚରେ ହସ୍ତକ୍ଷେପକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ପଶ୍ଚିମବଙ୍ଗ ସରକାରଙ୍କୁ ଜୋରଦାର ଝଟ୍‌କା ଲାଗିଛି। ସନ୍ଦେଶଖାଲିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀଙ୍କ ଉପରେ ଆକ୍ରମଣ ମାମଲାରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ପୂର୍ବରୁ କଲକତା ହାଇକୋର୍ଟ ଏହି ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ସମୟରେ ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ସନ୍ଦୀପ ମେହଟାଙ୍କ ଖଣ୍ଡପୀଠ ଶାହାଜାହାନ ଶେଖ୍‌ର ଗିରଫରେ ହୋଇଥିବା ବିଳମ୍ବକୁ ନେଇ ରାଜ୍ୟ ପୁଲିସକୁ ପ୍ରଶ୍ନ କରିଥିଲେ। ଏତେ ଦିନ ପର୍ଯ୍ୟନ୍ତ ତାଙ୍କୁ କାହିଁକି ଗିରଫ କରାଯାଇ ନ ଥିଲା ବୋଲି ରାଜ୍ୟ ସରକାରଙ୍କୁ ପଚାରି ଥିଲେ। ସୂଚନାଯୋଗ୍ୟ ଯେ ଜାନୁଆରୀ ୫ ତାରିଖରେ କୋଟି କୋଟି ଟଙ୍କାର ରାସନ ଦୁର୍ନୀତି ସମ୍ବନ୍ଧିତ ମାମଲାର ମୁଖ୍ୟ ଅଭିଯୁକ୍ତ ଶାହାଜାହାନ ଶେଖ ଏବଂ ବୋନେଗାଁଓ ପୌରପାଳିକାର ପୂର୍ବତନ ଅଧକ୍ଷ ଶଙ୍କର ଆଧ୍ୟାଙ୍କ ଘରକୁ ଇଡି ଟିମ୍ ଚଢ଼ଉ ପାଇଁ ଯାଇଥିଲା। ଏହି ସମୟରେ ଶେଖଙ୍କ ସମର୍ଥକ ଇଡି ଅଧିକାରୀଙ୍କୁ ମାଡ଼ ମାରିଥିଲେ।

କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

କ୍ଷମା ମାଗିବାକୁ ଚାହୁଁଛନ୍ତି କି

ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ଆପରାଧିକ ମାନହାନୀ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଝଟ୍‌କା ଲାଗିଛି। ଏହି ମାମଲାରେ କ୍ଷମା ମାଗିବାକୁ ଚାହୁଁଛନ୍ତି କି ବୋଲି ସୁପ୍ରିମକୋର୍ଟ ତାଙ୍କୁ ପ୍ରଶ୍ନ କରିଛନ୍ତି। ଏହା ସହିତ ଅଭିଯୋଗକାରୀଙ୍କୁ କ୍ଷମା ପ୍ରାର୍ଥନା କରିବା ପାଇଁ କେଜ୍ରିୱାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ଜଣେ ୟୁଟ୍ୟୁବରଙ୍କ ଭିଡିଓ ଟ୍ୱିଟ କରିବା ଭୁଲ୍ ଥିଲା ବୋଲି ସେ ମାନିଥିଲେ। କୋର୍ଟ କହିଥିଲେ ଯେ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରିବେ କି ନ କରିବେ ତାହା ଅଭିଯୋଗକାରୀଙ୍କ ଉପରେ ନିର୍ଭର କରୁଛି। ସେହିପରି ସାର୍ବଜନୀନ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରିବେ କି ନାହିଁ ତାହା ବିଚାର କରିବାକୁ କୋର୍ଟ ଅଭିଯୋଗକାରୀଙ୍କୁ କହିଛନ୍ତି। ମଇ ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଅନୁଯାୟୀ ଆମ ଆଦମୀ ପାର୍ଟି ମୁଖ୍ୟ କେଜ୍ରିୱାଲ ୟୁଟ୍ୟୁବର ଧ୍ରୁବ ରାଠିଙ୍କ ଏକ ଭିଡିଓ ବାର୍ତ୍ତାକୁ ରିଟ୍ୱିଟ କରିବାକୁ ନେଇ ୨୦୧୮ରେ ମାନହାନୀ ମାମଲା ରୁଜୁ କରାଯାଇଥିଲା। ଏହାକୁ ନେଇ କେଜ୍ରିୱାଲଙ୍କ ବିରୋଧରେ ସମନ ଜାରି ହୋଇଥିଲା। ଏହି ଭିଡିଓରେ ବିକାଶ ସାକ୍ୟତ୍ୟାୟନ ନାମକ ବ୍ୟକ୍ତିଙ୍କ ଉପରେ ଅପମାନଜନକ ମନ୍ତବ୍ୟ ଦିଆଯାଇଥିଲା। ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଏହି ମାମଲାକୁ ରଦ୍ଦ କରିବା ପାଇଁ ମନା କରିଦେଇଥିଲେ। କେଜ୍ରିୱାଲ ରିଟ୍ୱିଟ କରି ଅନେକ ଲୋକଙ୍କ ପାଖକୁ ଭିଡିଓକୁ ପହଞ୍ଚାଇ ଥିଲେ ବୋଲି କହିଥିଲେ। ହାଇକୋର୍ଟରୁ ନିରାଶ ହେବା ପରେ କେଜ୍ରିୱାଲ ସୁପ୍ରିମକୋର୍ଟ ଯାଇଥିଲେ

ସୁପ୍ରିମକୋର୍ଟରେ ଆବେଦନ

ଇସି ନିଯୁକ୍ତିରେ କଟକଣା ଦାବି

ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ନୂଆ ନିର୍ବାଚନ କମିଶନ ନିଯୁକ୍ତିକୁ ନେଇ କଂଗ୍ରେସ ନେତା ଜୟା ଠାକୁର ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇସି ନିଯୁକ୍ତି କରିବାରେ ସରକାରଙ୍କୁ ଅଟକାଇବା ପାଇଁ ସେ ନିବେଦନ କରିଛନ୍ତି। ଲୋକସଭା ନିର୍ବାଚନ ପରେ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଏହି ଆବେଦନ ଉପରେ ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ଏବେ ୨ଟି ଇସି ପଦବୀ ଖାଲି ରହିଛି। ଏହି ପଦ ପୂରଣ ପାଇଁ ୧୩ କିମ୍ବା ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କମିଟିର ବୈଠକ ବସିବ। ଏବେ କେବଳ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଅଛନ୍ତି। ଜଣେ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଫେବୃଆରୀରେ ଅବସରଗ୍ରହଣ କରିଥିଲେ। ଏହା ପରେ ଗତ ୮ ତାରିଖରେ ଅନ୍ୟତମ ଇସି ଅରୁଣ ଗୋୟଲ ଅଚାନକ ଇସ୍ତଫା ଦେଇଥିଲେ।

ସାଇବାବାଙ୍କ ମୁକ୍ତି ଉପରେ ରହିତାଦେଶ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୧।୩(ଏଜେନ୍ସି): ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଜିଏନ୍ ସାଇବାବା ଓ ଅନ୍ୟ ୫ଜଣ ଅଭିଯୁକ୍ତ ନିର୍ଦ୍ଦୋଷ ବୋଲି ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠଙ୍କ ୨୦୨୪ମାର୍ଚ୍ଚ ୫ ତାରିଖର ରାୟ ଉପରେ ସ୍ଥଗିତାଦେଶ ଦେବାକୁ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଯେଉଁ ଯାଚିକା ଦାଖଲ କରିଥିଲେ ତାହା ଆଜି ଖାରଜ ହୋଇଯାଇଛି। ମାଓବାଦୀଙ୍କ ସହ ସମ୍ପର୍କ ରଖି ଦେଶ ବିରୋଧରେ ଯୁଦ୍ଧ କରିଥିବା ଅଭିଯୋଗରେ ପ୍ରଫେସର ସାଇବାବା ଓ ଅନ୍ୟ ୫ଜଣଙ୍କୁ ୨୦୧୪ରେ ଗିରଫ କରାଯାଇ ସେମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ(ନିରୋଧ) ଆଇନ ବା ୟୁଏପିଏ'ର ଏବଂ ଆଇପିସିର ବିଭିନ୍ନ ଧାରା ଅନୁଯାୟୀ ମାମଲା ଚାଲିଥିଲା। ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲା ଜଜ୍ ୨୦୧୭ ମାର୍ଚ୍ଚ ୭ ତାରିଖରେ ସାଇବାବା ଓ ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ସାଇବାବାଙ୍କ ସମେତ ଅନ୍ୟ ୪ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଓ ଅନ୍ୟ ଜଣଙ୍କୁ ୧୦ବର୍ଷ କାରାଦଣ୍ଡାଦେଶ ଶୁଣାଇଥିଲେ। ଏହି ଦଣ୍ଡାଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। '୨୦୨୨ ଅକ୍ଟୋବରରେ ବମ୍ବେ ହାଇକୋର୍ଟ ସାଇବାବାଙ୍କ ସମେତ ସମସ୍ତ ୬ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ସେମାନଙ୍କୁ ଜେଲରୁ ଛାଡ଼ିଦେବା ପାଇଁ ଆଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ପ୍ରାର୍ଥନା କରି ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଯାଚିକା ଦାଖଲ କରିଥିଲେ। ସୁପ୍ରିମକୋର୍ଟ ସେତେବେଳେ ମାମଲାକୁ ପୁଣି ଥରେ ନୂଆ କରି ବିଚାର କରିବାକୁ ବମ୍ବେ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ମାର୍ଚ୍ଚ ୫ରେ ବମ୍ବେ ହାଇକୋର୍ଟର ଭିନ୍ନ ଏକ ଖଣ୍ଡପୀଠ ମଧ୍ୟ ପ୍ରଫେସର ସାଇବାବା ଓ ଅନ୍ୟ ୫ଜଣ ଅଭିଯୁକ୍ତଙ୍କ ବିରୋଧରେ କୌଣସି ପ୍ରମାଣ ନଥିବାରୁ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯିବା ନିମନ୍ତେ ରାୟ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ସଦ୍ୟତମ ରାୟ ଉପରେ ପୁଣି ରହିତାଦେଶ ପ୍ରାର୍ଥନା କରି ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଯାଚିକା ଦାଖଲ କରିଥିଲେ। ଯାଚିକାର ବିଚାର କରି ବିଚାରପତି ବି ଆର ଗାଭାଇ ଓ ବିଚାରପତି ସନ୍ଦୀପ ମୋହଟାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଆଜି କହିଛନ୍ତି, 'ହାଇକୋର୍ଟ

ପ୍ରକୃତି ଆମ ଆନନ୍ଦ, ଅନୁସନ୍ଧିତ୍ସା ଏବଂ ଅପରିମିତ ଜୀବନ ବିନ୍ୟାସର ଏକ ନୈସର୍ଗିକ ଗନ୍ତାଘର ।
-ନବୀନ ପଟ୍ଟନାୟକ

ସକାଳ
THE SAKALA

ନିର୍ବାଚନ କମିଶନର ଆଶୁ ଚୟନ ପ୍ରସଙ୍ଗ

ଆସନ୍ତା ସାଧାରଣ ନିର୍ବାଚନ ସଙ୍କଟରେ ନପଡ଼ୁ

ଲୋକସଭା ନିର୍ବାଚନ ଘୋଷଣାର ଅଳ୍ପ କେଇଦିନ ପୂର୍ବରୁ ନିର୍ବାଚନ ଆୟୋଗର ଜଣେ ସଦସ୍ୟ ଅରୁଣ ଗୋୟଲ ଅପ୍ରତ୍ୟାଶିତ ଭାବେ ଇସ୍ତଫା ଦେବା ଯେତିକି ରହସ୍ୟପୂର୍ଣ୍ଣ ତତୋଧିକ ଚିନ୍ତାଜନକ । ସେ ଦେଶର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର ହୋଇପାରିଥା'ନ୍ତେ । ନିଜ ଇସ୍ତଫାପତ୍ରରେ ସେ କୌଣସି କାରଣ ଦର୍ଶାଇ ନଥିବାରୁ ତାଙ୍କ ଇସ୍ତଫାକୁ ନେଇ ଅନେକ କଳ୍ପନାଜଳ୍ପନା ରାଜନୈତିକ ମହଲରେ ହେବା ସ୍ୱାଭାବିକ । ତେବେ ଶ୍ରୀ ଗୋୟଲଙ୍କ ଇସ୍ତଫା ଫଳରେ ତିନି ସଦସ୍ୟ ବିଶିଷ୍ଟ ନିର୍ବାଚନ ଆୟୋଗରେ ବର୍ତ୍ତମାନ କେବଳ ଜଣେ ମାତ୍ର ସଦସ୍ୟ ଅଛନ୍ତି, ଯେ କି ମୁଖ୍ୟ ନିର୍ବାଚନ କମିଶନର ଭାବେ କାର୍ଯ୍ୟ କରୁଛନ୍ତି । ସେ ହେଲେ ରାଜୀବ କୁମାର । କେନ୍ଦ୍ର ସରକାର ଏବେ ଏଭଳି ଅପ୍ରତ୍ୟାଶିତ ପରିସ୍ଥିତିର ସମ୍ମୁଖୀନ ହେବା ପରେ ଜରୁରିକାଳୀନ ଭିତ୍ତିରେ ଦୁଇଟି ରିକ୍ତ ନିର୍ବାଚନ କମିଶନର ପଦ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଚଳିତ ମାସ ୧୫ ତାରିଖ ସୁଦ୍ଧା ଏ କାମ ଶେଷ ହେଲେ ଯାଇ ସାଧାରଣ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବ । ତେବେ ସରକାର ଯେଉଁ ତରବରିଆ ଭାବେ ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି, ତା' ବିରୋଧରେ କେତେକ ସୁପ୍ରିମକୋର୍ଟରେ ମାମଲା ରୁଜୁ କରି ଏହା ନୂତନ ଚୟନ ଆଇନ ପ୍ରକ୍ରିୟାରେ ନ କରିବାକୁ ପ୍ରାର୍ଥନା କରିଛନ୍ତି । ସର୍ବୋଚ୍ଚ ଅଦାଲତ ଏହା ଉପରେ କି ନିଷ୍ପତ୍ତି ନେବେ, ତାହା ଭିନ୍ନ କଥା ।

ମୁଖ୍ୟ ବିରୋଧୀ ଦଳ ଜାତୀୟ କଂଗ୍ରେସ ପକ୍ଷରୁ କମିଶନର ଗୋୟଲଙ୍କ ଅଚାନକ ଇସ୍ତଫା ଉପରେ ବଡ଼ ପ୍ରଶ୍ନ ଚିହ୍ନ ଲଗାଇଛନ୍ତି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏହି ପ୍ରକରଣରେ କିଛି ଅସାଧୁ ଦେଣନେଣର ଆଶଙ୍କା ପ୍ରକାଶ କରିଛନ୍ତି । ବିଶେଷକରି ଲୋକସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏଭଳି ଏକ ଘଟଣା ଏ ସମ୍ପର୍କୀୟ ଆମ ସାମ୍ବିଧାନିକ ପ୍ରକ୍ରିୟାରେ କିଛିଟା ଦୁର୍ବଳତାକୁ ମଧ୍ୟ ଦର୍ଶାଉଛି । ଅବଶ୍ୟ ଏ ମଧ୍ୟରେ ନୂତନ ଚୟନ ପ୍ରକ୍ରିୟା ନିୟମ ଅନୁଯାୟୀ କେନ୍ଦ୍ର ସରକାର ସ୍ଥାୟୀ ଚୟନ ସମିତିର ଅନ୍ୟତମ ସଭ୍ୟ ଲୋକସଭାରେ ବିରୋଧୀ ଦଳର ନେତା କଂଗ୍ରେସର ଅଧୀର ରଞ୍ଜନ ଚୌଧୁରୀଙ୍କୁ ଏହି ଆସନ୍ନ ଚୟନ ପ୍ରକ୍ରିୟା ପାଇଁ ଆଗରୁ ସୂଚିତ କରାଇସାରିଲେଣି । ଶ୍ରୀଚୌଧୁରୀ ଏହି ଚୟନ ସମିତିର ବୈଠକରେ ଯୋଗ ଦେବେ ବୋଲି ସମ୍ମତି ଦେଇଛନ୍ତି, କିନ୍ତୁ ତାରିଖ ଘୋଷଣା ଅପେକ୍ଷାରେ ଅଛନ୍ତି ।

ଏ ଦେଶରେ ମୂଳରୁ ଜଣିକିଆ ନିର୍ବାଚନ କମିଶନର ବ୍ୟବସ୍ଥା ଥିଲା । ଏହା ଅଧୀନରେ ଦେଶରେ ଅନେକ ସାଧାରଣ ନିର୍ବାଚନ ପରିଚାଳିତ ହୋଇଛି । ତେବେ ପୂର୍ବତନ ବରିଷ୍ଠ ପ୍ରଶାସକ ତଥା ନିର୍ବାଚନ କମିଶନର ଟିଏନ୍ ଶେଷାନଙ୍କ କାର୍ଯ୍ୟକାଳ ସମୟରେ ତାଙ୍କର ଅତିକ୍ରିୟା ଓ କାର୍ଯ୍ୟ ଫଳରେ ବୋଧହୁଏ ତାଙ୍କୁ ନିୟନ୍ତ୍ରଣରେ ରଖିବାକୁ ତତ୍କାଳୀନ କେନ୍ଦ୍ର ସରକାର ଏହି ଆୟୋଗକୁ ତିନିଜଣିଆ କରାଗଲା । ଜଣେ ମୁଖ୍ୟ କମିଶନର ଓ ଅନ୍ୟ ଦୁଇଜଣ କମିଶନର ରହିବା ଫଳରେ ମୁଖିଆ ଏକାଟିଆ କୌଣସି ନିଷ୍ପତ୍ତି ନେବାର ଅଧିକାର ହରାଇଲେ । ତେଣୁ ଆୟୋଗର ବ୍ୟବସ୍ଥାରେ ବହୁମତ ଏକ ଅପରିହାର୍ଯ୍ୟ ଆବଶ୍ୟକତା ପାଲଟିଲା । ଏବେ ତିନିଜଣିଆ ସଦସ୍ୟଙ୍କ ମଧ୍ୟରୁ ଜଣଙ୍କର କାର୍ଯ୍ୟକାଳ ପୂର୍ବରୁ ଶେଷ ହୋଇଥିବା ବେଳେ ଆଉ ଜଣେ ରହସ୍ୟଜନକ ଭାବେ ଇସ୍ତଫା ଦେଇଛନ୍ତି । ତେଣୁ ରାଜୀବ କୁମାର ଏକମାତ୍ର କମିଶନ ତଥା ଏହାର ମୁଖ୍ୟ ଭାବେ ଅବସ୍ଥାପିତ । ସମ୍ବିଧାନ ମତେ ସେ ଏକା ଆସନ୍ନ ସାଧାରଣ ନିର୍ବାଚନକୁ ପରିଚାଳନା କରିପାରିବେ ନାହିଁ ।

ଏହିଭଳି ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ହେଲା ତୁରନ୍ତ ଦୁଇଜଣ ନିର୍ବାଚନ କମିଶନରଙ୍କ ପଦ ଚୟନ ଓ ନିଯୁକ୍ତି ପ୍ରକ୍ରିୟା ଯଥାଶୀଘ୍ର ଶେଷ କରିବେ । ଏଥିପାଇଁ ସମୟ ଯଥେଷ୍ଟ ଅଛି ଏବଂ ପ୍ରାକ୍‌ଚୟନ(ସର୍ଚ୍ଚ)କମିଟି ଏହାର ପ୍ରକ୍ରିୟା ଆରମ୍ଭ କରିସାରିଲେଣି । ଏହାପୂର୍ବରୁ ଅରୁଣ ଗୋୟଲଙ୍କ ଚୟନ ଅପ୍ରତ୍ୟାଶିତ ଭାବେ ବହୁଶୀଘ୍ର କରାଯାଇଥିଲା ଏବଂ ସେଥିପାଇଁ ମାମଲା ସୁପ୍ରିମକୋର୍ଟରେ ଉଠାଯାଇଥିଲା । ସୁପ୍ରିମକୋର୍ଟ ସମ୍ବିଧାନ ଓ ଆଇନର ତର୍ଜମା କରି ଏଭଳି ଚୟନ ପ୍ରକ୍ରିୟାରେ ସଂଶୋଧନ ନିମନ୍ତେ ରାୟ ଦେଇଥିଲେ ଏବଂ ପାର୍ଲାମେଣ୍ଟ ଦ୍ୱାରା ନୂତନ ଆଇନ ପ୍ରଣୟନ ହେବା ପୂର୍ବରୁ ଏକ ଅନ୍ତରୀଣ ବ୍ୟବସ୍ଥା ଭାବରେ ଏକ ଚୟନ କମିଟି ମଧ୍ୟ ନିର୍ଦ୍ଧାରିତ କରିଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ ଏହି କମିଟିରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସଭ୍ୟ ରୂପେ ସ୍ଥାନିତ କରାଯାଇଥିଲା । ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶର ଆଭିମୁଖ୍ୟ ଚୟନ ପ୍ରକ୍ରିୟାକୁ ନିରପେକ୍ଷ ଓ ନ୍ୟାୟସମ୍ମତ ରଖିବା ପାଇଁ କରାଯାଇଥିଲା ବୋଲି ସମୀକ୍ଷକଙ୍କ ମତ ଥିଲା । ତେବେ ପାର୍ଲାମେଣ୍ଟ ଦ୍ୱାରା ଏନ୍‌ଡିଏ ସରକାର ନିର୍ବାଚନ କମିଶନର ନିଯୁକ୍ତି ପାଇଁ ଏକ ବିଶେଷ ଆଇନ ଇତିମଧ୍ୟରେ ପାସ୍ କରାଇଲେ । ଏହି ନୂତନ ଆଇନରେ ଚୟନ ସମିତିର ସଭ୍ୟ ରୂପେ ପ୍ରଧାନମନ୍ତ୍ରୀ, ଆଇନ ମନ୍ତ୍ରୀ, ଅନ୍ୟ ଜଣେ ଚୟନିତ କେନ୍ଦ୍ର ମନ୍ତ୍ରୀ ତଥା ଲୋକସଭାରେ ବିପକ୍ଷ ଦଳର ନେତାଙ୍କୁ ରଖାଗଲା । ତେଣୁ ସମ୍ପ୍ରତି ଏହି ନୂତନ ଆଇନ ବ୍ୟବସ୍ଥା ଅନୁଯାୟୀ, ଦୁଇ ନିର୍ବାଚନ କମିଶନରଙ୍କ ଚୟନକୁ ନେଇ କୌଣସି ଆଶଙ୍କା ରଖିବା ଅନୁଚିତ । କାରଣ ସଂସଦ ହିଁ ଆଇନ ପ୍ରଣୟନ ନିମନ୍ତେ ସାମ୍ବିଧାନିକ ସାର୍ବଭୌମ ଅଧିକାର ପ୍ରାପ୍ତ ।

ସାଧାରଣ ନିର୍ବାଚନ ଅତି ନିକଟ ହୋଇଯାଇଥିବାରୁ ଏଭଳି ଏକ ଘଟଣାରେ ରାଜନୈତିକ ତର୍କ-ବିତର୍କ ହେବା ସ୍ୱାଭାବିକ । ବିରୋଧୀ ଦଳ ପକ୍ଷରୁ ନିଶ୍ଚିତ ଭାବେ ସମାଲୋଚନାର ସ୍ୱର ଉଠିବ ଯେ ସୁପ୍ରିମକୋର୍ଟ ଦ୍ୱାରା ପ୍ରଦତ୍ତ ପୂର୍ବତନ ନିର୍ଦ୍ଦେଶ ଅନୁସାରେ ନିର୍ବାଚନ କମିଶନର ଚୟନ ଓ ନିଯୁକ୍ତିକୁ କେନ୍ଦ୍ର ସରକାର ବିରୋଧ କରିବା ଉଚିତ ହୋଇନାହିଁ । ନୂତନ ଆଇନ ଅନୁସାରେ ଚୟନ ସମିତି ସର୍ବସମ୍ମତିରେ କାହାକୁ ଚୟନ କଲେ ମଧ୍ୟ ସରକାରୀ ପକ୍ଷର ସଭ୍ୟ ସଂଖ୍ୟା ଅଧିକ ଥିବାରୁ ଏହା ଅନୈତିକ ବୋଲି ପ୍ରଶ୍ନ ଉଠାଯିବ । ତେବେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବହୁମତର ନ୍ୟାୟିକ ଔଚିତ୍ୟ ଥିବାରୁ ସଂସଦରେ ବିଲ୍ ଓ ବଜେଟ୍ ପାରିତ ହେବା ଠାରୁ ଆରମ୍ଭ କରି ବରିଷ୍ଠ ସାମ୍ବିଧାନିକ ପଦପଦବୀରେ ଚୟନ ପାଇଁ ବହୁମତ ଭିତ୍ତିରେ ନିଷ୍ପତ୍ତି ନିଆଗଲେ ସେଥିରେ ଆପତ୍ତି ବା କ'ଣ ରହିପାରେ? ତେବେ ବିରୋଧୀ ଦଳ ଓ ସ୍ୱାଧୀନ ଗବେଷକ ଓ ପର୍ଯ୍ୟବେକ୍ଷକ ଭିନ୍ନ ମତ ପୋଷଣ କରିବା ସ୍ୱାଭାବିକ । ଏବେ ଏହି ମାମଲାଟି ପୁଣି ଥରେ ସୁପ୍ରିମକୋର୍ଟ ଯାଇଥିବାରୁ ଏ ସମ୍ପର୍କରେ ଅଦାଲତଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବା ବାଞ୍ଛନୀୟ । ତେବେ ନିର୍ବାଚନ ପାଇଁ ସାମ୍ବିଧାନିକ ପ୍ରକ୍ରିୟାରେ ଯେଭଳି କୌଣସି ବାଧା ନ ଉପୁଜେ ଓ ସଙ୍କଟ ସୃଷ୍ଟି ନ ହୁଏ ତାହା ଦେଖିବା ସରକାର ଓ ନ୍ୟାୟପାଳିକାର ପ୍ରଧାନ କର୍ତ୍ତବ୍ୟ ।

ଜିଏସ୍‌ଟି: ପରୋକ୍ଷ ଟିକସ ବ୍ୟବସ୍ଥାରେ ସଫଳ ସଂସ୍କାର

ଅରବିନ୍ଦ ରାଉତରାୟ
କଟକ, ମୋ: ୯୪୩୭୧୩୪୪୦୦

ଭାରତୀୟ ସମ୍ବିଧାନର ସଂଶୋଧନ ବିଲ ସଂସଦର ଅନୁମୋଦନ ଲାଭ କରିବା ପରେ ୨୦୧୭ ଜୁଲାଇ ଆରମ୍ଭରୁ 'ଜିଏସ୍‌ଟି' ବା 'ଦ୍ରବ୍ୟ ଓ ସେବା ଟିକସ' ଦେଶରେ ଲାଗୁ ହେଲା । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ପ୍ରଚଳିତ ବହୁବିଧ ପରୋକ୍ଷ ଟିକସ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଓ 'ଏକ ରାଷ୍ଟ୍ର ଏକ ଟିକସ' ବ୍ୟବସ୍ଥାର ପ୍ରଚଳନ ଲକ୍ଷ୍ୟ ନେଇ ୨୦୦୦ରେ ଯେଉଁ ପ୍ରୟାସର ସୂତ୍ରପାତ ହୋଇଥିଲା, ତା'ର ଜନକ ଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ । ବିଶ୍ୱର ୧୪୦ଟି ରାଷ୍ଟ୍ରରେ ଲାଗୁ ହେଉଥିବା ଏହି ଟିକସ ଢାଞ୍ଚାର ପ୍ରଥମ ସ୍ପର୍ଶ ପାଇଥିଲା ଫ୍ରାନ୍ସ । ଦେଶର ଶାସନ ପ୍ରକ୍ରିୟାକୁ ସୁସଂଗତ କରିବା ଏବଂ ବିକାଶ ଧାରାକୁ ନିରବଚ୍ଛିନ୍ନ ଓ ଊର୍ଦ୍ଧ୍ୱଗାମୀ କରିବା ପାଇଁ ଏକ ସ୍ୱଚ୍ଛ, ସରଳ ଓ ବୋଝରହିତ ପରୋକ୍ଷ ଟିକସ ବ୍ୟବସ୍ଥା ଯେ ଅପରିହାର୍ଯ୍ୟ, ତାହା ଅନୁଭୂତ ହୋଇଥିଲା । ବାଜପେୟୀଙ୍କ ଶାସନ କାଳରେ ଅର୍ଥ ମନ୍ତ୍ରଣାଳୟର ପରାମର୍ଶଦାତା ବିଜୟ ଏଲ୍ କେଲକାରଙ୍କ ନେତୃତ୍ୱରେ ଏକ ଟାସ୍କଫୋର୍ସ ଗଠିତ ହୋଇଥିଲା ୨୦୦୪ରେ । ପ୍ରଚଳିତ ପରୋକ୍ଷ ଟିକସ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଅସଙ୍ଗତି ଓ ତ୍ରୁଟିବିଚ୍ୟୁତିର ସଂସ୍କାର କେବଳ ଏକକ ଟିକସ ବ୍ୟବସ୍ଥା 'ଜିଏସ୍‌ଟି' ମାଧ୍ୟମରେ ଅଣାଯାଇପାରିବ ବୋଲି 'କେଲକାର କମିଟି' ରିପୋର୍ଟ ପ୍ରଦାନ କରିଥିଲେ ।

୨୦୦୫ ଫେବୃଆରୀରେ ତତ୍କାଳୀନ ୟୁପିଏ ସରକାରଙ୍କ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ପରୋକ୍ଷ ଟିକସ ଢାଞ୍ଚାରେ ଏକ ମଧ୍ୟମ ଓ ଦୀର୍ଘମିଆଦୀ ସଂସ୍କାର କେବଳ 'ଜିଏସ୍‌ଟି' ମାଧ୍ୟମରେ ଅଣାଯାଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । କେବଳ ସେତିକି ନୁହେଁ, ୨୦୦୭-୨୦୦୮ ବଜେଟ୍ ଆଲୋଚନା ବେଳେ 'ଜିଏସ୍‌ଟି' ସମ୍ପର୍କିତ ଚୂଡ଼ାନ୍ତ ବିଶଦ ରିପୋର୍ଟ ୨୦୧୦ ଏପ୍ରିଲ୍ ପହିଲା ସୁଦ୍ଧା ଦେଶବାସୀଙ୍କ ପାଇଁ ସମର୍ପିତ ହେବ ବୋଲି ପ୍ରକାଶ କରିଥିଲେ । ୨୦୦୯ ଜୁଲାଇରେ ତତ୍କାଳୀନ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀ ମଧ୍ୟ 'ଜିଏସ୍‌ଟି'ର ଆବଶ୍ୟକତାକୁ ଉପଲବ୍ଧି କରିଥିଲେ ଓ ପରବର୍ତ୍ତୀ ସମୟରେ ଏହି ଟିକସ ବ୍ୟବସ୍ଥାର ମୂଳଭିତ୍ତି ପ୍ରସ୍ତୁତ କରାଯାଇଥିଲା । ବଜେଟ୍‌ରେ ଏଥିପାଇଁ ୧୧୩୨ କୋଟି ଟଙ୍କାର ବ୍ୟୟବରାଦ ମଧ୍ୟ କରାଯାଇଥିଲା । ଏହି ସଂସ୍କାରକୁ ସ୍ୱଚ୍ଛ ଓ ସରଳ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟମାନଙ୍କରେ ପ୍ରଚଳିତ ବାଣିଜ୍ୟ କର ବ୍ୟବସ୍ଥାର କମ୍ପ୍ୟୁଟରୀକରଣ ପାଇଁ ପଦକ୍ଷେପ ନିଆଯାଇଥିଲା ।

୨୦୧୧ ମାର୍ଚ୍ଚରେ ସରକାର ଜିଏସ୍‌ଟି ପାଇଁ ଯେତେବେଳେ ୧୧୫ତମ ସମ୍ବିଧାନ ସଂଶୋଧନ ବିଲ ଆଣିଥିଲେ, ତତ୍କାଳୀନ ବିରୋଧୀ ଦଳ ତାହାକୁ ପାରୁ ପର୍ଯ୍ୟନ୍ତ ବିରୋଧ କରିବାକୁ ପଛାଇ ନଥିଲେ । ୨୦୧୩ କେନ୍ଦ୍ର ବଜେଟ୍‌ରେ ଜିଏସ୍‌ଟି ଲାଗୁ ସମ୍ପର୍କିତ କ୍ଷତିର ଭରଣା କରିବା ପାଇଁ ସରକାର ୯ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଥିବା ବେଳେ ଶିଳ୍ପସମୃଦ୍ଧ ଗୁଜରାଟ ୧୪ ହଜାର କୋଟି ଟଙ୍କାର କ୍ଷତିର ଆଶଙ୍କା କରି ତୀବ୍ର ବିରୋଧ କରିଥିଲା । ମାତ୍ର ଆଜି ଜିଏସ୍‌ଟିକୁ ସଫଳ ରୂପ ଦେବାରେ ସେହି ରାଜ୍ୟ ଗୁଜୁରାଟ ତୃତୀୟ ସ୍ଥାନରେ ରହିଛି । ୨୦୨୩ ଆର୍ଥିକ ବର୍ଷରେ ଏହି ରାଜ୍ୟ ୯ ହଜାର ୮ ଶହ

କୋଟି ଟଙ୍କାର ଟିକସ ରାଜସ୍ୱ ଦେଇଥିବା ବେଳେ ମହାରାଷ୍ଟ୍ର ୨୩ ହଜାର ୫୩୬ କୋଟି ଟଙ୍କାର ରାଜସ୍ୱ ଦେଇ ପ୍ରଥମ ଓ କର୍ଣ୍ଣାଟକ ୧୧ ହଜାର ୩୧୭ କୋଟି ଟଙ୍କା ଦେଇ ଦ୍ୱିତୀୟ ସ୍ଥାନରେ ରହିଛି । ଅବଶ୍ୟ ସର୍ବନିମ୍ନ ତାଲିକାରେ ହିମାଚଳ ପ୍ରଦେଶ, ଗୋଆ, ତ୍ରିପୁରା, ମେଘାଳୟ, ମଣିପୁର, ଅରୁଣାଚଳ ପ୍ରଦେଶ ଆଦି ସ୍ଥାନିତ ହୋଇଛନ୍ତି ।

ସେହିପରି ଏ ବାବଦ ଶୁଳ୍କ ସଂଗ୍ରହର ବାର୍ଷିକ ହିସାବକୁ ଯଦି ଆମେ ଦେଖିବା ୨୦୨୨ ଅପ୍ରେଲରୁ ଡିସେମ୍ବର ମଧ୍ୟରେ ୧୩ ଲକ୍ଷ ୪୦ ହଜାର କୋଟି ଟଙ୍କାର ରାଜସ୍ୱ ମିଳିଥିବା ବେଳେ ପରବର୍ତ୍ତୀ ଅର୍ଥାତ୍ ୨୦୨୩ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ତାହା ୧୨ ପ୍ରତିଶତ ବୃଦ୍ଧି ପାଇ ୧୪ ଲକ୍ଷ ୯୨୭ ହଜାର କୋଟିରେ ପହଞ୍ଚିଥିଲା । ୨୦୧୫ରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏ ସମ୍ପର୍କିତ ୧୨୨ ତମ ସମ୍ବିଧାନ ସଂଶୋଧନ ବିଲ ଲୋକସଭାରେ ଆଗତ କରିଥିଲେ ଓ ତାହା ସଦନର ଅନୁମୋଦନ ଲାଭ କରିଥିଲା । ୨୦୧୬ ଜୁନ୍‌ରେ ସେ ଏ ସମ୍ପର୍କିତ ଆଇନର ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିଥିଲେ ଓ ସେହି ବର୍ଷ ଅଗଷ୍ଟରେ ତାହା ରାଜ୍ୟସଭାରେ ମଧ୍ୟ ଅନୁମୋଦିତ ହୋଇଥିଲା । ଅନୁମୋଦିତ ଆଇନରେ ଜିଏସ୍‌ଟିକୁ ଚାରିଭାଗରେ ବିଭକ୍ତ କରାଯାଇଥିଲା ଦ୍ରବ୍ୟ ଓ ସେବାର ପ୍ରଚଳନ ଭିତ୍ତିରେ । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱିତ ଦ୍ରବ୍ୟ ଓ ସେବା କାରବାର ଆଇଜିଏସ୍‌ଟି, କେନ୍ଦ୍ର ଅଧୀନସ୍ଥ କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା କର ବା ସିଜିଏସ୍‌ଟି, ରାଜ୍ୟ ମଧ୍ୟରେ ପ୍ରଚଳିତ ରାଜ୍ୟ ଦ୍ରବ୍ୟ ଓ ସେବା କର- ଏସ୍‌ଜିଏସ୍‌ଟି ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୟୁଟିଜିଏସ୍‌ଟିର ପ୍ରଚଳନ ଆରମ୍ଭ ହୋଇଥିଲା । ଏଥିପାଇଁ କେନ୍ଦ୍ର ସରକାର ପ୍ରଚଳିତ ଟିକସ ବ୍ୟବସ୍ଥା ଓ ଟିକସ ହାରରେ ଆବଶ୍ୟକ ପରିବର୍ତ୍ତନ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନେତୃତ୍ୱରେ ଜିଏସ୍‌ଟି ପରିଷଦ ମଧ୍ୟ ଗଠନ କରିଥିଲେ ।

ଏବେ ନିୟମିତ କରଦାତାଙ୍କ ପାଇଁ ପାଞ୍ଚସ୍ତରୀୟ ଟିକସ ବ୍ୟବସ୍ଥା ଲାଗୁ ହେଉଛି । ଶୂନ୍ୟ ଟିକସଠାରୁ ଆରମ୍ଭ କରି ୫ ପ୍ରତିଶତ, ୧୨, ୧୮ ଓ ସର୍ବୋଚ୍ଚ ୨୮ ପ୍ରତିଶତ ହାରରେ ଏହା ସଂଗୃହୀତ ହେଉଛି । ଏହି ବ୍ୟବସ୍ଥାରୁ ରାଜ୍ୟମାନଙ୍କରେ ପେଟ୍ରୋଲ ସାମଗ୍ରୀ ଓ ମାଦକ ଦ୍ରବ୍ୟ ଆଦିକୁ ବାଦ ଦିଆଯାଇଛି । ତେବେ କୌଣସି ଗ୍ରାହକ ଏହି ଟିକସ ସିଧାସଳଖ ସରକାରଙ୍କୁ ଦେବାର କୌଣସି ବ୍ୟବସ୍ଥା ନାହିଁ । ସେଥିପାଇଁ ତ ଏହା ପରୋକ୍ଷ କର ଭାବେ ପରିଗଣିତ । ଗ୍ରାହକ ଦ୍ରବ୍ୟ କ୍ରୟ ବା କୌଣସି ସେବା ଉପଲବ୍ଧି କରିବା ବେଳେ ପଞ୍ଜିକୃତ ବିକ୍ରେତାଙ୍କୁ ଏହି ଟିକସ ପ୍ରଦାନ କରିଥା'ନ୍ତି ଓ ତାହା କେନ୍ଦ୍ର ସରକାରଙ୍କୁ ପୈଠ କରାଯାଇଥାଏ । ସଂଗୃହୀତ ଟିକସ ପ୍ରକ୍ରିୟାରେ ରାଜ୍ୟମାନେ ସେମାନଙ୍କ ଭାଗ କେନ୍ଦ୍ର ସରକାରଙ୍କଠାରୁ ପାଇଥା'ନ୍ତି । କେତେକ ଦେଶରେ ଏହି ପ୍ରକ୍ରିୟା ମୂଲ୍ୟମିଶ୍ରିତ କର ବା ଭ୍ୟାଟ୍ ଭାବେ ପରିଗଣିତ । ମାତ୍ର ବିକ୍ରେତା ନିୟମିତ କର ସମ୍ପର୍କିତ ରିଟର୍ଣ୍ଣ ନ ଦେଲେ ଦୈନିକ ଜୋରିମାନାର ବ୍ୟବସ୍ଥା ରହିଛି । ଏପରିକି ଟିକସ ଖିଲାପକାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତ ପର୍ଯ୍ୟନ୍ତ କ୍ଷମତା ଏହି ବ୍ୟବସ୍ଥାରେ ରଖାଯାଇଛି । ଜିଏସ୍‌ଟି ପ୍ରଚଳନ ପ୍ରାରମ୍ଭରେ ଅର୍ଥାତ୍ ୨୦୧୭-୨୦୧୮ରେ ଏ ବାବଦ ରାଜସ୍ୱ ମାତ୍ର ୭ ଲକ୍ଷ ୧୯ ହଜାର ୭୮ କୋଟି ଟଙ୍କା ଥିଲା । ୨୦୨୦-୨୧ରେ ମହାମାରୀ କୋଭିଡ୍ ସମଗ୍ର ଦେଶକୁ ଗ୍ରାସ କରି ଥିବା ବେଳେ ଜିଏସ୍‌ଟି ରାଜସ୍ୱ ୧୧ଲକ୍ଷ ୩୬ ହଜାର ୮୦୩ କୋଟିକୁ ଖସିଆସିଥିଲା ।

ଏକ ବିକାଶମୁଖୀ ରାଷ୍ଟ୍ରରେ ବିକାଶ ଧାରାକୁ ବଜାୟ ରଖିବା ପାଇଁ ରାଜସ୍ୱ ସଂଗ୍ରହରେ ଅଭିବୃଦ୍ଧି ଏକାନ୍ତ ଅପରିହାର୍ଯ୍ୟ । ପ୍ରଚଳିତ ପରୋକ୍ଷକର ସଂସ୍କାରର ସଫଳ ରୂପାୟନ ଓ ସୁଫଳ ରାଜସ୍ୱ ସଂଗ୍ରହ ଲକ୍ଷ୍ୟକୁ ସୁପଥଗାମୀ କରିଚାଲିଛି । ସରଳଭାଷାରେ କହିବାକୁ ଗଲେ ଜିଏସ୍‌ଟି ପ୍ରଚଳନ ଦେଶରେ ସଫଳ ହେବା ସହିତ ଟିକସ ବ୍ୟବସ୍ଥାର ସଂସ୍କାର କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି । କେବଳ ସେତିକି ନୁହେଁ ପ୍ରଚଳିତ ବହୁବିଧ ଟିକସ ଓ ସେବା ବ୍ୟବସ୍ଥା ଉଚ୍ଛେଦ ହେବା ସହିତ 'ଇନିସ୍‌ପେକ୍ଟର ରାଜ'ର ମଧ୍ୟ ଅନ୍ତ ଘଟିଛି । ଜିଏସ୍‌ଟି ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ବା ଡିଜିଟାଲ ହେବା ଯୋଗୁଁ ସମଗ୍ର ଦେଶରେ ଟିକସ ସଂଗ୍ରହ କ୍ଷେତ୍ରରେ ସ୍ୱଚ୍ଛ ବାତାବରଣ ସୃଷ୍ଟି କରାଯାଇପାରିଛି । ଆଇନକୁ ଏତେ କଡ଼ା କରାଯାଇଛି ଯେ କର୍ମଚାରୀ ହୁଅନ୍ତୁ ବା ବ୍ୟବସାୟୀ କେହି ଦୁର୍ନୀତି ଓ ଅନୀତିର ସାହାରା ନେବା ଅସମ୍ଭବ ।

ଅର୍ଥନୈତିକ ପ୍ରଗତି ଦିଗକୁ ଯଦି ଆମେ ପରଖିବା ତେବେ ପ୍ରଚଳିତ ସଂସ୍କାର ବ୍ୟବସ୍ଥାରେ ବିଦେଶୀ ପୁଞ୍ଜି ଆଗମନ ସହଜ ଓ ବିଶ୍ୱସନୀୟ ହୋଇପାରିଛି । ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ହାରାହାରି ୩ ପ୍ରତିଶତ ବୃଦ୍ଧି ପାଇବା ସହିତ ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜୁରାଟ ଓ ଦିଲ୍ଲୀରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍

କଳାହାଣ୍ଡିରେ ବିଜେପି ଓ କଂଗ୍ରେସକୁ ବଡ଼ ଧକ୍କା

ଶଙ୍ଖ ଧରିଲେ ୨୨ ସରପଞ୍ଚ ଓ ସମିତି ସଭ୍ୟ

ଭୁବନେଶ୍ୱର, ୧୧।୩(ସମିସ): ପ୍ରତିଦିନ ରାଜ୍ୟରେ ବଢୁଛି ବିଜେଡିର ବଳ। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଏବଂ ରାଜ୍ୟର ରୂପାନ୍ତରଣ ଯାତ୍ରାରେ ଅନୁପ୍ରାଣିତ ହୋଇ ବିରୋଧୀ କଂଗ୍ରେସ ଓ ବିଜେପିର ବହୁ ନେତା ନିଜର ଅନୁଗାମୀ ଓ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହେଉଛନ୍ତି। ଏହି କ୍ରମରେ

ବିଜେଡିରେ ସାମିଲ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ

ଆଜି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ, ୨୨ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ଧର୍ମଗଡ଼ ଓ କଲ୍ୟାଣପୁର ବ୍ଲକର ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ଶଙ୍ଖଭବନରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ରାଜ୍ୟସଭା ସାଂସଦ ସୁଜିତ କୁମାର, ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଧର୍ମଗଡ଼ ବିଧାୟକ ମୌଷଧୀ ବାଗ, ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ ସେମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ କଳାହାଣ୍ଡି ଜିଲ୍ଲାରେ ବିଜେଡି ସଂଗଠନ ଆହୁରି ମଜଭୂତ ହେବ ବୋଲି ଦଳରନେତାମାନେ ପ୍ରକାଶ କରିଛନ୍ତି। ଯୋଗଦାନ ପରେ ଏହି ନେତାମାନେ ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ନିଷ୍ଠାପରଭାବେ ଓଡ଼ିଶାବାସୀଙ୍କ ସେବା କରିବା ଲାଗି ମୁଖ୍ୟମନ୍ତ୍ରୀ ଦଳର ନୂତନ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଛନ୍ତି।

ବିଜେଡ଼ିରେ ସାମିଲ୍ ହୋଇଥିବା କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ ଓ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ୫-ଟି ଉପକ୍ରମ ଅଧିନରେ ସମଗ୍ର ରାଜ୍ୟ ଆଜି ବିକାଶର ଶୀର୍ଷ ଛୁଇଁଛି। ଓଡ଼ିଶାବାସୀଙ୍କୁ ରୂପାନ୍ତରଣ ସ୍ରୋତରେ ସାମିଲ କରିଥିବା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସମସ୍ତଙ୍କର ଆକୁଣ୍ଠ ସମର୍ଥନ ରହିଛି। ଦିନକୁ ଦିନ ମୁଖ୍ୟମନ୍ତ୍ରୀଙ୍କ ବର୍ଦ୍ଧିତ ଲୋକପ୍ରିୟତା, ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ କହିଛନ୍ତି। କାର୍ଯ୍ୟକ୍ରମକୁ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରବଣ ବାଧିତ ପଢ଼ିବେ ହୋଟେଲ ମ୍ୟାନେଜମେଣ୍ଟ

ଭୁବନେଶ୍ୱର, ୧୧ ।୩ (ସମିସ): ଭିନ୍ନକ୍ଷମ ଯୁବକଯୁବତୀଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ଲାଗି ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ ଶ୍ରବଣବାଧିତ ଯୁବକଯୁବତୀଙ୍କୁ ହୋଟେଲ ମ୍ୟାନେଜମେଣ୍ଟ ଶିକ୍ଷାଦାନ ପାଇଁ ଅଣ୍ଟା ଭିଡ଼ିଛି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ। ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରାଳୟ ଅଧୀନ ସ୍ୱୟଂଶାସିତ ସଂସ୍ଥା ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିସନ୍ ଏ ଦିଗରେ ସହାୟତା ଦେବେ। ରାଜିନାମା ଅନୁସାରେ ଉକ୍ତ ଅନୁଷ୍ଠାନ ୧୫୦ ଜଣ ଶ୍ରବଣବାଧିତ ଯୁବକ ଯୁବତୀଙ୍କୁ ପାଞ୍ଚଟି ବ୍ୟାଚ୍‌ରେ ଦକ୍ଷତା ବିକାଶ ତାଲିମ୍ ସହିତ ନିଯୁକ୍ତି ପ୍ରଦାନ କରିବ। ଏଥିପାଇଁ ଉକ୍ତ ଅନୁଷ୍ଠାନ ସହ ଏସ୍‌ଏସ୍‌ଇପିଡି ବିଭାଗ ଏକ ବୁଝାମଣା ସ୍ୱାକ୍ଷର କରିଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏସ୍‌ଏସ୍‌ଇପିଡି ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କହିଥିଲେ ଯେ ଏପରି ପଦକ୍ଷେପ ଦ୍ୱାରା ଭିନ୍ନକ୍ଷମମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଏବଂ ସେମାନେ ରୋଜଗାରକ୍ଷମ ହୋଇପାରିବେ। ଉକ୍ତ ବୁଝାମଣାପତ୍ରରେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ କୁମାର ରାୟ ଓ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସାରଦା ଘୋଷ ସ୍ୱାକ୍ଷର କରିଥିଲେ।

୨ ହତ୍ୟାକାରୀକୁ ଆଜୀବନ

ଭବାନୀପାଟଣା, ୧୧ ।୩(ସମିସ): କଳାହାଣ୍ଡି ଜିଲ୍ଲା ଦୌରାଜଜ୍ ଦୀପ୍ତି ରଞ୍ଜନ କାନୁନଗୋ ସୋମବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ଅଭି ଭୋଇକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଅଭିଙ୍କ ପତ୍ନୀ ପ୍ରଫୁଲ୍ଲଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଗତ ୧୪ ସେପ୍ଟେମ୍ବର ୨୦୧୮ରେ ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଡୋଲାବାହାଲି ଗ୍ରାମର ସୁକଲ ପାତ୍ରଙ୍କୁ ସେହି ଗ୍ରାମର ଅଭି ଭୋଇ ଆଉ ତାଙ୍କ

ସ୍ତ୍ରୀ ନିର୍ଦ୍ଦୋଷରେ ଖଲାସ

ସ୍ତ୍ରୀ ପ୍ରଫୁଲ୍ଲ ଭୋଇ ଏବଂ ତାଙ୍କ ଦୁଇ ପୁଅ ନବୀନ ଓ ଜନ୍ମେଜୟ ଗାଳିଗୁଳଜ କରିଥିଲେ। କଥା ବଢ଼ିବାରୁ ଉତ୍କ୍ଷିପ୍ତ ଅଭି ଟାଙ୍ଗିଆରେ ସୁକଲଙ୍କୁ ଏକ ଚୋଟ ମଧ୍ୟ ପକାଇଥିଲେ। ଗ୍ରାମବାସୀ ଗୁରୁତର ଅବସ୍ଥାରେ ସୁକଲଙ୍କୁ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ସୁକଲଙ୍କ ପତ୍ନୀ ଦେବମତି ଥାନାରେ ଅଭିଯୋଗ କରିଥିଲେ। ଏମ୍.ରାମପୁର ପୁଲିସ୍ ଏକ ମାମଲା ରୁଜୁ କରି ଅଭି ଓ ତାଙ୍କ ପତ୍ନୀ ପ୍ରଫୁଲ୍ଲକୁ ଗିରଫ କରିଥିବା ବେଳେ ଦୁଇପୁଅ ଫେରାର ହୋଇଯାଇଥିଲେ। କିନ୍ତୁ ପରେ ଦୁଇପୁଅ ଧରା ପଡ଼ି ପରବର୍ତ୍ତୀ ସମୟରେ ଜାମିନରେ ଆସିଥିଲେ। ଆଉ ଜାମିନ ପାଇବା ପରେ ଏଯାବତ୍ ଦୁଇପୁଅ କେଉଁଠି ଆତ୍ମଗୋପନ କରିଛନ୍ତି, ତାହା ଜଣାପଡ଼ିନାହିଁ। ପୂର୍ବଶତ୍ରୁତା କାରଣରୁ ଏହି ହତ୍ୟା ଘଟିଥିବା ପ୍ରକାଶ। ଏହି ମାମଲାକୁ ସରକାରୀ ପିପି ନିଦର୍ଶନୀ ରଥ ପରିଚାଳନା କରୁଥିଲେ।

କେନ୍ଦୁଝର, ୧୧ ।୩ (ସମିସ): କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ ମମିତା ଦାସ ସୋମବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସିରିଗିଡ଼ା ଗ୍ରାମର ରିକୁ ସାହୁକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୭ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ। ମାମଲାର ବିବରଣୀରୁ ପ୍ରକାଶ, ୨୦୧୭ ମସିହା ଏପ୍ରିଲ ୨୭ ତାରିଖ ରାତିରେ ତେଲକୋଇ ଥାନା ସିରିଗିଡ଼ା ଗ୍ରାମର ଭୁବନାନନ୍ଦ ନାୟକ ପରିବାରଲୋକଙ୍କ ସହ ଘରେ ଶୋଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରିକୁ ଏକ ଟାଙ୍ଗିଆ ଧରି ତାଙ୍କ ଘରେ ପଶିଥିଲା। ପ୍ରଥମେ ସେ ଗୋଟିଏ ଘରେ ଶୋଇଥିବା ଭୁବନଙ୍କ ସ୍ତ୍ରୀ କଳାବତୀ ନାୟକ, ତାଙ୍କର ୧୨ ବର୍ଷର ନାବାଳିକା ଝିଅ ସୀମା ନାୟକକୁ ହାଣି ହତ୍ୟା କରିଥିଲା। ପରେ ଅନ୍ୟ ଏକ କୋଠରିରେ ଶୋଇଥିବା ଭୁବନ ଏବଂ ତାଙ୍କ ପୁଅ ବିଜୟଙ୍କୁ ମଧ୍ୟ ଟାଙ୍ଗିଆରେ ହାଣି ଗୁରୁତର କରିଥିଲା। ପରେ ଏ ସଂପର୍କରେ ଭୁବନା ତେଲକୋଇ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ରିକୁ, ତା'ର ବାପା ପ୍ରଶାନ୍ତ ସାହୁ, ମା' ସତ୍ୟଭାମା ସାହୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ କୋର୍ଟ ୨୦ ଜଣ ସାକ୍ଷୀଙ୍କ ବୟାନ ଶୁଣିବା ପରେ ଆଜି ରିକୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ପ୍ରଶାନ୍ତ ଏବଂ ସତ୍ୟଭାମାକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରାଜକିଶୋର ଭୂୟାଁ ମାମଲା ପରିଚାଳନା କରୁଥିଲେ।

ସହକାରୀ ନିର୍ବାହୀଯନ୍ତ୍ରୀ ଚୟନ ପ୍ରସଂଗ

ଚୂଡ଼ାନ୍ତ ଫଳ ପ୍ରକାଶ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

କଟକ, ୧୧ ।୩ (ସମିସ): ଓଇଏସ ରୁଲ୍-୨୦୧୨(ଓଡ଼ିଶା ଇଞ୍ଜିନିୟରିଂ ସେବା ନିୟମାବଳୀ) ସଂଶୋଧନ ପୂର୍ବକ ସଂଶୋଧିତ ନିୟମାବଳୀ-୨୦୨୩ ଅନୁସାରେ ୨୦୨୩ ଡିସେମ୍ବର୨୮ର ସହକାରୀ ନିର୍ବାହୀଯନ୍ତ୍ରୀ ନିଯୁକ୍ତି ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲାକୁ ଶୁଣାଣି ପାଇଁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ଆସନ୍ତା ୪ ସପ୍ତାହ ମଧ୍ୟରେ ସରକାର ଏକ ସତ୍ୟପାଠ ଦେବାକୁ ହାଇକୋର୍ଟ କହିଛନ୍ତି। ଏହି ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ଚୟନ ପ୍ରକ୍ରିୟା ଜାରି ରଖାଯାଇପାରିବ କିନ୍ତୁ ଅଦାଲତଙ୍କ ଅନୁମତି ବିନା ଉପରୋକ୍ତ ଚୂଡ଼ାନ୍ତ ଫଳ ପ୍ରକାଶ ପାଇବ ନାହିଁ ବୋଲି ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ତାରିଣୀ ପ୍ରସାଦ ସିଂହ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନଗୁଡ଼ିକର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତତଃ ଆବେଦନକାରୀମାନଙ୍କୁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ଗୋଟିଏ ଗେଟ୍ (ଗ୍ରାଜୁଏଟ ଆପ୍ଟିଚୁଡ ଟେଷ୍ଟ ଇନ ଇଞ୍ଜିନିୟରିଂ) ପରୀକ୍ଷାରେ ଅବତୀର୍ଣ୍ଣ ହେବା ପାଇଁ ସୁଯୋଗ ଦିଆଯିବା ଉଚିତ ଥିଲା ବୋଲି ହାଇକୋର୍ଟ କହିଛନ୍ତି। ପୂର୍ବରୁ ସମାନ ପ୍ରସଂଗରେ ଦୁଇ ଜଣିଆ ଖଣ୍ଡପୀଠଙ୍କ ଗତ ୨୦୨୩ ମେ ୧ର ନିର୍ଦ୍ଦେଶ ପରେ ଓଇଏସ ରୁଲ୍-୨୦୧୨(ଓଡ଼ିଶା ଇଞ୍ଜିନିୟରିଂ ସେବା ନିୟମାବଳୀ)ର ସଂଶୋଧିତ ନିୟମାବଳୀ-୨୦୨୧ ଓ ନିଯୁକ୍ତି ବିଜ୍ଞପ୍ତି ରଦ୍ଦ ହୋଇଯାଇଥିଲା। ଏହା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁଣି ୨୦୨୩ ସେପ୍ଟେମ୍ବର ୩୦ରେ ସଂଶୋଧିତ ନିୟମାବଳୀରେ ବେଶୀ କିଛି ପରିବର୍ତ୍ତନ କରାନଯାଇ ଗେଜେଟ୍ ବିଜ୍ଞପ୍ତି ଜାରି ହୋଇଥିଲା। ମାମଲାରୁ ପ୍ରକାଶ ଯେ ଗତ ୨୦୨୩ ଡିସେମ୍ବର୨୮ରେ ଓପିଏସସି ପକ୍ଷରୁ ଜଳସମ୍ପଦ ବିଭାଗରେ ୫୮୦ଗୋଟି ସହକାରୀ ନିର୍ବାହୀ ଯନ୍ତ୍ରୀ(ସିଭିଲ) ଓ ସହକାରୀ ନିର୍ବାହି ଯନ୍ତ୍ରୀ(ମେକାନିକାଲ) ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁସାରେ ଗେଟ୍ ଫଳାଫଳ ଆଧାରରେ ପ୍ରାର୍ଥୀ ଚୟନ କରାଯିବା ପାଇଁ ଧାର୍ଯ୍ୟ ହୋଇଥିଲା। ତେବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅର୍ଥାତ ଗତ ୨୦୨୪ଫେବୃଆରୀରେ ଗେଟ୍ ପରୀକ୍ଷା ହୋଇଥିଲା। ସେହିପରି ଗେଟ୍ ପରୀକ୍ଷା ଦେଇ ନଥିବା ପ୍ରାର୍ଥୀଙ୍କୁ ଉପରୋକ୍ତ ପଦରେ ଆବେଦନରୁ ବଞ୍ଚିତ କରାଯିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆସନ୍ତା ଏପ୍ରିଲ ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ଅବଶିଷ୍ଟାଂଶ...

ଲାଗୁହେଲା...

ନେଇ ବିଭିନ୍ନ ମହଲରେ ବିବାଦ ତେଜିବା ଆରମ୍ଭ ହୋଇଥିଲା। ପ୍ରାୟ ସବୁ ବିରୋଧୀ ଦଳ ଏହାକୁ ବିରୋଧ କରିଥିଲା ବେଳେ ସାରା ଦେଶରେ ସିଏଏ ବିରୋଧୀ ଆନ୍ଦୋଳନ ଦେଖାଯାଇଥିଲା। ପଶ୍ଚିମବଙ୍ଗ ଠାରୁ ଆରମ୍ଭ କରି ଆସାମ ଏବଂ ଦିଲ୍ଲୀରେ ମୁସଲମାନ ସଂପ୍ରଦାୟ ପକ୍ଷରୁ ସିଏଏକୁ ଘୋର ବିରୋଧ କରାଯାଇଥିଲା। ୨୦୧୯ ଡିସେମ୍ବର ୧୯ ତାରିଖରେ ଦିଲ୍ଲୀର ସାହନବାଗ୍ ଠାରେ ସିଏଏ ଆନ୍ଦୋଳନ ଆରମ୍ଭ ହେବା ସହିତ ଶହ ଶହ ମୁସଲମାନ ମହିଳା ରାସ୍ତା ଅବରୋଧ କରି ମାସ ମାସ ଧରି ଆନ୍ଦୋଳନ ଚଳାଇଥିଲେ। ଏହାବ୍ୟତୀତ ଦେଶର ଅନ୍ୟ କିଛି ଭାଗରେ ସିଏଏ ଆନ୍ଦୋଳନରେ ହିଂସା ଘଟି କିଛି ଲୋକ ମୃତାହତ ହୋଇଥିବା ଖବର ଆସିଥିଲା। ପରିଶେଷରେ ଏହି ଆଇନକୁ ସାରା ଦେଶରେ ଲାଗୁ କରାଯାଇଛି।

୬୪ ଲକ୍ଷ...

ଜିଲ୍ଲାରେ କାଳିଆ କେନ୍ଦ୍ର ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ଚାଷୀ ପରିବାର ସମ୍ମାନ ସହ ବଞ୍ଚନ୍ତୁ, ସଶକ୍ତ ହୁଅନ୍ତୁ ଏବଂ ଓଡ଼ିଶାର ସମୃଦ୍ଧିରେ ଯୋଗଦାନ ରଖନ୍ତୁ ବୋଲି ମୁଁ ଚାହେଁ। ଶିକ୍ଷା କେବଳ ଗୋଟିଏ ବ୍ୟକ୍ତିକୁ ନୁହେଁ, ପୁରା ପରିବାରକୁ, ସମାଜକୁ ସଶକ୍ତ କରିଥାଏ। କାଳିଆ ହିତାଧିକାରୀ ପିଲାମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ଚଳିତ ଶିକ୍ଷା ବର୍ଷରୁ କାଳିଆ ଛାତ୍ରବୃତ୍ତି କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣି ଏନ୍‌ଆଇଟି, ଆଇଆଇଟି, ଆଇଆଇଏମ୍, ଏମ୍ସ ଓ ଆଇସିଏଆର୍ ପରି ସମ୍ମାନଜନକ ଶିକ୍ଷାନୁଷ୍ଠାନ ସହ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ଘରୋଇ ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ପଢୁଥିବା ଚାଷୀ ପରିବାରର ପିଲାମାନଙ୍କୁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯିବ। ସେହିପରି ୩୦ଟି ଜିଲ୍ଲାରେ ସ୍ଥାପନ କରାଯାଇଥିବା 'କାଳିଆ କେନ୍ଦ୍ର'ଗୁଡ଼ିକ ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବ ଓ ସେମାନଙ୍କୁ କୃଷି ସମ୍ବନ୍ଧୀୟ ବୈଷୟିକ ସହାୟତା ପ୍ରଦାନ କରିବ। ଏହି କେନ୍ଦ୍ରଗୁଡ଼ିକ କୃଷି କ୍ଷେତ୍ରରେ ଅଭିନବ ଚିନ୍ତାଧାରା ଓ ସମ୍ବଳ କେନ୍ଦ୍ର ଭାବରେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ୫ ବର୍ଷ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ କାଳିଆ ଯୋଜନା ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ ହୋଇଥିଲା। ଏହି ଯୋଜନା ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହେବା ସହିତ ଓଡ଼ିଶାର ଚାଷୀ ଭାଇଭଉଣୀ ମାନଙ୍କ ପାଇଁ ସହାୟକ ହୋଇପାରିଛି। ରାଜ୍ୟରେ ଚାଷୀ ଭାଇମାନଙ୍କ ସ୍ଥିତିକୁ ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ ଏହାର ଆକାର ଓ ପରିମାଣକୁ କ୍ରମାଗତ ଭାବେ ସମ୍ପ୍ରସାରଣ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କୃଷି ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

ଭୂମିହୀନ ଚାଷୀଙ୍କୁ...

ଶୁଭାରମ୍ଭ କରିଥିଲେ। ଇତିମଧ୍ୟରେ ୬୪ ଲକ୍ଷ ଚାଷୀ ଭାଇ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଗତ ୫ ବର୍ଷ ମଧ୍ୟରେ ୧୩, ୭୯୩ କୋଟି ଟଙ୍କାର ସହାୟତା ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି। ଚାଷୀଙ୍କୁ ସଶକ୍ତ କରିବା ପାଇଁ ଏହା ମୁଖ୍ୟମନ୍ତ୍ରୀଙ୍କ ବହୁତ ବଡ଼ ପଦକ୍ଷେପ। ଭାରତ ବର୍ଷରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠି ଭୂମିହୀନ ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ମିଶନ ଶକ୍ତି...

ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଥିରେ ବିଭିନ୍ନ ଗ୍ରାମପଞ୍ଚାୟତସ୍ତରୀୟ ଓ ବ୍ଲକସ୍ତରୀୟ ଫେଡେରେସନ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ଦିଗରେ ଏହି ଫେଡେରେସନମାନଙ୍କର ସ୍ୱତନ୍ତ୍ର ଭୂମିକା ରହିଛି। '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ମିଶନ ଶକ୍ତି ଫେଡେରସନର କର୍ମକର୍ତ୍ତାମାନେ ସେମାନଙ୍କ ଦେୟ ପରିମାଣ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଏ ବିଷୟରେ ଆଲୋଚନା କରିବା ପରେ ସେମାନଙ୍କ ବୈଠକ ଦେୟ ପରିମାଣ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ସମ୍ପ୍ରତି ରାଜ୍ୟରେ ସମୁଦାୟ ୬୭୬ ଜଣ ବ୍ଲକସ୍ତରୀୟ ଫେଡେରେସନ ସଭାପତି ଓ ସମ୍ପାଦକ ଥିବା ବେଳେ ଅନ୍ୟ ସଦସ୍ୟମାନଙ୍କ ସଂଖ୍ୟା ୩୦୪୨ ରହି

ପ୍ରେମୀଯୁଗଳଙ୍କୁ ନିର୍ଯାତନା; ୮ ଗିରଫ

ବୈପାରୀଗୁଡ଼ା,୧୧।୩(ସମିସ): ଏକ ପ୍ରେମୀ ଯୁଗଳଙ୍କୁ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ବୈପାରୀଗୁଡ଼ା ପୁଲିସ ୮ ଜଣଙ୍କୁ ଗିରଫ କରିଛି। ପରକୀୟା ପ୍ରତିକୁ ନେଇ ପ୍ରେମୀ ଯୁଗଳଙ୍କୁ ଲଣ୍ଡା କରି ଚପଲ ମାଳ ବେକରେ ପକାଇ ଗାଁ ବୁଲେଇବା ଘଟଣାକୁ ନେଇ ସୋମବାର ଅପରାହ୍ଣରେ ପୀଡ଼ିତା ବୈପାରୀଗୁଡ଼ା ଥାନାର ଦ୍ୱାରସ୍ଥ ହେବା ସହ ଏତଲା ଦେଇଥିବା ଜଣାପଡ଼ିଛି।

ସୂଚନାପ୍ରକାରେ, ବୈପାରୀଗୁଡ଼ା ବ୍ଲକ୍ ମାଠପୋଡ଼ା ପଞ୍ଚାୟତର ଶିରାଗୁଡ଼ା ଗ୍ରାମର ବୁଦ୍ଧୁ କୁସପାରିଆ ଏବଂ ତାଙ୍କ ସ୍ତ୍ରୀ ଦଉନା ମାଠପଡ଼ିଆଙ୍କ ମଧ୍ୟରେ ୨ ବର୍ଷ ଧରି ଗଣ୍ଡଗୋଳ ଲାଗିରହିଥିଲା। ମାସେ ହେବ ଦଉନା ସେହି ଗାଁର ସନା ମାଠପଡ଼ିଆଙ୍କ ସହ ପ୍ରେମ ବିବାହ କରି କାଉଡ଼ିଆଗୁଡ଼ାରେ ରହୁଥିଲେ। ହେଲେ ରବିବାର ରାତିରେ ଦଉନା ଏବଂ ସନା ମାଠପଡ଼ିଆଙ୍କୁ ଶିରାଗୁଡ଼ା ଗାଁରେ ସାମାଜିକ ବୈଠକରେ ଡାକି ଗାଁ ମଝିରେ ଉଭୟଙ୍କୁ ଲଣ୍ଡା କରିବା ସହ ବେକରେ ଚପଲ ମାଳ ପକାଇ ଗ୍ରାମବାସୀ ଗାଁ ବୁଲାଇଥିଲେ। ସୋମବାର ପୀଡ଼ିତା ତାଙ୍କ ପ୍ରେମିକକୁ ନେଇ ବୈପାରୀଗୁଡ଼ା ଥାନାର ଦ୍ୱାରସ୍ଥ ହେବା ସହ ଏତଲା ଦେଇଥିଲେ। ବୈପାରୀଗୁଡ଼ା ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଲଣ୍ଡା କରି ନିର୍ଯାତନା ଦେବା ଅଭିଯୋଗରେ ଗାଁର ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ବୈପାରୀଗୁଡ଼ା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

୨ ଚୋରଙ୍କୁ ୩ ବର୍ଷ ଲେଖାଏଁ ଜେଲ୍

ରାୟଗଡ଼ା,୧୧।୩(ସମିସ): ରାୟଗଡ଼ା ଏସଡିଜେଏମ କୋର୍ଟର ଜଜ୍ ବର୍ଷା ଦାସ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଦୁଇ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିବାବେଳେ ୨୦ହଜାର ଟଙ୍କା ଜରିମାନା ଆଦାୟ ନେଇ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ସେରିଗୁମ୍ମା ଗ୍ରାମରେ ଗତ ୨୦୨୨ ସେପ୍ଟେମ୍ବର ୧୪ରେ ଲାଡ଼ି ଶଙ୍କରୀ ନାମକ ବ୍ୟକ୍ତି କୌଣସି କାମରେ ଘରେ ତାଲା ପକାଇ ଆନ୍ଧ୍ରପ୍ରଦେଶକୁ ଯାଇଥିଲେ। ତେବେ ସେ ୧୫ତାରିଖରେ ଫେରିବା ପରେ ଘରେ ଚୋରି ହୋଇଥିବା ଜାଣିଥିଲେ। ଘରପଛ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଓ ଟଙ୍କା ଚୋରି କରି ନେଇଯାଇଥିଲେ। ଏନେଇ ସେ କଲ୍ୟାଣସିଂହପୁର ଥାନାରେ ଏତଲା ଦାୟର କରିଥିଲେ। ପୁଲିସ ଏତଲାକୁ ଭିତ୍ତି କରି ମାମଲା ନମ୍ବର ୮୭ରେ ଦଫା ୪୫୭ ଓ ୩୮୦ ରେ ତଦନ୍ତ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ଅଭିସ ରାଓ ମାଣ୍ଡାଙ୍ଗି ଏବଂ ରୋହିଦାସ ପିଡ଼ିସିକା। ପୁଲିସ ସେମାନଙ୍କଠାରୁ ଚୋରି ସୁନା ଓ ଟଙ୍କା ଜବତ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ପରେ ଏସଡିଜେଏମ ଜଜ୍ ବର୍ଷା ଦାସ ସମସ୍ତ ୩୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଦୁଇ ଚୋରଙ୍କୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଆଦାୟ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ପୁଣି ୬ ମାସ ଜେଲଦଣ୍ଡରେ ଦଣ୍ଡିତ ହେବେ। ଏହି ମାମଲାକୁ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ପରିଚାଳନା କରୁଥିଲେ।

ଜଳୁଛି ମୁଣ୍ଡିବେଡ଼ା କବାଟପାଣି ଜଙ୍ଗଲ

ରାଇଘର,୧୧।୩(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ଗତ କିଛିଦିନ ତଳେ କଳିଆପଦର ଜଙ୍ଗଲ ମଧ୍ୟରେ ନିଆଁ ଲାଗିଥିବା ଖବର ସାମ୍ନାକୁ ଆସିଥିବାବେଳେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବର୍ତ୍ତମାନ ରାଇଘର ବ୍ଲକ ମୁଣ୍ଡିବେଡ଼ା ପଞ୍ଚାୟତର କବାଟପାଣି ଅଞ୍ଚଳରେ ପୁଣି ହୁହୁ ହୋଇ ଜଳିବା ସହ ଏହା ଜଙ୍ଗଲ ଆଡ଼କୁ ମାଡ଼ିଚାଲିଛି। ଚାରିଆଡ଼େ ସମ୍ପୂର୍ଣ୍ଣ ଜଙ୍ଗଲ ଧ୍ୱସ ସହ ଟାଙ୍ଗରା ଭୂଇଁରେ ପରିଣତ ହେଉଥିବାବେଳେ ଜଙ୍ଗଲ ନିଆଁ ପଶୁପକ୍ଷୀଙ୍କ ଜୀବନ ପ୍ରତି ବିପଦ ବଢ଼ାଇ ଦେଇଛି। ସେହିପରି ହାତୀଗାଁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ହାତୀଗାଁ ଜଙ୍ଗଲର ଛତିଶଗଡ଼ ସୀମାବର୍ତ୍ତୀ କମକାଡ଼ଢ଼ୋଗି, ଗଞ୍ଜାବରୀ ଅଞ୍ଚଳରେ ଜୋରଦାର ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଜଙ୍ଗଲ ସମ୍ପୂର୍ଣ୍ଣ ଧ୍ୱସ ହେବାରେ ଲାଗିଛି। ଯେତିକ ପରିମାଣରେ ଜଙ୍ଗଲ ରହିଛି ସେହି ଅନୁପାତରେ ଅରଣ୍ୟ ମଧ୍ୟରେ ଥିବା ବନ୍ୟପ୍ରାଣୀ ସୁରକ୍ଷିତ ହୋଇ ରହିବା ଆବଶ୍ୟକତା ଅଛି। କିନ୍ତୁ ଜଙ୍ଗଲ ମଧ୍ୟରେ ନିଆଁ ଯେଉଁଭଳି ଲାଗୁଛି ପଶୁପକ୍ଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଜଙ୍ଗଲ ନିଆଁକୁ ରୋକିବାକୁ ବନ ବିଭାଗ ପକ୍ଷରୁ ସଚେତନ କାର୍ଯ୍ୟକ୍ରମ ସେହିଭଳି ହେଉ ନ ଥିବା ମଧ୍ୟ ଅଭିଯୋଗ ହେଉଛି। ନିଆଁ ଲାଗିବା ପରେ ସଙ୍ଗେସଙ୍ଗେ କିଭଳି ତାହାକୁ ଆୟତ୍ତ କରାଯାଇ ପାରିବ ସେଥିପ୍ରତି ବନ ବିଭାଗ ସ୍ୱତନ୍ତ୍ର ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ମୁଣ୍ଡିବେଡ଼ା ଓ ହାତୀଗାଁ ଛଡ଼ା ବିଭିନ୍ନ ସ୍ଥାନରେ ଜଙ୍ଗଲ ମଧ୍ୟରେ ନିଆଁ ଲାଗୁଥିବା ଚିତ୍ର ସାମ୍ନାକୁ ଆସିଛି। ଜିଲ୍ଲା ପ୍ରଶାସନ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

ଶିବଶକ୍ତି ବଣିକ ସଂଘର କାର୍ଯ୍ୟାଳୟ ଉଦ୍‌ଘାଟିତ

ସେମିଳିଗୁଡ଼ା,୧୧।୩(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାର ବାଣିଜ୍ୟ ଅନୁଷ୍ଠାନ ଶିବଶକ୍ତି ବଣିକ ସଂଘର ନୂତନ କାର୍ଯ୍ୟାଳୟ ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସେମିଳିଗୁଡ଼ା ବସଷ୍ଟାଣ୍ଡ ନିକଟରେ ନିର୍ମିତ ଏହି ଗୃହକୁ ସୋମବାର ସନ୍ଧ୍ୟାରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡ଼ାଲ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ସୁନାବେଡ଼ା ପୌରପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ସଂଘର ପୂର୍ବତନ ସଭାପତି ଅଜୟ କୁମାର ସାହୁ, ପୌର ପରିଷଦ ଉପାଧ୍ୟକ୍ଷ ରିତୁ କଣ୍ଠା, ଏସଡିପିଓ ମନୋବ୍ରତା ଶତପଥୀ, ଅବସରପ୍ରାପ୍ତ ଅଧ୍ୟାପକ ଡା. ଚିତ୍ତରଞ୍ଜନ ମିଶ୍ର, ୧୮ ନମ୍ବର କାଉନସିଲର ମମତା ରାୟ ଯୋଗଦେଇଥିଲେ। ସଂଘ ସଭ୍ୟ ଗୋବର୍ଦ୍ଧନ ଜେନା, ଡି. ରମେଶ, ଶଙ୍କର ପାତ୍ର, ଇଙ୍କୁ ନାୟକ, ମନୋଜ ସେନାପତି, ଜିତୁ ସିଅ, ଗଦାଧର ନାୟକ, ଟୁକୁନା ରାଉତ, ପିଣ୍ଟୁ ପାତ୍ର, ମନ୍ମଥ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ଗଦାଧର ବେହେରା, ଈଶ୍ୱର ଆଲାଡ ପ୍ରମୁଖ ସହଯୋଗ କରିଥିଲେ।

ବିବାହ ପ୍ରଲୋଭନ ଦେଖାଇ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

ଖତଗଦାରୁ ଭ୍ରୂଣ ଖୋଜୁଛି ପୁଲିସ୍

କୋଷାଗୁମୁଡ଼ା,୧୧।୩(ସମିସ)

ବିବାହ ପ୍ରଲୋଭନ ଦେଖାଇ ନାବାଳିକାକୁ ଦୁଷ୍କର୍ମ କରିବା ଓ ନାବାଳିକା ଜଣକ ଗର୍ଭବତୀ ହେବା ପରେ ଭ୍ରୂଣ ନଷ୍ଟ କରିବା ଅଭିଯୋଗରେ କୋଷାଗୁମୁଡ଼ା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କୋଷାଗୁମୁଡ଼ା ବ୍ଲକ୍ ଅନ୍ତର୍ଗତ କୁସୁମି ଗାଁର ଅଭିଯୁକ୍ତ ଈଶ୍ୱର ରାଜଗଣ୍ଡ (୩୧)। କୋଷାଗୁମୁଡ଼ା ଥାନାରେ ଏନେଇ ଅଭିଯୋଗ ପରେ

ଗର୍ଭବତୀ ହେବା ପରେ ଭ୍ରୂଣ ନଷ୍ଟ କରିଥିଲା ଅଭିଯୁକ୍ତ

ନାବାଳିକା ଦୁଷ୍କର୍ମ ମାମଲାର ତଦନ୍ତ କରି ରବିବାର ରାତିରେ କୋଷାଗୁମୁଡ଼ା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଖତଗଦାରୁ ଭ୍ରୂଣ ସନ୍ଧାନ କରୁଛି। ବହୁ ସମୟ ଧରି ଖୋଜାଖୋଜି କରିବା ସତ୍ତ୍ୱେ ପୁଲିସ ତଥା ସାଇଣ୍ଟିଫିକ୍ ଟିମକୁ ସଫଳତା ମିଳି ନ ଥିବାବେଳେ ଅନ୍ୟପଟେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସୂଚନା ମିଳିଛି। ସେହିପରି ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅଭିଯୁକ୍ତ ଏବେ ବିଚାର

ବିଭାଗୀୟ ହାଜତରେ ରହିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ସହ କୋଷାଗୁମୁଡ଼ା ବ୍ଲକ୍ ଅନ୍ତର୍ଗତ କୁସୁମି ଗାଁର ଅଭିଯୁକ୍ତ ଈଶ୍ୱର ରାଜଗଣ୍ଡ (୩୧)ର ପ୍ରେମ ସମ୍ପର୍କ ରହିଥିଲା। ବର୍ଷକ ତଳେ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ପୀଡ଼ିତାକୁ ଘରକୁ ନେଇଯାଇଥିଲା। କିନ୍ତୁ ବିବାହ ନ କରି ଦିନ ଗଡ଼ାଇ ଚାଲିଥିବାବେଳେ ପୀଡ଼ିତା ଗର୍ଭବତୀ ହୋଇଯାଇଥିଲା। ଅଭିଯୁକ୍ତ ଏନେଇ ଜାଣିବା ପରେ ଗର୍ଭପାତ ପାଇଁ ଚାପ ପକାଇଥିଲା। ପୀଡ଼ିତା ରାଜି ନ ହେବାରୁ ଗର୍ଭପାତ ପାଇଁ କିଛି ଔଷଧ ଖୁଆଇ ଦେଇଥିଲା। ଅଭିଯୁକ୍ତର ହାବଭାବ ଦେଖି ଏବଂ ଗର୍ଭପାତ ପାଇଁ ଔଷଧ ଖାଇ ଅସୁସ୍ଥ ହେବାରୁ ପୀଡ଼ିତା ନିଜ ବାପଘରକୁ ଚାଲି ଆସିଥିଲେ। ତେବେ ବାପଘରକୁ ଆସିବା ଦିନ ହିଁ ୭ ମାସର ଗର୍ଭ ନଷ୍ଟ ହୋଇ ଭ୍ରୂଣ ବାହାରକୁ ଚାଲି ଆସିଥିଲା। ଲୋକଲଜ୍ଜା ଭୟରେ ତାହାକୁ ପୀଡ଼ିତା ଘର ପାଖ ଖତଗଦାରେ ପୋତି ଦେଇଥିଲେ। ପ୍ରତାରଣାର ଶିକାର ହୋଇଥିବାରୁ କୋଷାଗୁମୁଡ଼ା ଥାନାରେ ଦୁଷ୍କର୍ମ ନେଇ ପୀଡ଼ିତା ଏତଲା ଦେଇଥିଲେ। ସମ୍ବେଦନଶୀଳ ମାମଲା ହୋଇଥିବାରୁ କୋଷାଗୁମୁଡ଼ା ଥାନା ଏଏସ୍‌ଆଇ ନିଲିମା ପାଣିଗ୍ରାହୀ ଏକ ପୋକ୍ସୋ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲେ। ଅନ୍ୟପଟେ ପୀଡ଼ିତା ମଧ୍ୟ ଗର୍ଭପାତ ପରେ ଅସୁସ୍ଥ ହୋଇଯାଇଥିବାରୁ ତାଙ୍କୁ ପରିବାର ଲୋକେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ରବିବାର ପୀଡ଼ିତା ସାମାନ୍ୟ ସୁସ୍ଥ ଅନୁଭବ କରିବାରୁ ସେ ଘରକୁ ଫେରିଛନ୍ତି। ଏହାପରେ ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ ସମୟରେ ଭ୍ରୂଣ ପୋତିବା କଥା ସାମ୍ନାକୁ ଆସିଥିଲା। ଏହି ବୟାନକୁ ଆଧାର କରି ମାଜିଷ୍ଟ୍ରେଟ ଭାବେ କୋଡ଼ିଙ୍ଗା ତହସିଲଦାର ସୁବ୍ରତ ବେହେରାଙ୍କ ଉପସ୍ଥିତିରେ ପୋତା ଯାଇଥିବା ଭ୍ରୂଣକୁ ନବରଙ୍ଗପୁର ସାଇଣ୍ଟିଫିକ୍ ଟିମ୍ ଏବଂ କୋଷାଗୁମୁଡ଼ା ପୁଲିସ ରବିବାର ରାତିରେ ସନ୍ଧାନ ଆରମ୍ଭ କରିଥିଲେ। ବହୁ ସମୟ ଧରି ଖୋଜାଖୋଜି ସତ୍ତ୍ୱେ ସନ୍ଧାନ ମିଳି ନ ଥିବା ଥାନା ଅଧିକାରୀ ଉମେଶ ନାୟକ କହିଛନ୍ତି। ଏପଟେ ଘଟଣାର ତଦନ୍ତ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

ଗଛରେ ପିଟି ହେଲା ବାଇକ୍; ଦୁଇ ମୃତ

କୋଷାଗୁମୁଡ଼ା,୧୧।୩(ସମିସ): କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଦେଓଦୋରା ଓ କୋଡ଼ିଙ୍ଗା ରାସ୍ତାରେ ବାଇକ୍ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗଙ୍ଗାଧର ଭତ୍ରା(୧୮) ଓ ପୂର୍ଣ୍ଣ ଭତ୍ରା(୧୯)। ସୂଚନାନୁଯାୟୀ, ମହୁଲପଦର ଗାଁର ଗଙ୍ଗାଧର ଓ ପୂର୍ଣ୍ଣ ସୋମବାର ସକାଳେ ପାପଡ଼ାହାଣ୍ଡିର ଢଙ୍ଗରାଗୁଡ଼ା ଗାଁରୁ ଯାତ୍ରା ଦେଖି ସକାଳୁ ଫେରିବାବେଳେ ବାଇକ ଦୁର୍ଘଟଣା ଘଟିଥିଲା। ଫଳରେ ଦୁଇ ଜଣଙ୍କର ହିଁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଉକ୍ତ ରାସ୍ତାରେ ଯାଉଥିବା କେହିଜଣେ ଯାତ୍ରୀ ଏନେଇ କୋଡ଼ିଙ୍ଗା ଥାନା ଏଏସ୍‌ଆଇ ଅମିତ ମାଝୀଙ୍କୁ ଜଣାଇବା ପରେ ସେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ନବରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏପଟେ କୋଡ଼ିଙ୍ଗା ଥାନାରେ ୫୬/୨୪ ରେ ଏକ ମାମଲା ଦାୟର କରାଯାଇଥିବା ଥାନାଧିକାରୀ ଯୁଗଳ ଶବର କହିଛନ୍ତି।

ସଡ଼କ ଦୁର୍ଘଟଣାରେ ଯୁବକ ମୃତ

କୋଷାଗୁମୁଡ଼ା,୧୧।୩(ସମିସ): ରବିବାର ରାତିରେ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଡେଙ୍ଗାଗୁଡ଼ା ଗ୍ରାମ ନିକଟରେ ଥିବା ବାଙ୍କ ରାସ୍ତାରେ ମଟର ସାଇକେଲ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖାତିଗୁଡ଼ାର ରାକେଶ କୁମାର ଦାସ(୨୭)। ସୂଚନାନୁଯାୟୀ, କୌଣସି କାମ ସାରି ପାପଡ଼ାହାଣ୍ଡି ଆଭିମୁଖେ ରାକେଶ ସାଙ୍ଗ ସନିଜ ସହ ବାଇକରେ ରାତିରେ ଯାଉଥିବା ବେଳେ ଡେଙ୍ଗାଗୁଡ଼ା ନିକଟ ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଖବରପାଇ କୋଡ଼ିଙ୍ଗା ଥାନା ଏସ୍‌ଆଇ ପ୍ରଦୀପ କୁମାର ବାଘ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ସାହାଯ୍ୟରେ ଦୁଇ ଯୁବକଙ୍କୁ ପାପଡ଼ାହାଣ୍ଡି ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ରାକେଶଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ସାଙ୍ଗରେ ଥିବା ଯୁବକକୁ ଅଳ୍ପ ଆଘାତ ହୋଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ଶବକୁ ସୋମବାର ନବରଙ୍ଗପୁର ମେଡ଼ିକାଲଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା କୋଡ଼ିଙ୍ଗା ଏସଆଇ ଶ୍ରୀ ବାଘ ସୂଚନା ଦେଇଛନ୍ତି। ଏପଟେ ଏହି ଘଟଣାକୁ ନେଇ ଥାନାରେ ଏକ ମାମଲା (୫୫/୨୪) ରୁଜୁ କରାଯାଇଛି।

ମିଶନ ଶକ୍ତି ଭବନ, ମିଶନ ଶକ୍ତି କାଫେ ଓ ସଭାଗୃହ ଉଦ୍‌ଘାଟିତ

କୋଲନରା,୧୧।୩(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ସଦର ମହକୁମାରେ ସୋମବାର ନବନିର୍ମିତ ମିଶନ ଶକ୍ତି ଭବନ, ମିଶନ ଶକ୍ତି କାଫେ ଓ ନୂତନ ସଭାଗୃହ ଉଦଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗଦେଇ ମିଶନ ଶକ୍ତି ଭବନ, ମିଶନ ଶକ୍ତି କାଫେ ଓ ସଭାଗୃହର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ବ୍ଲକ ଅଧକ୍ଷା ସଂଯୁକ୍ତା କୁଲୁସିକା, ଜିଲ୍ଲା ପରିଷଦ ସଭ୍ୟ ଇପିଲି ଧବଳେଶ୍ୱର ନାଇଡୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ଏଙ୍କେଟି ହୁଇକା, ବିଡିଓ ରାନା ପ୍ରଧାନ ଓ ସିଡିପିଓ ବିଜୟଲକ୍ଷ୍ମୀ ନିଶଙ୍କ ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀ ସାରକା ପହଞ୍ଚିବା ପରେ ମିଶନ ଶକ୍ତି ମହିଳାମାନେ ସ୍ୱାଗତ କରିଥିଲେ। ପ୍ରଥମେ ବ୍ଲକ କାର୍ଯ୍ୟାଳୟ ପାଖରେ ନବ ନିର୍ମିତ ମିଶନ ଶକ୍ତି କାଫେ ଉଦଘାଟନ କରିବା ପରେ ମିଶନ ଶକ୍ତି ଭବନ ଏବଂ ବ୍ଲକ କାର୍ଯ୍ୟାଳୟ ଉପରେ ନିର୍ମାଣ କରାଯାଇଥିବା ସଭାଗୃହକୁ ଉଦଘାଟନ କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀ ନାରାୟଣ ପାତ୍ର, ଆକାଉଣ୍ଟସ ଅଫିସର ଗଣେଶ୍ୱର ଭଙ୍ଗ, ସେକ୍ସନ ଅଫିସର ବାଳକୃଷ୍ଣ ରଥ, ମିଶନ ଶକ୍ତି ବିପିସି ପ୍ରତାପ ନାଏକ, ଓଏଲଏମ୍ ବିପିଏମ ଟୁନା ଖଟେଇ, ବିଏଲସି ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ, ବିପିଏ ନରେଶ ବିଡ଼ିକା, ମିଶନ ଶକ୍ତି ମହାସଂଘର ସମ୍ପାଦିକା ପ୍ରମିଳା ନାୟକଙ୍କ ସମେତ ସମସ୍ତ ଏମବିକେ, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର, ଜିପିଏଲଏଫର ଇସି ସଦସ୍ୟା ଓ ବ୍ଲକସ୍ତରୀୟ ମିଶନ ଶକ୍ତି ମହାସଂଘର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ।

■ ସେମିଳିଗୁଡ଼ା ପ୍ରେସ୍ କ୍ଲବର ବାର୍ଷିକ ସମାରୋହ

ପାଞ୍ଚ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ଓ ଖୋଲାମଞ୍ଚ ଲୋକାର୍ପିତ

ସେମିଳିଗୁଡ଼ା,୧୧।୩(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ପ୍ରେସ୍ କ୍ଲବର ୨୩ ତମ ବାର୍ଷିକ ସମାରୋହ ଏହାର କ୍ୟାମ୍ପସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରେସ କ୍ଲବ କ୍ୟାମ୍ପସ ମଧ୍ୟରେ ଦର୍ଶକ ବସିବା ପାଇଁ ନବ ନିର୍ମିତ 'ଖୋଲାମଞ୍ଚ'କୁ ଲୋକାର୍ପଣ କରାଯାଇଥିଲା। କ୍ୟାମ୍ପସ ମଧ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକିର ମୋହନ ସେନାପତି, ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆଦି ୫ ଜଣ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ଦୁଇ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିମୂର୍ତ୍ତି ସ୍ଥାପନ ସହ ମଞ୍ଚକୁ ଲୋକାର୍ପଣ କରିଥିଲେ। ପଟ୍ଟାଙ୍ଗି ବିଧାୟକ ପ୍ରିତମ ପାଢ଼ି, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ବରିଷ୍ଠ ଓକିଲ ରମାକାନ୍ତ ମିଶ୍ର, ସୁନାବେଡ଼ା ଏସଡିପିଓ ମନୋବ୍ରତା ଶତପଥୀ, ସମାଜସେବୀ କୌଶଲ୍ୟା ହିକକା ଓ ୧

ଜୁଆ ଆଡ୍ଡାରେ ଚଢ଼ଉ; ୫ ଜୁଆଡ଼ି ଗିରଫ

ମାଲକାନଗିରି,୧୧।୩(ସମିସ)

ମାଲକାନଗିରି ଜିଲ୍ଲା ପୁଲିସ ଜୁଆଖେଳ ବେଳେ ଚଢ଼ଉ କରି ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ଥାନା ଅନ୍ତର୍ଗତ ଏମଭି ୧୩ ଗ୍ରାମ ନିକଟରେ ରବିବାର ରାତିରେ ଖୁଡୁଖୁଡ଼ି ଜୁଆଖେଳ ଜାରି ରହିଥିବା ଖବର ପାଇ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ଜୁଆଡ଼ିମାନେ ସେଠାରୁ ଫେରାର୍ ହେବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ଟିମ୍ ମୋଟ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୮୦୩୦ ଟଙ୍କା ସହ ଜୁଆଖେଳରେ ବ୍ୟବହୃତ ସାମଗ୍ରୀକୁ ଜବତ କରିଛି। ଏନେଇ ମାଲକାନଗିରି ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରାଯାଇ ସୋମବାର ଗିରଫ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

ରାୟଗଡ଼ା ବନଖଣ୍ଡକୁ ଆସିଲା ରାପିଡ୍ ରେସପନ୍ସ ଟିମ୍ ପାଇଁ ସ୍ୱତନ୍ତ୍ର ଗାଡ଼ି

ବନ୍ୟଜନ୍ତୁଙ୍କ ଉଦ୍ଧାର ଓ ସଂରକ୍ଷଣ କାର୍ଯ୍ୟରେ ବ୍ୟବହାର ହେବ

ରାୟଗଡ଼ା,୧୧।୩(ସମିସ)

ରାୟଗଡ଼ା ଜିଲ୍ଲା ବନଖଣ୍ଡକୁ ଆସିଲା ରାପିଡ୍ ରେସପନ୍ସ ଟିମ୍ ଗାଡ଼ି। ଯଥାଶୀଘ୍ର ଏହି ଗାଡ଼ି ଦ୍ୱାରା ରାୟଗଡ଼ା ବନଖଣ୍ଡ ଅଞ୍ଚଳରେ ବିପଦରେ ପଡ଼ିଥିବା ବନ୍ୟଜନ୍ତୁଙ୍କୁ ଉଦ୍ଧାର କାର୍ଯ୍ୟରେ ତଥା ସେମାନଙ୍କର ସଂରକ୍ଷଣ ପାଇଁ ଏବଂ ବିଭିନ୍ନ ବନ ବିଭାଗୀୟ ଜରୁରିକାଳୀନ ସେବା ଯୋଗାଇବା ପାଇଁ ଏହି ଗାଡ଼ି ବ୍ୟବହୃତ ହେବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କୋରାପୁଟ ବନ ମଣ୍ଡଳର ରାୟଗଡ଼ା ଏବଂ ନବରଙ୍ଗପୁର ଜିଲ୍ଲା ବନଖଣ୍ଡକୁ ଏହି ଗାଡ଼ି ପ୍ରଦାନ କରାଯାଇଛି। ଗତ ୩ ଦିନ ତଳେ ରାୟଗଡ଼ାକୁ ଏହି ଗାଡ଼ି ପହଞ୍ଚିଥିବାବେଳେ ଏହି ଗାଡ଼ିରେ ତାଲିମପ୍ରାପ୍ତ ରାପିଡ୍ ରେସପନ୍ସ ଟିମ୍ କର୍ମଚାରୀମାନେ ଗାଡ଼ିକୁ ବ୍ୟବହାର କରିବେ।

ଭୁବନେଶ୍ୱର ସ୍ଥିତ ଚନ୍ଦକାଠାରେ ରାୟଗଡ଼ା ରାପିଡ୍ ରେସପନ୍ସ ଟିମ୍ ନିମନ୍ତେ ଜଣେ ବନପାଳ, ଜଣେ ବନରକ୍ଷୀ ଏବଂ ୪ ଜଣ ସ୍କ୍ୱାଡ୍ କର୍ମଚାରୀ ୩ ଦିନିଆ ତାଲିମ ନେଇ ଫେରିଛନ୍ତି। ରାୟଗଡ଼ା ବନଖଣ୍ଡ ଅଧୀନସ୍ଥ ମୁନିଗୁଡ଼ା, ଗୁଣୁପୁର, ଗୁଡ଼ାରୀ, କଲ୍ୟାଣସିଂହପୁର, ରାୟଗଡ଼ା, କାଶିପୁର ଓ ଟିକିରି ଭଳି ୭ଟି ବନାଞ୍ଚଳରେ ଯେ କୌଣସି ସମୟରେ ବିପଦରେ ପଡ଼ିଥିବା ବନ୍ୟଜନ୍ତୁଙ୍କୁ ଉଦ୍ଧାର ନିମନ୍ତେ ଜରୁରିକାଳୀନ ସହାୟତା ଯୋଗାଇବାରେ ଉକ୍ତ ଟିମ୍ ସହାୟତା କରିବେ ବୋଲି ଜଣାପଡ଼ିଛି। ସେହିପରି ବିପଦରେ ପଡ଼ିଥିବା ବନ୍ୟଜନ୍ତୁଙ୍କୁ ଉଦ୍ଧାର ତଥା ସଂରକ୍ଷଣ ନିମନ୍ତେ ଏହି ଗାଡ଼ିରେ ଆବଶ୍ୟକୀୟ ବ୍ୟବସ୍ଥା ଉପଲବ୍ଧ ହୋଇଥିବାବେଳେ ପୂର୍ବରୁ ମୁନିଗୁଡ଼ା ବନାଞ୍ଚଳ ତରଫରୁ କ୍ରୟ ହୋଇଥିବା ଜାଲ, ପଞ୍ଜୁରୀ, ସୁରକ୍ଷା ବାଡ଼ି ଭଳି ଅନ୍ୟ ଉପକରଣକୁ ଏଥିରେ ବ୍ୟବହାର କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଅନେକ ସମୟରେ ରାୟଗଡ଼ା ବନଖଣ୍ଡର ୭ଟି ବନାଞ୍ଚଳରେ ଦେଖାଯାଉଥିବା ଭାଲୁ, ହାତୀ, ଜଙ୍ଗଲି ଘୁଷୁରୀ, ସମ୍ବର, କୁଟୁରା, ହରିଣ, ହାତୀ, କଲରାପତରିଆ ବାଘ, ହେଟା ବାଘ, ମୟୂର, ବଜ୍ରକାପ୍ତା ଭଳି ଅନେକ ପ୍ରକାର ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ନିମନ୍ତେ ଏହି ସ୍ୱତନ୍ତ୍ର ଗାଡ଼ିର ବହୁଳ ବ୍ୟବହାର ହୋଇପାରିବ ବୋଲି କୁହାଯାଇଛି। ସେହିପରି ଜଙ୍ଗଲ ଅପରାଧ ରୋକିବାରେ ତଥା ସଠିକ୍ ସମୟରେ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ କରିବାରେ ରାପିଡ୍ ରେସପନ୍ସ ଟିମ୍ ନିମନ୍ତେ ଉଦ୍ଦିଷ୍ଟ ଏହି ସ୍ୱତନ୍ତ୍ର ଗାଡ଼ି ବନ ବିଭାଗର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଆହୁରି ସହାୟକ ହୋଇପାରିବ।

'ଲକ୍ଷ୍ମୀ' ବସ୍‌ର ମଜା ନେଲେ ବିଧାୟକ ଓ ବିଜେଡି ପ୍ରତିନିଧି ଦଳ

ନନ୍ଦପୁର,୧୧।୩(ସମିସ): ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ପଞ୍ଚାୟତ ଅଞ୍ଚଳକୁ ଯାତାୟାତ କରୁଥିବା ଲକ୍ଷ୍ମୀବସ୍‌ରେ ସୁଲଭ ମୂଲ୍ୟ ଓ ସୁବିଧାପୂର୍ଣ୍ଣ ଯାତ୍ରାର ଆନନ୍ଦ ନେଇଛନ୍ତି କୋରାପୁଟ ବିଧାୟକ ରଘୁରାମ ପଡାଲ ଓ ବିଜେଡି ଦଳୀୟ ପ୍ରତିନିଧି ଦଳ। ଟିକରପଡ଼ା ନଦୀଘାଟ ମୁହାଣରେ ନନ୍ଦପୁର-ଲମଡାପୁଟକୁ ତିନି ଥାକିଆ ପ୍ରଶସ୍ତ ରାସ୍ତା ଉଦଘାଟନ କାର୍ଯ୍ୟକ୍ରମ ଶେଷ ପରେ କୋରାପୁଟ ବିଧାୟକ ତଥା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡ଼ାଲ, କୋରାପୁଟ ବିଜେଡି ପର୍ଯ୍ୟବେକ୍ଷକ ରମାକାନ୍ତ ରାଉଳ ସୁବାସ ପଣ୍ଡା, ବିଜେଡି ଜିଲ୍ଲା ସମ୍ପାଦକ ମୁନା ଦଳପତି, ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, ତୁଳସୀ କ୍ରିସାନି, ଲିଲୀ ବୁରୁଡ଼ି, ସାମାଜିକ କର୍ମୀ ଈଶ୍ୱର ଆଲାର୍ଡ, ଘନ ଖିଲଙ୍କ ସମେତ ବହୁ ବିଜେଡି କର୍ମୀ ଲକ୍ଷ୍ମୀ ବସରେ ଯାତ୍ରା କରି ନନ୍ଦପୁର ସହରକୁ ଆସିଥିଲେ। ପାଞ୍ଚ ଟଙ୍କା ଦେଇ ସୁଲଭ ମୂଲ୍ୟରେ ମହିଳା ନେତ୍ରୀମାନେ ଟିକଟ କାଟିଥିବାବେଳେ ପୁରୁଷଙ୍କ ପାଇଁ ଦଶ ଟଙ୍କା ଲେଖାଏଁ ଟିକଟ କରି ବସ୍ ସେବାର ଆନନ୍ଦ ନେଇଥିଲେ।

ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ

ପଦ୍ମପୁର,୧୧।୩(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁରଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପଦ୍ମପୁର ଅଞ୍ଚଳର ଯୁବଗୋଷ୍ଠୀ ଓ ଗୁରୁ ଭାଇ, ମାଆମାନଙ୍କ ପ୍ରଚେଷ୍ଟାରେ ପଦ୍ମପୁର ସତସଙ୍ଗ ବିହାର ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସମଗ୍ର ରାୟଗଡ଼ା ଜିଲ୍ଲାରେ ପ୍ରତ୍ୟେକ ବ୍ଲକରୁ ଭକ୍ତମାନେ ଏଠାରେ ସମାବେଶ ହୋଇ ଠାକୁରଙ୍କ ଭକ୍ତି, କୀର୍ତ୍ତନ ଶ୍ରବଣ କରିଥିଲେ। ପ୍ରାତଃ ବିନତୀ ପ୍ରାର୍ଥନା ଏକ ଶୋଭାଯାତ୍ରାରେ ପଦ୍ମପୁର ପରିକ୍ରମା କରିଥିଲା। ପରେ ଏକ ଧର୍ମସଭାର ଆୟୋଜନ କରାଯାଇଥିଲା। ଏଥିରେ ପଦ୍ମପୁର ସତସଙ୍ଗ ବିହାରର ପରିଚାଳକ ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁରରୁ ଆସିଥିବା ନବୀନ ସାହୁ ଓ ମୁନିଗୁଡ଼ାରୁ ଆସିଥିବା ଗୋପୀନାଥ ପାତ୍ର ପ୍ରମୁଖ ଠାକୁରଙ୍କ ଦିବ୍ୟ ଲୀଳା ଉପରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଦେବରାଜ ମଲ୍ଲିକ, ବି.କିରଣ କୁମାର, ଭାସ୍କର ସାହୁ, ରାଧାକୃଷ୍ଣ ସାହୁ, ଅଶ୍ୱିନୀ ସୁବୁଦ୍ଧି, ଲଳିତ ପାଣିଗ୍ରାହୀ, ଗଙ୍ଗାଧର ବେହେରା, ପୀତବାସ ଗନ୍ତାୟତ, ସୁନୀଲ ନାୟକ, ବଳରାମ ପାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଏକ ମାତୃ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହାକୁ ସଂଯୁକ୍ତା ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ମିନତି ପାଣିଗ୍ରାହୀ ନାରୀ ଓ ମାତୃଶକ୍ତିର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଶହ ଶହ ସଂଖ୍ୟକ ଭକ୍ତ ଓ ଗୁରୁ ଭାଇଭଉଣୀ ଯୋଗଦେଇଥିଲେ।

୨ କୋଟିରେ ନିର୍ମାଣ ହେବ ମହାବିଦ୍ୟାଳୟ ଅଡିଟୋରିୟମ୍

ବିଷମକଟକ,୧୧।୩(ସମିସ)

ଶିକ୍ଷାର ବିକାଶ ଓ ପ୍ରଗତି ଦିଗରେ ରାଜ୍ୟ ସରକାର ଅନେକ ଯତ୍ନବାନ। ମହାବିଦ୍ୟାଳୟଗୁଡ଼ିକର ଆନୁସଙ୍ଗିକ ବ୍ୟବସ୍ଥାର ଉନ୍ନତି ଓ ବିକାଶ ପାଇଁ ବିଭିନ୍ନ ସମୟରେ ଅନୁଦାନ ରାଶି ପ୍ରଦାନ ମଧ୍ୟ କରିଆସୁଛନ୍ତି। ସୋମବାର ରାଜ୍ୟସରକାର ରାଜ୍ୟର ୭୬ଟି ମହାବିଦ୍ୟାଳୟରେ ମଲଟି ପରପୋଜ୍ ଅଡିଟୋରିୟମ୍ ନିର୍ମାଣ ପାଇଁ ୩୪ କୋଟି ୯୬ ଲକ୍ଷ ୯୦ ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରିଛନ୍ତି। ଏଥିମଧ୍ୟରେ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସ୍ଥାନୀୟ ଯୁକ୍ତ ତିନି ମା' ମାର୍କମା ମହାବିଦ୍ୟାଳୟକୁ ୨ କୋଟି ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏନେଇ ମହାବିଦ୍ୟାଳୟର ଅଧକ୍ଷ ଡ.ଅଶ୍ୱିନୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନୁଦାନ ରାଶି ପାଇବା ନେଇ ପତ୍ର ହସ୍ତଗତ ହେବା ପରେ ମହାବିଦ୍ୟାଳୟ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ବିଷମକଟକ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିରଲହରୀ ଖେଳିଯାଇଛି। ବିଧାୟକ ତଥା ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜାନ ଉପଦେଷ୍ଟା ସୁଧିର କୁମାର ଦାଶଙ୍କ ପ୍ରଚେଷ୍ଟା ବଳରେ ମହାବିଦ୍ୟାଳୟ ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ଅନୁଦାନ ରାଶି ପାଇବାରେ ସକ୍ଷମ ହୋଇପାରିଛି। ଅନୁଦାନ ରାଶି ପାଇବା ନେଇ ପତ୍ର ପାଇବା ପରେ ମହାବିଦ୍ୟାଳୟ ଏବଂ ଗ୍ରାମାବସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ମାଲକାନଗିରି,୧୧।୩(ସମିସ): ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ତରଫରୁ ସ୍ଥାନୀୟ ସରକାରୀ ବହୁବୃତ୍ତି ଅନୁଷ୍ଠାନ ମାଲକାନଗିରିଠାରେ ୧୦ମ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖାର ସଭାପତି ଡ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ମହାବିଦ୍ୟାଳୟର ଅଧକ୍ଷ ଲିଙ୍ଗରାଜ ମିଶ୍ର, ମୁଖ୍ୟବକ୍ତା ତପନ କୁମାର ବେହେରା, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାସ ଯୋଗଦେଇଥିଲେ। ସରକାରୀ ବହୁବୃତ୍ତି ଅନୁଷ୍ଠାନ ମାଲକାନଗିରିର ଭାରପ୍ରାପ୍ତ ଅଧକ୍ଷ ବିପିନ ବିହାରୀ ନାୟକ ଉପସ୍ଥିତ ଥିଲେ। ପ୍ରାୟତଃ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଉତ୍କଳ ସମ୍ମିଳନୀର ସଦସ୍ୟ ଉପସ୍ଥିତ ଥିଲେ। ସଭା ଆରମ୍ଭରୁ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ୨୦୧୪ ଆଜିର ଦିନରେ ଓଡ଼ିଆ ଭାଷାକୁ ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯାଇଥିବାରୁ ସୋମବାର ମାଲକାନଗିରି ଜିଲ୍ଲାରେ ୧୦ମ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରି ପ୍ରତ୍ୟେକ ଦୋକାନ ଓ ବ୍ୟବସାୟ ଅନୁଷ୍ଠାନଗୁଡ଼ିକୁ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ମତପ୍ରକାଶ ପାଇଥିଲା, ସମସ୍ତ ଛାତ୍ରଛାତ୍ରୀ ଓ ମାଲକାନଗିରିରେ ବସବାସ କରୁଥିବା ଅଧିବାସୀମାନଙ୍କୁ ମାଟି, ମାଆ ଏବଂ ମାତୃଭାଷାକୁ ଭଲପାଇବା ପାଇଁ ମୁଖ୍ୟ ଅତିଥି ନିବେଦନ କରିଛନ୍ତି।

ପ୍ରଶାନ୍ତ କରଙ୍କୁ 'ସାମ୍ବାଦିକ ଗୌରବ' ସମ୍ମାନ

ପଦ୍ମପୁର,୧୧।୩(ସମିସ): ରାଜ୍ୟ ସୂଚନା ଓ ଲୋକସମ୍ପର୍କ, ଜଙ୍ଗଲ, ପଞ୍ଚାୟତିରାଜ ଏବଂ ଜଳ ଓ ପରିମଳ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ପଦ୍ମପୁରର ସାମ୍ବାଦିକ ପ୍ରଶାନ୍ତ କୁମାର କର ସମ୍ମାନିତ ହୋଇଛନ୍ତି। କର୍ମଜୀବୀ ସାମ୍ବାଦିକ ସଂଘ ଓ ନୀଳଚକ୍ର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବୌଦ୍ଧ ଜିଲ୍ଲାର ଏକ ହୋଟେଲରେ କର୍ମଜୀବୀ ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ମନୋରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ଅମାତ, ସମ୍ମାନିତ ଅତିଥି ଭାବେ ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ପଞ୍ଚାୟତ ସମିତି ଅଧକ୍ଷ ପ୍ରୟଦର୍ଶୀ ପ୍ରତ୍ୟୁଷ ରଥ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସାହିତ୍ୟିକ ଡ. ସଞ୍ଜୟ କୁମାର ପଣ୍ଡା, ସମ୍ମାନିତ ବକ୍ତା ଭାବେ ବରଗଡ଼ର ବରିଷ୍ଠ ଆଇନଜୀବୀ ରତିଶ୍ ଚନ୍ଦ୍ର ଆଚାର୍ଯ୍ୟ ଓ କବି ଦେବରାଜ ନାୟକଙ୍କ ଉପସ୍ଥିତିରେ ମନ୍ତ୍ରୀ ଶ୍ରୀ ଅମାତ ଦକ୍ଷିଣ ଓଡ଼ିଶାର ବିଶିଷ୍ଟ ସାମ୍ବାଦିକ ତଥା ରାୟଗଡ଼ା ଜିଲ୍ଲା ପଦ୍ମପୁର ସାମ୍ବାଦିକ ପ୍ରଶାନ୍ତ କୁମାର କରଙ୍କୁ ସାମ୍ବାଦିକ ଗୌରବ ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ବୈଠକକୁ ପରିଚାଳନା କରିଥିଲେ ସମ୍ପାଦକ ସିଦ୍ଧେଶ୍ୱର ଗିରି।

ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

ନବରଙ୍ଗପୁର,୧୧।୩(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡିରେ ବ୍ଲକ୍‌ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନନ୍ଦାହାଣ୍ଡି ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳରୁ ଜିଲ୍ଲାପାଳଙ୍କୁ ନିଜର ତଥା ନିଜଅଞ୍ଚଳର ସମସ୍ୟା ତଥା ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଆସିଥିବା ୨୯ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା। ଏହି ଶିବିରରେ ଜିଲ୍ଲାପାଳ ଡ. କମଳଲୋଚନ ମିଶ୍ରଙ୍କ ସହ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଉପସ୍ଥିତ ଥିଲେ। ଅଭିଯୋଗରେ ମୁଖ୍ୟତଃ ପାନୀୟଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ ସେବା, ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା ଓ ଜମିଜମା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଜିଲ୍ଲାପାଳ ଡ. ମିଶ୍ର ଅଭିଯୋଗ ଜଣାଇବା ପାଇଁ ଆସିଥିବା ଲୋକଙ୍କୁ ଭେଟି ତାଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହିତ ଏଥି ସମ୍ବନ୍ଧିତ ପତ୍ର ଗ୍ରହଣ କରି ଏହାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ନନ୍ଦାହାଣ୍ଡି ତହସିଲଦାର ଡ.ବନମାଳୀ ମେହେର, ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତି ପ୍ରତିନିଧି ଓ ସମସ୍ତ କର୍ମଚାରୀ ଏବଂ ପୁଲିସ ପ୍ରଶାସନ ପ୍ରମୁଖ ଯୋଗଦେଇଥିଲେ। ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଜଣେ ହିତାଧିକାରୀଙ୍କୁ ଭତ୍ତା ଏବଂ ଗୋଟିଏ ହ୍ୱିଲ୍ ଚେୟାର ବଣ୍ଟନ କରାଯାଇଥିଲା।

ମୁତ୍ୟାଲୁ ମା' ପୂଜା କମିଟିର କର୍ମକର୍ତ୍ତା ମନୋନୀତ

କୋରାପୁଟ,୧୧।୩(ସମିସ): କୋରାପୁଟ ମା' ମୁତ୍ୟାଲୁ ବାର୍ଷିକ ଯାତ୍ରା ପୂଜା କମିଟିର କର୍ମକର୍ତ୍ତା ମନୋନୀତ ହୋଇଯାଇଛି। ମୁତ୍ୟାଲୁ ମା' ପୂଜା ମଣ୍ଡପଠାରେ ସୋମବାର ସନ୍ଧ୍ୟାରେ କର୍ମକର୍ତ୍ତା ମନୋନୀତ କରାଯାଇଛି। କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ସଭାପତି ରହିଥିବାବେଳେ ସମ୍ପାଦକ ଭାବେ ଟି.ଜି.ଏନ. ମୂର୍ତ୍ତିଙ୍କୁ ମନୋନୀତ କରାଯାଇଥିବା ଜଣାପଡ଼ିଛି। ଉପସଭାପତି ଭାବେ ଏନ୍‌ଏନ୍ ସାହୁ ଓ ରଞ୍ଜିତ କୁମାର, ଯୁଗ୍ମ ସମ୍ପାଦକ ଭାବେ କାଉନସିଲର ବି. ମାଲେଶ୍ୱର ରାଓ ଏବଂ କୋଷାଧକ୍ଷ ଭାବେ କେ. ଗଣପତି ପ୍ରମୁଖଙ୍କୁ ମନୋନୀତ କରାଯାଇଥିବା ଜଣାପଡ଼ିଛି। ମା'ଙ୍କ ନବଦିନ ବ୍ୟାପୀ ଯାତ୍ରା ଆସନ୍ତା ଏପ୍ରିଲ ୨୯ ତାରିଖରୁ ଆରମ୍ଭ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

ରେଡକ୍ରସ୍ ସୋସାଇଟି ପକ୍ଷରୁ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ

ନବରଙ୍ଗପୁର,୧୧।୩(ସମିସ): ସୋମବାର ନବରଙ୍ଗପୁର ଜିଲ୍ଲା ଶାଖା ରେଡକ୍ରସ ସୋସାଇଟି ପକ୍ଷରୁ ନବରଙ୍ଗପୁର ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ ସୋସାଇଟିର ଅଧକ୍

ଘାଟି ଅଞ୍ଚଳରେ ଶନିବାର ଶିକ୍ଷକଙ୍କ ଦେଖା ମିଳୁନି

ମାଲକାନଗିରି,୧୧।୩(ସମିସ): ଶନିବାର ହେଲେ ଘାଟି ଅଞ୍ଚଳରେ ରହିଥିବା ସ୍କୁଲଗୁଡ଼ିକୁ ଯାଉନାହାନ୍ତି ଶିକ୍ଷକ। କେଉଁଠି ଶିକ୍ଷକ ନ ଆସିବାରୁ ସ୍କୁଲ ବନ୍ଦ ରହୁଥିବାବେଳେ ଆଉ କେତେକ ସ୍ଥାନରେ ରୋଷେୟା ହିଁ ସ୍କୁଲ ଖୋଲି ପିଲାଙ୍କୁ ଖାଇବାକୁ ଦେଇ ପଠାଇ ଦେଉଥିବା ଦେଖିବାକୁ ମିଳିଛି। ପ୍ରାୟ ଶନିବାର ହେଲେ ଘାଟି ଅଞ୍ଚଳରେ ଶିକ୍ଷକମାନେ ଯାଉ ନ ଥିବା ନେଇ ଅଭିଯୋଗ ଆସୁଥିବାବେଳେ ଗତ ଶନିବାର ମଧ୍ୟ ମାଲକାନଗିରି ଜିଲ୍ଲା କାଲିମେଳା ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଅନ୍ତର୍ଗତ ତେଲାରାଇ, କୁର୍ମାନୁର ଓ ମାନ୍ୟମକୋଣ୍ଡା ପଞ୍ଚାୟତର ବିଭିନ୍ନ ଘାଟି ଅଞ୍ଚଳରେ ସ୍କୁଲଗୁଡ଼ିକରେ ଏହିପରି ସମାନ ଚିତ୍ର ଦେଖିବାକୁ ମିଳିଛି। ସରକାର ଦୁର୍ଗମ ଅଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଶିକ୍ଷା ବିଭାଗର କର୍ମଚାରୀଙ୍କ ଉଦାସୀନତା ଲାଗି ଅନେକ ଉପାନ୍ତ ଅଞ୍ଚଳରେ ଆଜି ମଧ୍ୟ ପିଲାଙ୍କୁ ମିଳୁନି ଉଚିତ୍ ଶିକ୍ଷା।

● ଅଧା ସ୍କୁଲ ଖୋଲା, ଅଧା ସ୍କୁଲ ବନ୍ଦ

ମିଳିଥିବା ସୂଚନା ଅନୁଯାୟୀ, ଗତ ଶନିବାର ଜିଲ୍ଲାର ଏଲକାନୁର ଗ୍ରାମରେ ଶିକ୍ଷକ ଆସି ନ ଥିବାରୁ ଅସ୍ଥାୟୀ ଭାବେ ଏହି ସ୍କୁଲ ବନ୍ଦ ରହିଥିଲା। ସ୍ଥାନୀୟ ପିଲା ନିକଟସ୍ଥ ଚାଷଜମିରେ ଖେଳକୁଦ କରୁଥିବାବେଳେ ମଧ୍ୟାହ୍ନ ଭୋଜନ ମଧ୍ୟ ଦିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମାନ ଚିତ୍ର ଦୁଲାଗାଣ୍ଡି ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଦେଖିବାକୁ ମିଳିଥିଲା। ଏଠାରେ ଶିକ୍ଷକଙ୍କ ଅନୁପସ୍ଥିତି ଓ ରୋଷେଇ ପାଇଁ ସାମଗ୍ରୀ ଦେଇ ନ ଥିବାରୁ ମଧ୍ୟାହ୍ନ ଭୋଜନ ଦିଆଯାଇ ପାରି ନ ଥିବା ରୋଷେୟା କାକାରା କାରାମା କହିଛନ୍ତି। ଅନ୍ୟପଟେ ଏରାବାଟି ସ୍କୁଲରେ ମଧ୍ୟ ଶନିବାର ଶିକ୍ଷକ ନ ଆସିବାରୁ ପାଠପଢ଼ା ସହ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହୋଇଥିଲେ କୁନିକୁନି ପିଲା। ତେବେ ସିଲକାନମାମୁଡ଼ି ଗ୍ରାମରେ ରହିଥିବା ସ୍କୁଲରେ ଶିକ୍ଷକ ଆସି ନ ଥିବାବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ଓ ଉପସ୍ଥାନ ପକାଇବା ପାଇଁ ରୋଷେୟାଙ୍କ ହାତରେ ସ୍କୁଲ ଚାବି ଦିଆଯିବା ଚିତ୍ରଘାଟି ଅଞ୍ଚଳର ଶିକ୍ଷା ବ୍ୟବସ୍ଥାର ପ୍ରକୃତ ଚିତ୍ରକୁ ପଦାରେ ପକାଉଛି ବୋଲି ସାଧାରଣରେ କୁହାଯାଇଛି। ସେହିପରି ଶିକ୍ଷକ ନ ଆସିବାରୁ ଘାଟିଗୁଡ଼ା ସ୍କୁଲ ଖୋଲି ନ ଥିବାବେଳେ ଚିନ୍ତାଗନାଲ ସ୍କୁଲ ଶିକ୍ଷକ କିଛି ସମୟ ସ୍କୁଲ ଖୋଲି ପରେ ସ୍କୁଲ ବନ୍ଦ କରି ଚାଲି ଯାଇଥିଲେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହିପରି ଚିତ୍ର ପ୍ରାୟ ଶନିବାର ହେଲେ ଦେଖିବାକୁ ମିଳୁଥିବା ଲୋକେ ଅଭିଯୋଗ କରୁଥିବାବେଳେ ଏନେଇ କାଲିମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବରୋଇଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ ଘଟଣାର ସତ୍ୟତାକୁ ନେଇ ସେ ତଦନ୍ତ କରିବା ସହ ଉଚିତ୍ ପଦକ୍ଷେପ ନେବେ। ତେବେ ସରକାର ଏହି ଉପାନ୍ତ ଅଞ୍ଚଳରେ ପିଲାଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ପ୍ରୟାସ କରୁଥିବାବେଳେ କିଛି ଅସାଧୁ କର୍ମଚାରୀଙ୍କ ପାଇଁ ଏହି କୁନି କୁନି ପିଲାଙ୍କୁ ମୌଳିକ ଶିକ୍ଷା ମଧ୍ୟ ସଠିକ୍ ଭାବେ ମିଳୁ ନ ଥିବାବେଳେ ଏନେଇ ଜିଲ୍ଲା ପ୍ରଶାସନ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଧୋଡ୍ରା ଶାଖା ପକ୍ଷରୁ ଶିବ ଜୟନ୍ତୀ

ଧୋଡ୍ରା,୧୧।୩(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଧୋଡ୍ରା ଶାଖା ପକ୍ଷରୁ ୮୮ତମ ଶିବ ଜୟନ୍ତୀ ପାଳିତ ହୋଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବିକେ ମନ୍ଦାକିନୀ ଭଉଣୀ ଶିବ ବାବାଙ୍କ ପତାକା ଉତ୍ତୋଳନ କରିଥିଲେ। ପରମ ପିତା ଶିବ ଧରାପୃଷ୍ଠରେ ଅବତରଣ କରି ଈଶ୍ୱରୀୟ ଜ୍ଞାନ ପ୍ରଦାନ କରୁଛନ୍ତି। ଶିବ ଶକ୍ତି ହେଉଛି ପରମ ଶକ୍ତି। ଏହାର ମାହାତ୍ମ୍ୟ ମନୁଷ୍ୟ ବୁଝିପାରିଲେ ମଣିଷ ମନରୁ ସକଳ କାମ, ଶୋକ, ବ୍ୟାଧି ଆଦି ଦୂର ହେବ ବୋଲି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ବିକେ ମଧୁ ଭାଇ କହିଥିଲେ। ପରମ ପିତା ଶିବ ବାବାଙ୍କ ଆଦର୍ଶକୁ ପାଥେୟ କରି ଚାଲିଲେ ମନୁଷ୍ୟ ଜୀବନରୁ ସକଳ ରୋଗ, କଷ୍ଟ, ବ୍ୟାଧି ଆଦି ଦୂର ହୋଇପାରିବ ବୋଲି ଅନ୍ୟ ପ୍ରମୁଖ ବକ୍ତାମାନେ କହିଥିଲେ। ଏହି ଅବସରରେ ସେବା କେନ୍ଦ୍ରର ବିକେ ଲକ୍ଷ୍ମୀ ଭଉଣୀ, ବିକେ ଈଶ୍ୱର ଭାଇ, ବିକେ ନର୍ମଦା ଭଉଣୀ, ବିକେ ନିକୁଞ୍ଜ, ବିକେ ମଧୁ ଭାଇ, ବିକେ କେଦାର ଭାଇ, ବିକେ ବାସନ୍ତୀ ଭଉଣୀ, ବିକେ ଛବି ଭଉଣୀ, ବିକେ ନିବେଦିତା ଭଉଣୀ ତଥା ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍, ବରିଷ୍ଠ ନାଗରିକମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଖର୍କୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାପଡ଼ାହାଣ୍ଡି,୧୧।୩(ସମିସ): ରବିବାର ପାପଡ଼ାହାଣ୍ଡି ବ୍ଲକ୍ ଖର୍କୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ବେହେରାଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭରୁ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଏବଂ ଆଧୁନିକ ଢ଼ାଞ୍ଚାରେ ପାଠ ଅଧ୍ୟୟନ ବିଷୟରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ପାପଡ଼ାହାଣ୍ଡି ବ୍ଲକ୍ ମଙ୍ଗଳ ଅଧିକାରୀ ସତ୍ୟବ୍ରତ ପରିଡ଼ା, ଗରଡୁଗୁଡ଼ା ପ୍ରଧାନଶିକ୍ଷକ ଲଛମନ ମାଝୀ, ବାଟିବେଡ଼ା ପ୍ରଧାନଶିକ୍ଷକ ଫ୍ରାନସିସ୍ ନାଗ, ନିସ୍ନାହାଣ୍ଡି ପ୍ରଧାନଶିକ୍ଷକ ସତ୍ୟ ପାତ୍ର, ଜଟାବାଲ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଦାସ, ଲାଇବନପଦର ପ୍ରଧାନଶିକ୍ଷକ ଖେମା ଗରଡ଼ା, ମାଲେକୋଟ ପ୍ରଧାନଶିକ୍ଷକ ରବୀନ୍ଦ୍ର ପାତ୍ର, କର୍ଚ୍ଚାମାଳ ପ୍ରଧାନଶିକ୍ଷକ ଭେଙ୍କେଟେଶ୍ୱର ହଲୱା, ପାତ୍ରୀ ପ୍ରଧାନଶିକ୍ଷକ ସନ୍ତୋଷ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ଚୌଧୁରୀ, କୋଡିଙ୍ଗା ଥାନା ଏଏସ୍ଆଇ ପ୍ରଦୀପ କୁମାର ବାଗ, ସମାଜସେବୀ ଭରତ ମିର୍ଗାନ, ଏସଏମସି ସଭାପତି ବିସେମ୍ବର ମାଝୀ, ଭୀମ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ବାସିନୀ ପ୍ରଧାନଶିକ୍ଷକ ସୁରେଶ ପାତ୍ର ମଞ୍ଚ ପରିଚାଳନା କରିଥିଲେ।

ରାୟଗଡ଼ା ୱାକର୍ସ କ୍ଲବ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ରାୟଗଡ଼ା,୧୧।୩(ସମିସ): ୱାକର୍ସ କ୍ଲବ୍ ରାୟଗଡ଼ା ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ସହରର ପ୍ରେମ ପାହାଡ଼ ପରିସରରେ ରବିବାର ସକାଳେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲବର ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେଇ ପାହାଡ଼ ପରିସରରେ ଥିବା ଅଳିଆ ଆର୍ବଜନାକୁ ସଫେଇ କରିଥିଲେ। ପ୍ରେମ ପାହାଡ଼କୁ ପ୍ରତିଦିନ ଶତାଧିକ ସହରବାସୀ ପ୍ରାତଃ ଓ ସାନ୍ଧ୍ୟଭ୍ରମଣ ପାଇଁ ଆସୁଥିବାବେଳେ ଲୋକଙ୍କ ପାଇଁ ପାହାଡ଼ ଚତୁଃପାର୍ଶ୍ୱରେ ପାଦଚଲା ରାସ୍ତାର ବ୍ୟବସ୍ଥା କରାଯାଇଛି। ଏଠାକାର ମନଲୋଭା ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ପ୍ରତିଦିନ ଭିଡ଼ ଦେଖିବାକୁ ମିଳୁଥିବାବେଳେ ଅନେକ ଲୋକ ନିଜ ସାଥିରେ କିଛି ଖାଦ୍ୟପେୟ ସାମଗ୍ରୀ ନେଇ ଆସିଥାନ୍ତି। ଖାଦ୍ୟପେୟ ଗ୍ରହଣ ପରେ ପାହାଡ଼ ପରିସରରେ ଥିବା ଡଷ୍ଟବିନକୁ ବ୍ୟବହାର ନ କରି ଏପଟସେପଟ ଫୋପାଡ଼ି ଦେବା ଫଳରେ ପାହାଡ଼ ପରିସରରେ ଅଳିଆ ଜମା ହୋଇଥାଏ। ତେଣୁ ଏକ ଦାୟିତ୍ୱବାନ୍ ନାଗରିକ ହିସାବରେ ତଥା ନିଜ ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ଲକ୍ଷ୍ୟ ନେଇ ୱାକର୍ସ କ୍ଲବ୍ ରାୟଗଡ଼ା ପକ୍ଷରୁ ପ୍ରତିବର୍ଷ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍ ସମ୍ପାଦକ ରୁଦ୍ରପ୍ରସାଦ ଚୌଧୁରୀ, କୋଷାଧକ୍ଷ ରାଜେନ୍ଦ୍ର ପ୍ରସାଦ ଚୌଧୁରୀ, ଲୋକ ସମ୍ପର୍କ ଅଧିକାରୀ ବି.ଡାଲି ରାଜୁ, ୱାକର୍ସ ଇଣ୍ଟରନ୍ୟାସନାଲ ଉପସଭାପତି ଅଭିମନ୍ୟୁ ନାୟକ, ଜିଲ୍ଲା ଗଭର୍ଣ୍ଣର କିଶୋର ଚନ୍ଦ୍ର ପଣ୍ଡା, କ୍ୟାବିନେଟ୍ ସମ୍ପାଦକ ପ୍ରତାପ ଚନ୍ଦ୍ର ବାଉରୀ, ସଂଯୋଜକ ଟି.ଜୟରାମଙ୍କ ସମେତ ଲାଫ୍ଟର୍ସ କ୍ଲବ୍ ସଭାପତି ଉଦୟ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଅନ୍ତର୍ଜାତୀୟ ମହିଳା ଦିବସ

'ବିଭିନ୍ନ କ୍ଷେତ୍ରରେ ଆଜି ନାରୀ ସଫଳ ହୋଇପାରିଛି'

ରାୟଗଡ଼ା,୧୧।୩(ସମିସ): ଜିଲ୍ଲା ବ୍ରାହ୍ମଣ ମହିଳା ସମାଜ(ଶକ୍ତି ବାହିନୀ) ସଂଗଠନ, ରାୟଗଡ଼ା ପକ୍ଷରୁ ସ୍ଥାନୀୟ କୃଷ୍ଣଚନ୍ଦ୍ର ନଗର ଭବନଠାରେ ବିଶ୍ୱ ମହିଳା ଦିବସ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ଶୁଭ୍ରା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି, ଜିଲ୍ଲା ବ୍ରାହ୍ମଣ ସମାଜ ସଭାପତି ମଦନ ମୋହନ ପାଢ଼ୀ, ରାୟଗଡ଼ା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ବବିଲତା ସରାଫ, ମୁଖ୍ୟବକ୍ତା ରୂପେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଂଗଠନର ବିଭିନ୍ନ ସଦସ୍ୟାମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯିବା ପରେ ଅତିଥିମାନଙ୍କୁ ସଂଗଠନ ପକ୍ଷରୁ ଉପଢ଼ୌକନ ଓ ବୃକ୍ଷଚାରା ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶକ୍ତି ବାହିନୀ ସଂଗଠନ ସମ୍ପାଦିକା ମୀନା କୁମାରୀ ରଥ ବିବରଣୀ ପାଠ କରି ସଂଗଠନର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜରେ ନାରୀର ବିଭିନ୍ନ ଭୂମିକା ତଥା ସମ୍ପର୍କର ପରିଚୟରେ ତ୍ୟାଗ, ସ୍ନେହ, ମମତା ବାଣ୍ଟିବାରେ ଏବଂ ତାଙ୍କର ଧୈର୍ଯ୍ୟର କୌଣସି ସୀମା ନ ଥାଏ। ରାଜନୈତିକ, ଅର୍ଥନୈତିକ, ସାମାଜିକ, କଳା, ସାହିତ୍ୟ ବିଭିନ୍ନ କ୍ଷେତ୍ରରେ ଆଜି ନାରୀଟିଏ ସଫଳ ହୋଇପାରିଛି। ମହିଳା ସଶକ୍ତୀକରଣ ଦିଗରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ମାଧ୍ୟମରେ ଲକ୍ଷାଧିକ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଗଠନ କରି ଆଜି ସ୍ୱାବଲମ୍ବୀ ଓ ଉଦ୍ୟୋଗୀ ଭାବେ ନିଜକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିପାରିଛନ୍ତି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ନାରୀ ନିର୍ଯାତନା, ଅତ୍ୟାଚାର, ଦୁଷ୍କର୍ମ, ଯୌତୁକ ପ୍ରଥା ଭଳି ଲଜ୍ଜାଜନକ ଘଟଣାକୁ ରୋକିବା ପାଇଁ ସମ୍ବିଧାନରେ ଅନେକ ଆଇନ ପ୍ରଣୟନ କରାଯାଇଛି ଏବଂ ଏହି ସବୁ ଆଇନ ବଳରେ ଜଣେ ପୀଡ଼ିତା ନ୍ୟାୟ ପାଇ ପାରୁଛି ବୋଲି ସଭାପତି ଶ୍ରୀମତି ପଣ୍ଡା ପ୍ରକାଶ କରିଥିଲେ। ଉକ୍ତ ଦିବସ ପାଳନ ଉପଲକ୍ଷେ ଶକ୍ତି ବାହିନୀ ସଂଗଠନ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବାବେଳେ ସଂଗଠନର ସଦସ୍ୟାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଘୋଷିକା ବିଦିଶା ଶତପଥୀ ମଞ୍ଚ ସଂଯୋଜନା କରିଥିବାବେଳେ ଅନ୍ୟ ସଦସ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ।

ଜୟପୁର : କୋରାପୁଟ ଜିଲ୍ଲା ଜୟପୁରଠାରେ ଡ. ବିଆର୍ ଆମ୍ବେଦକର ମୂଳ ଆଦିବାସୀ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ରଥପଡ଼ିଆ ଛକଠାରୁ ମହିଳା ଆଦିବାସୀଙ୍କ ନୃତ୍ୟ ସହ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲା। ଆୟୋଜକ ସଂସ୍ଥାର ରାଜ୍ୟ ସଭାପତି ମନସ୍ୱିନୀ ଟାକ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ କେକ୍ କାଟି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ରଶ୍ମିତା ଟେଟେ, ମୁଖ୍ୟବକ୍ତା ଆଇନଜୀବୀ ଡ. ଗାୟତ୍ରୀ ଦେବୀ, ଜିଲ୍ଲା ସଭାନେତ୍ରୀ ଅନାରକଲ କୁଲଦୀପ, ଆଇନ ପରାମର୍ଶଦାତା ଜି.ମହେଶ, ପ୍ରବୀର ପାତ୍ର, ଜି. ବସନ୍ତ ରାଓ, କୃଷ୍ଣ କୁଲଦୀପ୍, ରାଜ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କ୍ରୀଡ଼ା ପାଇଁ ମୌସୁମୀ ଟାକ୍ରୀ, ସାମ୍ବାଦିକତା ପାଇଁ ଅନିତା ଦାସ, ସାମାଜିକ ସେବିକା ଭାବେ ଅନିତା ନାଟକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଆୟୋଜିତ ଏହି ଦିବସ ପାଳନ ଅବସରରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର ଏବଂ ଦେବେନ୍ଦ୍ର ବାହିନୀପତି ଉପସ୍ଥିତ ଥିଲେ। ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନଳନୀ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘର କାର୍ଯ୍ୟକାରିଣୀ

ନବରଙ୍ଗପୁର,୧୧।୩(ସମିସ): ନବରଙ୍ଗପୁର ବିର୍ସାମୁଣ୍ଡା ନଗର ସ୍ଥିତ ଭତରା ଭବନଠାରେ ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଆଦିବାସୀ ଛାମୁଆ ସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କ ସମେତ ସମାଜର ସମସ୍ତ ବ୍ଲକ୍ ସଭାପତି, ସମସ୍ତ ସମାଜର ସଭାପତି ଯୋଗଦେଇଥିଲେ। ମହାସଂଘର ସଭାପତି ଅର୍ଜୁନ ଭତରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟତଃ ତୃଣମୂଳସ୍ତରରେ ଆଦିବାସୀ ମହାସଙ୍ଘକୁ କିପରି ସୁଦୃଢ଼ କରିବା, ଜିଲ୍ଲାଭିତ୍ତିକ ନିଯୁକ୍ତିକୁ ଜନସଂଖ୍ୟା ଭିତ୍ତିରେ ଗ୍ରୁପ ସି' ଓ ଡି' ଅନୁସାରେ ନିଯୁକ୍ତି ଦେବାକୁ ଦାବି, ପେସା ଆଇନ ୧୯୯୬ରେ ଆଇନରେ ପରିଣତ ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ନ ହେବା ଯୋଗୁଁ ଆଦିବାସୀମାନଙ୍କର ଅଧିକାରରୁ ବଞ୍ଚିତ କରାଯାଇଛି। ତେଣୁ ଏହାର ସମାଧାନ କରିବା, ଆରଡିସି ଅଫିସ ବ୍ରହ୍ମପୁରରେ ଅଭିଯୋଗ ହୋଇଥିବା ଜାଲ୍ ଜାତିଗତ ପ୍ରମାଣପତ୍ରଧାରୀଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରିବା, ୧୯୫୬ରୁ ୨୦୦୨ ପର୍ଯ୍ୟନ୍ତ ଯେତିକି ଆଦିବାସୀ ଜମି କିଣାବିକା ହେଉଛି ଏବଂ ୨୦୦୪ରେ ଫର୍ମ-୨ ବି'ରେ ଯେଉଁମାନେ ଦାଖଲ କରିନାହାନ୍ତି ସେହି ଜମିକୁ ମୂଳ ବିକ୍ରେତାକୁ ଫେରସ୍ତ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ପ୍ରଶାସନ ନିରବତାକୁ ଦୃଢ଼ ବିରୋଧ କରାଯାଇଥିଲା। ଏହି ବୈଠକରେ ବିଭିନ୍ନ ବକ୍ତାମାନେ ନିଜ ବକ୍ତବ୍ୟରେ ନିଜ ନିଜ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ କରିବା ପାଇଁ ପ୍ରତିଜ୍ଞା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଟିବୁ ସାରକା, ନବରଙ୍ଗପୁର ଜିଲ୍ଲା ସଭାପତି ଗୋପୀନାଥ ମାଝି, ସମ୍ପାଦକ ଲଚମନ ମାଝି, କୋରାପୁଟରୁ ଶିବ ମୁଦୁଲି, ମାଲକାନଗିରିରୁ ବନ୍ଧୁ ମୁଦୁଲି, ରାୟଗଡ଼ା ଉପସଭାପତି ବନମାଳୀ ମାଝି, ଏଏମ୍ଓ ସଂଯୋଜିକା ଲକ୍ଷ୍ମୀ ପାସକା, ଦକ୍ଷିଣ ଓଡ଼ିଶା ସଂଯୋଜକ ରାଜମାନ ଭତରା, ଉପଦେଷ୍ଟା ଶଶିଧ

୬୩୦ କେଜି ଗଞ୍ଜେଇ ଜବତ; ଅଭିଯୁକ୍ତ ଫେରାର୍

ମାଲକାନଗିରି,୧୧।୩(ସମିସ)

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ କୁର୍ମାନୁର ଅଞ୍ଚଳରେ କାଲିମେଲା ପୁଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ମାଝିପାକା ଗ୍ରାମ ଜଙ୍ଗଲ ନିକଟରେ ୬୩୦ କେଜି ଗଞ୍ଜେଇ ଜବତ କରିଛି। ସୂଚନା ଅନୁଯାୟୀ, କାଲିମେଳା ପୁଲିସ ପକ୍ଷରୁ ଥାନା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବାବେଳେ ମାଝିପାକା ଗ୍ରାମ ନିକଟ ଏକ ଜନଶୂନ୍ୟ ସ୍ଥାନରେ କିଛି ଲୋକ ଛିଡ଼ା ହୋଇଥିବା ସହ କିଛି ବସ୍ତା ରହିଥିବା ଦେଖିଥିଲେ। ପୁଲିସ ଟିମ୍ ସନ୍ଦେହ କରି ସେଠାରେ ଯାଞ୍ଚ ପାଇଁ ଯିବାବେଳେ ଛିଡ଼ା ହୋଇ ରହିଥିବା ବ୍ୟକ୍ତିମାନେ ପୁଲିସକୁ ଦେଖି ସେଠାରୁ ଦୌଡ଼ିବା ଆରମ୍ଭ କରି ଖସିଯିବାରେ ସଫଳ ହୋଇଥିବାବେଳେ କାଲିମେଳା ପୁଲିସ ସେଠାରୁ ୩୨ଟି ପ୍ୟାକେଟରେ ୬୩୦ କେଜି ଗଞ୍ଜେଇ ଜବତ କରିଥିଲେ। ଏନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବାବେଳେ ଫେରାର୍ ଅଭିଯୁକ୍ତମାନଙ୍କ ତଲାସି ଜାରି ରଖାଯାଇଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତି ତାଣ୍ଡି ସୂଚନା ଦେଇଛନ୍ତି। ଏହି ଜବତ ଗଞ୍ଜେଇ ଆନ୍ଧ୍ରପ୍ରଦେଶ ଡଙ୍କରାଇ ଅଞ୍ଚଳକୁ ଚାଲାଣ କରାଯାଇଥାନ୍ତା ବୋଲି ସୂଚନା ମିଳିଥିବା ସେ ପ୍ରକାଶ କରିଛନ୍ତି।

୩୧ କେଜି ଗଞ୍ଜେଇ ଜବତ; ୪ ଗିରଫ

ମୁନିଗୁଡ଼ା,୧୧।୩(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ପୁଲିସକୁ ମିଳିଛି ପୁଣି ଏକ ସଫଳତା। ରବିବାର ସନ୍ଧ୍ୟାରେ ପୁଲିସ ପାଟ୍ରୋଲିଂ କରିବା ସମୟରେ ୪ ଜଣଙ୍କୁ ଗିରଫ କରିବା ସହିତ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଛି। ସୂଚନାନୁଯାୟୀ, ସେହି ଚାରି ଜଣ ଯୁବକ ଅମ୍ବାଦଳା କାର୍ଗିଲ ଛକରୁ ରେଳଷ୍ଟେସନ ଆଡକୁ ଦ୍ରୁତଗତିରେ ଚାଲିଚାଲି ଯାଉଥିବା ଦେଖି ସନ୍ଦେହରେ ସେମାନଙ୍କୁ ଅଟକାଇଥିଲେ। ସେମାନଙ୍କୁ ପଚାରିବା ସହ ବ୍ୟାଗ ତନଖି କରିବାବେଳେ ସେହି ୪ଟି ଯାକ ବ୍ୟାଗରେ ଗଞ୍ଜେଇ ଥିବା ଜାଣିପାରି ସେମାନଙ୍କୁ ଥାନାକୁ ଆଣି ବ୍ୟାଗରେ ଥିବା ଗଞ୍ଜେଇର ଓଜନ ୩୧ କେଜି ୨୨୦ ଗ୍ରାମ ବୋଲି ଜଣାପଡ଼ିଥିଲା । ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଚାଲାଣକାରୀ ମାନେ କେରଳ ରାଜ୍ୟ ଏରନାକୁଲମ୍ ଜିଲ୍ଲା ଆଲୁଭା ଗ୍ରାମର ଅଲବିନ ଭରଗିସ, ମାୟାଲାପୁରା ଗ୍ରାମର ଅଖିଲ ସୁରେଶ, କାଲିଗିଡ଼ାନଖାଲ ଗ୍ରାମର ସରତ ସାବୁ ଓ ପନାନ୍ତୁର୍ ଗ୍ରାମର ସୁସିଲ୍ ଜାକିର୍ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଅମ୍ବାଦଳା ଥାନା କେଶ ନଂ ୬୪/୨୪ ରେ ଏକ ମାମଲା ରୁଜୁ କରି ସୋମାନଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ ।

ଓଲଟିଲା ମଦ ବୋଝେଇ ଟ୍ରକ୍; ୨ ଆହତ

କୋଲନରା,୧୧।୩(ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କୋଲନରା ଦମକଳକେନ୍ଦ୍ର ନିକଟସ୍ଥ ୩୨୬ ନମ୍ବର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା ଘଟିଛି। ଏକ ମଦ ବୋଝେଇ ଟ୍ରକ ଜଣେ ବାଇକ ଅରୋହୀଙ୍କୁ ଧକ୍କାଦେବା ଫଳରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଘଟଣାସ୍ଥଳରେ ଟ୍ରକ ଚାଳକ ସୁଶୀଲ କୁମାର ପଟ୍ଟନାୟକ ଏବଂ ବାଇକ ଆରୋହୀ ପ୍ରଦୀପ ବିଡିକାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ ଚଣ୍ଡୀଖୋଲରୁ ରାୟଗଡ଼ା ଜିଲ୍ଲା ଦେବଦଳା ମଦଡିପୋକୁ ଆସୁଥିବା ସମୟରେ ଉକ୍ତ ଟ୍ରକଟି ଭାରସାମ୍ୟ ହରାଇ ମୋଟର ସାଇକଲକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଚାନ୍ଦିଲି ଥାନା ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ମାଛ ଧରିବାବେଳେ ପାଣିରେ ବୁଡ଼ି ମହିଳା ମୃତ

ମାଲକାନଗିରି,୧୧।୩(ସମିସ): ମାଲକାନଗିରି ଜିଲ୍ଲା ସଦର ବ୍ଲକରେ ଥିବା ସତୀଗୁଡ଼ା ଜଳଭଣ୍ଡାରରେ ଅନେକ ଲୋକଙ୍କ ଜୀବନ ଯାଇଥିବାବେଳେ ପୁଣି ଏକ ଅଘଟଣ ଘଟିଛି। ମାଛ ଧରୁଥିବାବେଳେ ପାଣିରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମାଲକାନଗିରି ଥାନା ଭିମାରାଙ୍ଗିନୀ ଗ୍ରାମର ସ୍ୱର୍ଗତ ହାତିରାମ ମାଢ଼ୀଙ୍କ ପତ୍ନୀ ରାଧା ମାଢ଼ୀ (୫୦) ରବିବାର ଅପରାହ୍ଣରେ ଗ୍ରାମ ନିକଟସ୍ଥ ସତୀଗୁଡ଼ା ଜଳଭଣ୍ଡାରକୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରୁଥିବା ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ଜଳ ଭଣ୍ଡାରର ଗଭୀର ଜଳ ମଧ୍ୟରେ ବୁଡ଼ିଯାଇଥିଲେ। ନିକଟରେ ଅନ୍ୟ ମାଛ ଧରାଳି ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମର ଲୋକମାନେ ବହୁ ଖୋଜାଖୋଜି କଲା ପରେ ରବିବାର ବିଳମ୍ବିତ ରାତିରେ ଜଳଭଣ୍ଡାରରୁ ମହିଳାଙ୍କୁ ଉଦ୍ଧାର କରିଥିଲେ। ତେବେ ଏନେଇ ସିନ୍ଧିମାଳ ସରପଞ୍ଚ ଘାସି ନାୟକ ଘଟଣାସ୍ଥଳରେ ପହଞ୍ଚି ମାଲକାନଗିରି ଥାନାକୁ ଜଣାଇଥିଲେ ଓ ଉଦ୍ଧାର ମହିଳାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତ ମହିଳାଙ୍କ ପୁତୁରା ମାଲକାନଗିରି ଥାନାରେ ଏକ ଲିଖିତ ଏତଲା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରି ସୋମବାର ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

ଅଜଣା ଗାଡ଼ି ଧକ୍କାରେ ନାବାଳକ ମୃତ

ଡାବୁଗାଁ,୧୧।୩(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ବୁଟିଆଗୁଡ଼ା ଗ୍ରାମରେ ଅଜଣା ଗାଡ଼ି ଧକ୍କାରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ଡାବୁଗାଁ ବ୍ଲକ୍ ଅଧୀନ ବୁଟିଆଗୁଡ଼ା ଗ୍ରାମର ବିଶୁ ଭତରାଙ୍କ ପୁଅ ଗୁରୁବାରୁ ଭତରା (୧୭)। ସୂଚନାଯୋଗ୍ୟ, ଡାବୁଗାଁ ବ୍ଲକ୍ ଅଧୀନ ବୁଟିଆଗୁଡ଼ା ଗ୍ରାମର ବିଶୁ ଭତରାଙ୍କ ପୁଅ ଗୁରୁବାରୁ ଭତରା (୧୭) ରବିବାର ରାତି ପ୍ରାୟ ୮ଟା ସମୟରେ ଡାବୁଗାଁ-ମେଦନା ମୁଖ୍ୟ ରାସ୍ତାରେ ମୋବାଇଲ ଦେଖି ଦେଖି ରାସ୍ତାରେ ଚାଲି ଚାଲି ଯାଉଥିଲେ। ସେହି ସମୟରେ ପଛପଟୁ ଏକ ଅଜଣା ଗାଡ଼ି ଆସି ତାଙ୍କୁ ଧକ୍କା ଦେଇ ସେଠାରୁ ଫେରାର୍ ହୋଇ ଯାଇଥିଲା। ତାଙ୍କ ପାଟି ଶୁଣି ଛକରେ ଥିବା ଅନ୍ୟ ପିଲାମାନେ ସେଠାରେ ପହଞ୍ଚି ଗୁରୁବାରୁଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ଭାଇ ଯୋଗେଶ ଭତରା ସୋମବାର ସକାଳେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନା ଏଏସ୍ଆଇ ଗୋପାଳକୃଷ୍ଣ ହାଲୱା ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ବିଜେପିର ନିର୍ବାଚନମଣ୍ଡଳୀସ୍ତରୀୟ ଆଦିବାସୀ ସମ୍ମିଳନୀ

ଉମରକୋଟ,୧୧।୩(ସମିସ): ଉମରକୋଟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଇଘର ବ୍ଲକ ଚିତ୍ରକୋଟ ଗାୟତ୍ରୀ ମନ୍ଦିର ପଡ଼ିଆଠାରେ ଏକ ବିଶାଳ ଜନଜାତୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀ ସମାବେଶରେ ୭ଟି ମଣ୍ଡଳର ଲୋକଙ୍କ

ସମାଗମ ହୋଇଥିଲା। ଏହି ସମାବେଶରେ ଉମରକୋଟ ନିର୍ବାଚନମଣ୍ଡଳୀର ସମାଜ ପ୍ରତି ଅବଦାନ ଥିବା ବରିଷ୍ଠ ଓ ବିଶିଷ୍ଟ ୫୦ ଜଣ ବ୍ୟକ୍ତିଙ୍କୁ ମାନପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ବିଧାୟକ ତଥା ରାଜ୍ୟ ଜନଜାତି ମୋର୍ଚ୍ଚା ସଭାପତି ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ଏସଟି ମୋର୍ଚ୍ଚା ସାଧାରଣ ସମ୍ପାଦକ କଳିରାମ ମାଝୀ, ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ବାସନ୍ତୀ ମାଝୀ, ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳ ପୂଜାରୀ, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ କୁମାର ପାଢ଼ୀ, ଜିଲ୍ଲା ସମ୍ପାଦକ ରାମ ନାୟକ, ହାଟଭରଣ୍ଡି ମଣ୍ଡଳ ସଭାପତି ଶିବ କୁମାର ଗଣ୍ଡ, ଶ୍ୟାମ ସୁନ୍ଦର ମାଝୀ, ଗୋନ ମଣ୍ଡଳ ସଭାପତି ମାୟାରାମ ଗଣ୍ଡ, ସୁଦର୍ଶନ ମାଝୀ, ରାଜ୍ୟ ଯୁବମୋର୍ଚ୍ଚା କୋଷାଧକ୍ଷ ସନ୍ତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ସୁରେଶ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ।

କାଶୀପୁରରେ ୬୧ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ରାୟଗଡ଼ା,୧୧।୩(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀପୁରଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ହରିଶ ବିସି, ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ନିହାର ରଞ୍ଜନ କହଁର, ବ୍ଲକ ଅଧକ୍ଷ କଣ୍ଠ ମାଝୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦିଲ୍ଲୀପ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୬୧ଟି ଅଭିଯୋଗ ଆସିଥିଲା, ସେଥି ମଧ୍ୟରୁ ୪୮ଟି ବ୍ୟକ୍ତିଗତ ଥିବାବେଳେ ୧୧ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା। ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୪୦ ହଜାର ଟଙ୍କା ଜିଲ୍ଲାପାଳ ପ୍ରଦାନ କରିବା ସହ ତିନୋଟି ଅଭିଯୋଗ ତତକ୍ଷଣତ ଫଇସଲା କରିଥିଲେ। ପରେ ଜିଲ୍ଲାପାଳ ଶ୍ରୀ ମହାଜନ ବ୍ଲକର ଶଙ୍କରଡ଼ାଠାରେ ନିର୍ମାଣାଧୀନ ଗ୍ରାମୀଣ ଶିଳ୍ପୋଦ୍ୟୋଗୀ ପାର୍କ ପ୍ରକଳ୍ପ ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ଭରତଭୂଷଣ ବିଶ୍ୱାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ରଙ୍କ ସମେତ କାଶୀପୁର ବିଡିଓ ମନୀଷା ଦାଶ, ତହସିଲଦାର ଓ ଅନ୍ୟ ବିଭାଗୀୟ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଅଭିଯୋଗ ଶୁଣାଣି ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଭାରତମାଳା କ୍ୟାମ୍ପରୁ ଚୋରି; ୫ ଗିରଫ

ସୁନାବେଡ଼ା,୧୧।୩(ସମିସ): କୋରାପୁଟ ଜିଲ୍ଲା ଚେରେଙ୍ଗଗୁଡ଼ା ସ୍ଥିତ ଭାରତମାଳା କ୍ୟାମ୍ପରୁ ଡିଜେଲ ଏବଂ ଲୁହା ରଡ଼ ଚୋରି ଅଭିଯୋଗରେ ସୁନାବେଡ଼ା ପୁଲିସ ରବିବାର ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ୫ ଅଭିଯୁକ୍ତଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ମଞ୍ଜିତ ଯାଦବ, ଆନ୍ଧ୍ର ପ୍ରଦେଶର ବେପାଲା ଭଗବାନ ଦୁଇ ଜଣ ଭାରତମାଳା ପ୍ରକଳ୍ପ ଏଚଜି ଇନଫ୍ରା କମ୍ପାନୀର କର୍ମଚାରୀ ଥିବାବେଳେ ଅନ୍ୟ ତିନି ଜଣ ଚେରେଙ୍ଗଗୁଡ଼ା ଗ୍ରାମର ଅଜିତ କୁଲଦୀପ (୨୭), ଦାଣ୍ଡାସିଗୁଡ଼ା ଗାଁର ରାମ ହନ୍ତାଳ (୨୪) ଏବଂ ଚେରେଙ୍ଗଗୁଡ଼ା ଗ୍ରାମର କରଣ ନାୟକ(୨୩) ବୋଲି ଜଣାପଡ଼ିଛି। ସୁନାବେଡ଼ା ପୁଲିସ ଏକ ମାମଲା ରୁଜୁ କରି ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୁନାବେଡ଼ା ଥାନା ଏଏସ୍ଆଇ ଗୌରାଙ୍ଗ ସାହୁ ଏହି ମାମଲାର ତଦନ୍ତ କରୁଛନ୍ତି।

ଖୋଲିଲା ମିଶନ ଶକ୍ତି କାଫେ; ସ୍ୱାବଲମ୍ବୀ ହେବେ ମହିଳା

ମାଲକାନଗିରି,୧୧।୩(ସମିସ): ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଥିବାବେଳେ ମିଶନ ଶକ୍ତି ଏହି କ୍ଷେତ୍ରରେ ବେଶ୍ ସହାୟକ ହୋଇଛି। ଏହି ମିଶନ ଶକ୍ତି ମାଧ୍ୟମରେ ଅନେକ ମହିଳା ସ୍ୱାବଲମ୍ବୀ ହୋଇଥିବାବେଳେ

ସୋମବାର ମାଲକାନଗିରି ଜିଲ୍ଲାରେ ପୁଣି ମହିଳାଙ୍କ ମୁହଁରେ ହସ ଫୁଟାଇବାରେ ସକ୍ଷମ ହୋଇଛି। ମାଲକାନଗିରି ଜିଲ୍ଲା ସଦର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସୋମବାର ମିଶନ ଶକ୍ତି କାଫେର ଉଦଘାଟନ ହୋଇଥିବାବେଳେ ଜିଲ୍ଲା ପରିଷଦ ଅଧକ୍ଷା ଶମାରୀ ତାଙ୍ଗୁଲ ଓ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଉପସ୍ଥିତ ରହି ଏହାର ଉଦଘାଟନ କରିଛନ୍ତି। ଯାହାକି ଅଞ୍ଚଳର ଆହୁରି ଅନେକ ମହିଳାଙ୍କୁ ରୋଜଗାରର ନୂଆ ରାହା ଦେଖାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନୂତନ କାଫେ କରାଯାଇଥିବାବେଳେ ଯାଙ୍କସିନି ନାମକ ଡିଏଲଏଫ୍ ଗ୍ରୁପକୁ ଏହି କାଫେ ପରିଚାଳନାର ଦାୟିତ୍ୱ ଦିଆଯାଇଛି। ଏହି ଗ୍ରୁପରେ ୧୧ ଜଣ ମହିଳା ସଦସ୍ୟା ରହିଥିବାବେଳେ ସେମାନେ କାଫେରେ ବିଭିନ୍ନ ପ୍ରକାରର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ତେବେ କାଫେରେ ସମସ୍ତ ପ୍ରକାରର ଖାଦ୍ୟ, ମାଣ୍ଡିଆରେ ତିଆରି ସାମଗ୍ରୀ ଓ ବିଭିନ୍ନ ସାମଗ୍ରୀ ବିକ୍ରୟ କରାଯିବାକୁ ଥିବାବେଳେ ଏହି ମହିଳାମାନେ କାଫେ ମାଧ୍ୟମରେ ନୂତନ ପରିଚୟ ପାଇବା ସହ ସ୍ୱାବଲମ୍ବୀ ହୋଇ ଖୁସି ବ୍ୟକ୍ତ କରିଛନ୍ତି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପିଡି ଡିଆରଡିଏ ରତ୍ନାକର ସାହୁ, ବିଡିଓ ପ୍ରଭାତୀ ଝୋଡ଼ିଆ, ଓଏଲଏମ୍ ଅଧିକାରୀ ପବିତ୍ର ମୋହନ ବାରା ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସହର ଉପକଣ୍ଠରେ ଭାଲୁଙ୍କୁ କାବୁ କରିବାକୁ ବନ ବିଭାଗର ଉଦ୍ୟମ

ମାଲକାନଗିରି,୧୧।୩(ସମିସ): ମାଲକାନଗିରି ସହର ଉପକଣ୍ଠରେ ଭାଲୁ ପଲ୍ଲ ବୁଲୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସୂଚନା ଅନୁଯାୟୀ, ମାଲକାନଗିରି ସଦରମହକୁମାରୁ ଛତିଶଗଡ଼କୁ ସଂଯୋଗ ପାଇଁ ଥିବା ମୁଖ୍ୟ ରାସ୍ତାରେ ଗୋଟିଏ ମା' ଭାଲୁ ସହ ଦୁଇ ଶାବକ ବୁଲୁଥିବାବେଳେ କିଛି ଲୋକ ଏହାକୁ ଦେଖି ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ଲୋକଙ୍କ ଗହଳି ଯୋଗୁଁ ଭାଲୁଗୁଡ଼ିକ ନିକଟସ୍ଥ ପଲିଟେକ୍ନିକ୍ କଲେଜ ପାର୍ଶ୍ୱରେ ଏକ ବୁଦା ମଧ୍ୟରେ ପଶି ଅଟକି ରହିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ପୂର୍ବରୁ ବନ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମାଲକାନଗିରି ଏସିଏଫ୍ ମନସୁନ ଖେମୁଣ୍ଡୁଙ୍କ ନେତୃତ୍ୱରେ ପ୍ରାୟ ୪୦ ଜଣ ବନ କର୍ମଚାରୀ ଭାଲୁକୁ ଜଗି ବସିଥିବାବେଳେ ପୁଲିସର ମଧ୍ୟ ସାହାଯ୍ୟ ଲୋଡ଼ା ଯାଇଛି। ଏହାସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ଭାଲୁ ଥିବା ସ୍ଥାନରୁ ହଟାଇବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ତେବେ ଭାଲୁଗୁଡ଼ିକୁ କାବୁ କରିବା ପାଇଁ ବନ ବିଭାଗ ପକ୍ଷରୁ ଯନ୍ତ୍ରା ମଧ୍ୟ ଲଗାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ଭାଲୁଗୁଡ଼ିକ ସେଠାରେ ହିଁ ରହିଥିବା ଦେଖିବାକୁ ମିଳିଛି।

ଜିତୁ ଜାକେସିକାଙ୍କୁ ନିଃସର୍ତ୍ତରେ ଖଲାସ ଓ ଡାକ୍ତରଙ୍କୁ ଗିରଫ ଦାବି

ବିଏସ୍‌ପି ଓ ଆଦିବାସୀ ସମାଜ ପକ୍ଷରୁ ଥାନା ଘେରଉ

ମୁନିଗୁଡ଼ା,୧୧।୩(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାଠାରେ ସୋମବାର ବହୁଜନ ସମାଜ ପାର୍ଟି (ବିଏସପି), ଆଦିବାସୀ ସମାଜ ଓ ଅନ୍ୟାନ୍ୟ ସଂଗଠନ ତରଫରୁ ମିଳିତଭାବେ ଶକ୍ତି ପ୍ରଦର୍ଶନ କରାଯାଇଛି। ହଜାରହଜାର ସଂଖ୍ୟାରେ ଡଙ୍ଗରିଆ, ଆଦିବାସୀ ଓ ଦଳିତ ବର୍ଗର ପୁରୁଷ ମହିଳା ଏକାଠି ହୋଇ ଦଳିତଙ୍କୁ ନ୍ୟାୟ ଏବଂ ବିଏସପି ନେତା ଜିତୁ ଜାକେସିକାଙ୍କୁ ନିସର୍ତ୍ତରେ ଖଲାସ ଦାବିରେ ମୁନିଗୁଡ଼ାଠାରେ ବିଏସପି ତରଫରୁ ୧୧ଟି ବ୍ଲକରୁ କର୍ମୀମାନେ ଏକଜୁଟ ହୋଇ ବିଶାଳ ଶୋଭାଯାତ୍ରାରେ ଆସି ଥାନା ଘେରଉ କରିଥିଲେ। ଶୋଭାଯାତ୍ରାଟି ସ୍ଥାନୀୟ ମୁନିଖୋଲପଡ଼ିଆରୁ ବାହାରି ସହର ପରିକ୍ରମା କରି ଥାନା ନିକଟରେ ପହଞ୍ଚି ବିକ୍ଷୋଭ ସହ ଘେରାଉ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସଡିପିଓ ଓ ତହସିଲଦାରଙ୍କୁ ଦାବିପତ୍ର ଦିଆଯ

ସେୱା କାଗଜକଳ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

ଜୟପୁର,୧୧।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସେୱା କାଗଜ କର୍ମଚାରୀ ସଂଘ ପକ୍ଷରୁ କାଗଜ କଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ କର୍ମଚାରୀମାନଙ୍କ ସମସ୍ୟାର ସମାଧାନ କ୍ଷେତ୍ରରେ ହସ୍ତକ୍ଷେପ କରି ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ଏନେଇ ଭୁବନେଶ୍ୱର ରାଜଭବନଠାରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଥମ କର୍ମଚାରୀ ସଂଘ ବାଲାରପୁର ସେୱା କାଗଜ କଳ କର୍ମଚାରୀ ସଂଘର ସଭାପତି ପ୍ରମୋଦ କୁମାର ମହାନ୍ତି ଏବଂ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପାଣ୍ଡିଆ ସ୍ୱାକ୍ଷର ହୋଇଥିବା ସ୍ମାରକପତ୍ରକୁ ସିପିଆଇ ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନଗୋଙ୍କ ନେତୃତ୍ୱରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ଶ୍ରମିକ ନେତା କୃଷ୍ଣ ଚନ୍ଦ୍ର ରାଉତଙ୍କ ଉପସ୍ଥିତିରେ ରାଜଭବନରେ ରାଜ୍ୟପାଳଙ୍କ ଅନୁପସ୍ଥିତିରେ ତାଙ୍କର ବ୍ୟକ୍ତିଗତ ସଚିବଙ୍କୁ ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ୨୦୨୦ ଫେବୃଆରୀ ୨୬ରେ ସେୱା କାଗଜକଳର ପୂର୍ବ ପରିଚାଳନା କର୍ତ୍ତୃପକ୍ଷ ଏବଂ ନୂତନ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବ୍ୟାବସାୟିକ ଅଦଳବଦଳ ନେଇ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏହାପରେ କାରଖାନାର ଦାୟିତ୍ୱ ନୂଆ କମ୍ପାନୀ କର୍ତ୍ତୃପକ୍ଷ ନେଇଥିଲେ ସୁଦ୍ଧା କାରଖାନାଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ ବୋଲି ଅଭିଯୋଗ କରାଯାଇଛି। ଅଧିକାଂଶ ଦିନ କଞ୍ଚାମାଲ ଅଭାବ ଯୋଗୁଁ ଉତ୍ପାଦନ ବନ୍ଦ ରହୁଛି। କର୍ମଚାରୀଙ୍କ ମାସିକ ନିୟମିତ ଦରମା ମିଳୁନାହିଁ, ଚାକିରି ସର୍ତ୍ତାବଳୀ, ଅବସରପ୍ରାପ୍ତ ଓ ମୃତ କର୍ମଚାରୀ ଓ ପରିବାରକୁ ଗ୍ରାଚ୍ୟୁଇଟି, ବକେୟା ପାଉଣା ବାବଦକୁ ପିଏଫ୍, ପେନସନ ମିଳିନାହିଁ। ତେଣୁ ରାଜ୍ୟପାଳ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ଓ ଶ୍ରମ ବିଭାଗକୁ ହସ୍ତକ୍ଷେପ କରିବାକୁ ନିର୍ଦ୍ଦେଶ ଦେବାକୁ ପ୍ରତିନିଧି ଦଳ ନିବେଦନ କରିଛନ୍ତି।

ନୂତନ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

ତେନ୍ତୁଳିଖୁଣ୍ଟି,୧୧।୩ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଲମତାଗୁଡ଼ା ଗ୍ରାମରେ ନୂତନ ଭାବେ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଉପଲକ୍ଷେ କଳସ ଯାତ୍ରା ସାଙ୍କୁ ଚାରି ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏହି କଳସ ଯାତ୍ରାରେ ଶତାଧିକ ମହିଳା ସାମିଲ୍ ହୋଇ ଆଉଁଳିଗୁମ୍ମା ସ୍ଥିତ ଇନ୍ଦ୍ରାବତୀ ନଦୀ ଘାଟରୁ ଜଳ ଆଣି ଶୋଭାଯାତ୍ରା ମାଧ୍ୟମରେ ଲମତାଗୁଡ଼ାରେ ପହଞ୍ଚିଥିଲେ। ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଗ୍ରାମରେ ପହଞ୍ଚିବା ପରେ ଏକ ପଟୁଆର ମାଧ୍ୟମରେ ନଗର ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲେ ଶ୍ରୀରାମ ଭକ୍ତ। ଏହି ଅବସରରେ ଅନ୍ନଯଜ୍ଞର ଆୟୋଜନ କରାଯାଇଥିଲା। କୁନି ନାୟକଙ୍କ ପ୍ରଚେଷ୍ଟାରେ ନିର୍ମିତ ହୋଇଥିବା ଏହି ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସଫଳ କରିବାରେ ନାରାୟଣ ବିଷୋଇ, ଫାଲଗୁନୀ ବିଷୋଇ (ବେଣ୍ଣୁ), ଅଭି ପାଇକ, ଦ୍ରୁମନ ବିଷୋଇ, ତରୁଣ ବିଷୋଇ, ଅମିତ ନାୟକ, ଚନ୍ଦ୍ର ମାଝୀ, ପବିତ୍ର ବିଷୋଇ, ବାବୁଲା ବିଷୋଇ, ଈଶ୍ୱର ଜାନି, ହାଡ଼ି ଜାନି, ହାଡ଼ି ପୂଜାରୀ, ହରେକୃଷ୍ଣ ସାହୁ, ପ୍ରଦୀପ ନାଗ, ଗୌର ହିଆଲ, ପିନୁ ବାରିକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ପୁରୋହିତ ଅନନ୍ତ ଦାସଙ୍କ ମନ୍ତ୍ର ଧ୍ୱନିରେ ଭକ୍ତିମୟ ପରିବେଶ ମଧ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହେଉଛି।

ଶ୍ରମିକ ଓ ଦିନ ମଜୁରିଆଙ୍କ ଉନ୍ନତି ନେଇ ତାଲିମ ଶିବିର

ସେମିଲିଗୁଡ଼ା,୧୧।୩(ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡ଼ା କମ୍ୟୁନିଟି ହଲଠାରେ ଶ୍ରମିକ, ଦିନ ମଜୁରିଆଙ୍କ ଆର୍ଥିକ ସ୍ଥିତିର ଉନ୍ନତି ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରଟି ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଦ୍ୱାରା ଅନୁଷ୍ଠିତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ କୋରାପୁଟ ଜିଲ୍ଲା ଡିଏମ୍ ଅବସରପ୍ରାପ୍ତ ଡିଏସପି ଦିଲ୍ଲୀପ କୁମାର ଗୌଡ଼ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ରୂପେ ବ୍ଲକ୍ ବ୍ୟବସ୍ଥାପିକା ମିନା ଖିଲାଡ଼ି ଉପସ୍ଥିତ ଥିଲେ। ଏଥିରେ ଶ୍ରମିକ, ଦିନ ମଜୁରିଆଙ୍କ ଆର୍ଥିକ ସ୍ଥିତି ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ରିଆତି ଦରରେ ଯୋଗାଇଦେବା ପାଇଁ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଶ୍ରମିକ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପରିବାର ନିଜର ଭରଣପୋଷଣ ଓ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବା ପାଇଁ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସମିତିର ସମସ୍ତ କର୍ମଚାରୀ ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ କରିବା ସହିତ ଗାଁ ଗହଳିରେ ଥିବା ଗରିବ ମୂଳିଆଙ୍କୁ କମ୍ ଦରରେ ଖାଦ୍ୟ ସାମଗ୍ରୀ ଠିକ୍ ସମୟରେ ପହଞ୍ଚାଇ ପାରିବେ ସେନେଇ ଶପଥପାଠ କରିଥିଲେ। ତା' ସହିତ ଜିଲ୍ଲାରେ ରହିଥିବା ଅନେକ ଶିକ୍ଷିତ ଯୁବକଯୁବତୀଙ୍କୁ ନିଯୋଜିତ କରିବା ନେଇ ଆଲୋଚନା କରାଯାଇଥିଲା।

କୁଟିଙ୍ଗଗୁଡ଼ା ବ୍ରିଜ୍ ଉପରେ ଗାଡ଼ି ଚଳାଚଳ ଆରମ୍ଭ

ଶୁଭାରମ୍ଭ କଲେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି

ରାୟଗଡ଼ା/କାଶିପୁର,୧୧।୩(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକର ଲାଇଫଲାଇନ କୁହାଯାଉଥିବା କୁଟିଙ୍ଗଗୁଡ଼ା ବ୍ରିଜ୍ ଆଜି ସାଧାରଣ ଜନତାଙ୍କ ବ୍ୟବହାରରେ ଆସିଛି। ଦୀର୍ଘ ବର୍ଷ ଧରି ନିର୍ମାଣାଧୀନ ବ୍ରିଜର କାର୍ଯ୍ୟ ଚାଲୁ ରହିଥିବାରୁ ଦୁର୍ବଳ ଅବସ୍ଥାରେ ଥିବା ପୁରୁଣା ବ୍ରିଜ୍ ଉପର ଦେଇ ଗାଡ଼ି ଚଳାଚଳ ହେଉଥିଲା। ଗତ କିଛି ଦିନ ତଳେ ଏହି ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାରୁ ସୋମବାର ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସବୁଜ ପତାକା ଦେଖାଇ ଏହି ବ୍ରିଜର ଶୁଭାରମ୍ଭ କରିଛନ୍ତି। ଫଳରେ ସୋମବାରଠାରୁ ନୂଆ ବ୍ରିଜ୍ ଦେଇ ସମସ୍ତ ଗାଡ଼ି ଚଳାଚଳ ସମ୍ଭବ ହୋଇପାରିଛି। ତେବେ ବ୍ରିଜକୁ ଲାଗି ରହିଥିବା ଆପ୍ରୋଚ୍ ରାସ୍ତା ପିଚୁ ହୋଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଯଥାଶୀଘ୍ର ପିଚୁ ରାସ୍ତା ନିର୍ମାଣ କରିବାକୁ ବିଧାୟକ ଶ୍ରୀ ମୁଦୁଲିଙ୍କ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ରାୟଗଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ୩ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କୁଟିଙ୍ଗଗୁଡ଼ା ବ୍ରିଜ୍ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଗଜେନ୍ଦ୍ର ନାୟକ ନାମକ ଠିକାଦାର ଏହି ବ୍ରିଜ୍ ନିର୍ମାଣର କାର୍ଯ୍ୟାଦେଶ ପାଇବା ପରେ କାର୍ଯ୍ୟାରମ୍ଭ କରିଥିଲେ। ତେବେ କୁଟିଙ୍ଗଗୁଡ଼ା ନାଳର ପ୍ରଖର ସ୍ରୋତରେ ବ୍ରିଜ୍ ପାଇଁ ଲଗାଯାଉଥିବା ସେଣ୍ଟ୍ରିଙ୍ଗଗୁଡ଼ିକ

ଭାସିଯାଉଥିବା ଫଳରେ ଟି' ବିମ୍ ଡିଜାଇନକୁ ବଦଳାଇ ଷ୍ଟିଲ୍ ଗାର୍ଡର ଡିଜାଇନ୍ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୯ରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନୂତନ ଡିଜାଇନ୍ ପଠାଯାଇଥିବାବେଳେ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ବହୁ ବିଳମ୍ବତା ଯୋଗୁଁ ବ୍ରିଜ୍ ନିର୍ମାଣ କାର୍ଯ୍ୟ ମଧ୍ୟ ଧିମେଇ ଯାଇଥିଲା। ୨୦୨୨ରେ ଏହାର ଡିଜାଇନ୍ ସ୍ୱୀକୃତ ହେବା ପରେ ପୁଣିଥରେ ବ୍ରିଜ୍ କାମ ଆରମ୍ଭ ହୋଇଥିଲା। ଶେଷରେ ଏହି ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ସୋମବାରଠାରୁ ଏହି ବ୍ରିଜ୍ ଉପରେ ଯାତାୟାତ ଆରମ୍ଭ ହୋଇଛି। କୁଟିଙ୍ଗଗୁଡ଼ା ବ୍ରିଜ୍ କାଶିପୁର ବ୍ଲକକୁ ସିଧାସଳଖ ଜିଲ୍ଲା ସଦରମହକୁମା ସହ ସଂଯୋଗ କରୁଥିବାବେଳେ ଏହି ବ୍ରିଜ୍ ଉପରେ ସମ୍ପୂର୍ଣ୍ଣ କାଶିପୁର ବ୍ଲକ୍ ବାସିନ୍ଦା ନିର୍ଭର କରୁଛନ୍ତି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ପୂର୍ତ୍ତ ବିଭାଗୀୟ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

ଭ୍ରଷ୍ଟାଚାର ବିରୋଧୀ ସଂଗଠନ ପକ୍ଷରୁ ଜନଶୁଣାଣି

ନବରଙ୍ଗପୁର,୧୧।୩(ସମିସ):

ଆଦିବାସୀ ବହୁଳ ନବରଙ୍ଗପୁର ଜିଲ୍ଲାରେ ଦୁର୍ନୀତି ଦୂର କରିବା ପାଇଁ ରାଜ୍ୟ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ପକ୍ଷରୁ ନବରଙ୍ଗପୁର ଜିଲ୍ଲାକୁ ପାଇଲଟ ପ୍ରୋଜେକ୍ଟ ଭାବରେ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ବିଭାଗରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ରାଜ୍ୟ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ରାଜ୍ୟ ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ଏହି ଘଟଣାର ସତ୍ୟତା ଅନୁସନ୍ଧାନ କରିବା ପାଇଁ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ଏକ ୪ ଜଣିଆ ଟିମ ସୋମବାର ନବରଙ୍ଗପୁର ଗସ୍ତ କରିବା ସହ ସ୍ଥାନୀୟ ସଂଗ୍ରାମୀ ଲକ୍ଷ୍ମୀ ଚନ୍ଦ୍ର ଦାସ ପ୍ରେସ କ୍ଲବଠାରେ ଶିକ୍ଷା ବିଭାଗର ଦୁର୍ନୀତିକୁ ନେଇ ଜନଶୁଣାଣି କରିଥିଲେ। ଏଥି ସହିତ ଶିକ୍ଷକମାନଙ୍କ ଡେପୁଟେସନ, ଟ୍ରାନ୍ସଫରରେ ଅର୍ଥ କାରବାର କରିଥିବା ଏବଂ ଶିକ୍ଷୟିତ୍ରୀମାନଙ୍କୁ ମିଥ୍ୟା ଅଭିଯୋଗରେ ସସପେଣ୍ଡ କରିବା ଭଳି ଅଭିଯୋଗ କରିଥିଲେ ଲୋକେ। ରାଜ୍ୟ କମିଟି ନିକଟରେ ଅଭିଯୋଗ ପହଞ୍ଚିଥିଲା। ରାଜ୍ୟ ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦଙ୍କ ଏହି ତଥ୍ୟ ଅନୁସନ୍ଧାନକାରୀ କମିଟିରେ ସଂଗଠନର ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ପଣ୍ଡା, କୋରାପୁଟ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ଅଶୋକ ମିଶ୍ର, ରାୟଗଡ଼ା ଜିଲ୍ଲା ସଂଯୋଜକ ତଥା ବରିଷ୍ଠ ସାମ୍ବାଦିକ ରାଧାକୃଷ୍ଣ ପଟ୍ଟନାୟକ, ନବରଙ୍ଗପୁର ଜିଲ୍ଲା ଆବାହକ ସାମ୍ବାଦିକ ସିଏଚ ଈଶ୍ୱର ରାଓ, ଜିଲ୍ଲା ସମ୍ପାଦକ ଆଦିବାସୀ ନେତା ଅର୍ଜୁନ ଭାତ୍ରା, ଗୁଡ଼ାରୀ ବ୍ଲକ୍ ସଂଯୋଜକ ଗୌରୀ ଶଙ୍କର ମିଶ୍ର, ବୋରିଗୁମ୍ମା ବ୍ଲକ୍ ସଭାପତି ତଥା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣିରେ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଗଣ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ଲକ୍ଷାଧିକ ଟଙ୍କା ଆଦାୟ କରାଯାଇଥିବା କଥା ଜନଶୁଣାଣିରେ ଶିକ୍ଷକ ନେତା ଶିକ୍ଷାବିତ୍ ଓ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ଏହି ଜନଶୁଣାଣି ପରେ ଖୁବଶୀଘ୍ର ଉକ୍ତ ତଥ୍ୟକୁ ଆଧାର କରି ରାଜ୍ୟ ସରକାର ଏବଂ ଭିଜିଲାନ୍ସକୁ ପ୍ରଦାନ କରାଯିବ। ଦୁର୍ନୀତିର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ଉଦ୍ୟମ ଅବ୍ୟାହତ ରଖିବ। ଅନ୍ୟ ଜିଲ୍ଲା ଅପେକ୍ଷା ନବରଙ୍ଗପୁର ଜିଲ୍ଲାରେ ଦୁର୍ନୀତିର ମାତ୍ରା ସର୍ବାଧିକ ହୋଇଥିବାରୁ ରାଜ୍ୟ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ଦୁର୍ନୀତି ଦୂର କରିବା ପାଇଁ ନବରଙ୍ଗପୁର ଜିଲ୍ଲାକୁ ଏକ ପାଇଲଟ ପ୍ରୋଜେକ୍ଟ ଭାବରେ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ରାଜ୍ୟ ଆବାହକ ସୁବ୍ରତ କୁମାର ନନ୍ଦ ନବରଙ୍ଗପୁର ଜିଲ୍ଲାକୁ ଗ୍ରହଣ କରିଥିବା ନେଇ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି ବୋଲି ସଂଗଠନର ପଦାଧିକାରୀମାନେ କହିଛନ୍ତି।

ବିଡିଓଙ୍କ କୋଟିଆ ଓ ନୂଆଗାଁ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ

ପଟ୍ଟାଙ୍ଗି,୧୧।୩(ସମିସ): ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ପଞ୍ଚାୟତ ସମେତ ନୂଆଗାଁ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ବୁଲି ଦେଖିବା ସହ କୋଟିଆର ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଶିକ୍ଷା ପ୍ରଦାନ କରିଛନ୍ତି ପଟ୍ଟାଙ୍ଗି ଗୋଷ୍ଠି ଉନ୍ନୟନ ଅଧିକାରୀ(ବିଡିଓ) ସୁକାନ୍ତ କୁମାର ପଟ୍ଟନାୟକ। ସୋମବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପଟ୍ଟନାୟକ କୋଟିଆ ପଞ୍ଚାୟତ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର, ଧୂଳିପଦର ପ୍ରାଥମିକ ବିଦ୍ୟାଳୟ, କୋଟିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ନୂଆଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଆଦି ପରିଦର୍ଶନ କରିଛନ୍ତି। କୋଟିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପହଞ୍ଚି ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ. ବିରେଶ ମହାପାତ୍ରଙ୍କ ସହ ଆଲୋଚନା କରିବା ସହ ଉପସ୍ଥିତ ରୋଗୀଙ୍କୁ କିପରି ସ୍ୱାସ୍ଥ୍ୟସେବା

ଯୋଗାଇ ଦିଆଯାଉଛି ସେନେଇ ପଚାରି ବୁଝିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବୁଲି ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଶିକ୍ଷା ପ୍ରଦାନ କରିଥିଲେ। ଉକ୍ତ ସମୟରେ ଜିପିଓ ଦିବାକର ପୁରୋହିତ, ଯନ୍ତ୍ରୀ ଅଜୟ ରାମ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

ଏନ୍‌ଆର୍‌ଟିଏସ୍‌ରେ ବି.ସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଫଳତା

ବୋରିଗୁମ୍ମା,୧୧।୩(ସମିସ): ଚଳିତ ୨୦୨୩-୨୦୨୪ ଶିକ୍ଷା ବର୍ଷରେ ଆୟୋଜିତ ହୋଇଥିବା ଜାତୀୟ ଆୟ ମେଧାବୃତ୍ତି ପରୀକ୍ଷା (ଏନ୍‌ଆରଟିଏସ୍) ରେ ବୋରିଗୁମ୍ମା ବ୍ଲକ ବି.ସିଂହପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଛାତ୍ରୀ ସଗୁନ ପଣ୍ଡା ଏବଂ ଛାତ୍ର ଅନଙ୍ଗ ପ୍ରତାପ ତନ୍ତି ଦୁହେଁ କୋରାପୁଟ ଜିଲ୍ଲାରେ ଦ୍ୱିତୀୟ ସ୍ଥାନରେ ରହି ସଫଳତାର ସହ କୃତିତ୍ୱ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ପଛରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ପିତା ତପନ କୁମାର ପଣ୍ଡା ଓ ଗୋକୁଳ ତନ୍ତିଙ୍କ ଆଶୀର୍ବାଦ

ରହିଥିବା ଛାତ୍ରୀ ସଗୁନ ଏବଂ ଛାତ୍ର ଅନଙ୍ଗ ପ୍ରତାପ କହିଛନ୍ତି। ଏହି ଜାତୀୟ ଆୟ ମେଧା ବୃତ୍ତି ପରୀକ୍ଷା ଯେଉଁମାନେ କୃତିତ୍ୱ ଅର୍ଜନ କରିଛନ୍ତି ସେମାନଙ୍କୁ ଅଷ୍ଟମରୁ ଏକାଦଶ ଅଧ୍ୟୟନ ଯାଏଁ ମାସିକ ଏକ ହଜାର ଟଙ୍କା ସରକାରଙ୍କ ତରଫରୁ ପ୍ରଦାନ କରାଯିବା ନେଇ ସୂଚନା ରହିଛି। ବି.ସିଂହପୁରର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୦୨ ମସିହାରେ ସ୍ଥାପିତ ହୋଇଥିବାବେଳେ ପ୍ରତି ବର୍ଷ ସରକାରଙ୍କ ବିଭିନ୍ନ ପ୍ରକାର ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମଗୁଡ଼ିକରେ ଏଠାକାର ଛାତ୍ରଛାତ୍ରୀମାନେ ଭାଗ ନେଇ ସଫଳତା ପାଉଥିବା ଯୋଗୁଁ ଚଳିତ ବର୍ଷ ଏହି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି।

ଲିବର୍ଟି ଇଂରାଜୀ ସ୍କୁଲର ବାର୍ଷିକ ଉତ୍ସବ

ନନ୍ଦପୁର,୧୧।୩(ସମିସ): ନନ୍ଦପୁର ସ୍ଥିତ ଲିବର୍ଟି ଇଂରାଜୀ ସ୍କୁଲର ବାର୍ଷିକ ଉତ୍ସବ 'ରାସ୍ତା' ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ସଭାପତି ଈଶ୍ୱର ଚନ୍ଦ୍ର କୁଲଦୀପଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ନନ୍ଦପୁର ବ୍ଲକ୍ ବିଡିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର ଅନାଦି ଚରଣ ସାହୁ, ଏସଡିପିଓ ସମ୍ମିତ କୁମାର ମାଝୀ, ପୂର୍ବତନ ଶ୍ରମ କମିଶନର ଭକ୍ତରାମ ଖେମୁଣ୍ଡୁ, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଲିବର୍ଟି ସ୍କୁଲ ନନ୍ଦପୁର ସହର ସହ ଏକ ନିବିଡ଼ 'ରାସ୍ତା' ରହିଛି ବୋଲି ଅତିଥିମାନେ କହିଥିଲେ। ଏହି ରାସ୍ତା ଶିକ୍ଷା, ସ୍ନେହ ଓ ଶ୍ରଦ୍ଧାର ବୋଲି ଅତିଥିମାନେ କହିଥିଲେ। ପରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝିଅମାନଙ୍କ ସହ ତାଙ୍କ ମାଆମାନେ ନାଚିଥିବାବେଳେ ପୁଅମାନଙ୍କ ସହ ତାଙ୍କ ବାପାମାନେ ନ

ଆଜିର ଇତିହାସ

- ୧୯୦୪- ବ୍ରିଟେନ୍‌ରେ ପ୍ରଥମ ଥର ପାଇଁ ଇଲେକ୍ଟ୍ରିକ୍ ଟ୍ରେନ୍ ଚାଲିଲା ।
- ୧୯୫୪- ଭାରତ ସରକାର ସାହିତ୍ୟ ଅକାଦେମୀର ଆରମ୍ଭ କଲେ ।
- ୧୯୬୭- ଇନ୍ଦିରା ଗାନ୍ଧୀ ଦ୍ୱିତୀୟ ଥର ଭାରତର ପ୍ରଧାନମନ୍ତ୍ରୀ ହେଲେ ।
- ୨୦୦୬- ଇରାକ୍‌ରେ ସଦ୍ଦାମ ହୁସେନ୍‌ଙ୍କ ବିରୋଧରେ ମୋକଦ୍ଦମା ଶୁଣାଣି ଆରମ୍ଭ ।
- ୨୦୦୭-ଜାମାଇକାରେ ନବମ କ୍ରିକେଟ୍ ବିଶ୍ୱକପ୍‌ର ଉଦ୍‌ଘାଟନ ହେଲା ।

ହାଇଟେକ୍ କାଫେ
ଡ୍ରୋନ୍ ପିଆଉଛି କଫି

ସମ୍ପ୍ରତି ପିଜ୍ଜା ଆଦି ଅନ୍ୟାନ୍ୟ ସାମଗ୍ରୀକୁ ଡ୍ରୋନ୍‌ରେ ଡେଲିଭରି କରାଯାଉଛି । ହେଲେ କୋଲକାତାରେ ଏକ କାଫେରେ ୱେଟର୍ ଗ୍ରାହକଙ୍କୁ ହାତରେ ନୁହେଁ, ବରଂ ଡ୍ରୋନ୍‌ରେ କଫି ପରଷୁଛନ୍ତି । ଏହି ଘଟଣା ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ଗ୍ରାହକ ମଧ୍ୟ ଏହାକୁ ବେଶ୍ ପସନ୍ଦ କରୁଛନ୍ତି । କୋଲକାତା ୬୪ ସଲ୍ଟ ଲେକ୍‌ରେ ଥିବା ଏହି କାଫେରେ କଫି ଅର୍ଡର ଦେବାର କିଛି ମିନିଟ୍‌ରେ ଗରମ ଗରମ କଫି ଡ୍ରୋନ୍ ମାଧ୍ୟମରେ ଗ୍ରାହକଙ୍କୁ ପରଷା ଯାଉଛି । ତେବେ କାଫେର ଏହି ସେବା ହୋମ୍ ଡେଲିଭରି ପାଇଁ ଉଦ୍ଦିଷ୍ଟ ନୁହେଁ । ଅନ୍ୟପଟେ କଫିର ଡ୍ରୋନ୍ କ୍ୟାଟରିଂ ବ୍ୟବସ୍ଥା ପାଇଁ ଏହାକୁ ହାଇଟେକ୍ କାଫେ ବୋଲି କୁହାଯାଉଛି । ଗ୍ରାହକ ଏହା ମାଧ୍ୟମରେ ଭିନ୍ନ ଏକ ଅନୁଭୂତି ସାଉଁଟୁଛନ୍ତି । ତା'ସହ ଏଭଳି କରି କାଫେର ଏକପ୍ରକାର ବ୍ୟବସାୟ ବୃଦ୍ଧି ଯୋଜନା ଲକ୍ଷ୍ୟ ରଖିବା ନେଇ ବି ଚର୍ଚ୍ଚା ହେଉଛି । ଏହି ସେବା ପରିବେଶ ଅନୁକୂଳ । ଅନ୍ୟପଟେ ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି ।

'ଏ ୱତନ ମେରେ ୱତନ'ର ଗୀତ ରିଲିଜ୍

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ଏବେ ତାଙ୍କ ଫିଲ୍ମ 'ଏ ୱତନ ମେରେ ୱତନ' ପାଇଁ ଚର୍ଚ୍ଚାରେ । ପ୍ରଥମ ଥର ପାଇଁ ସାରା ଦେଶପ୍ରେମ ଉପରେ ଆଧାରିତ ଏକ ଫିଲ୍ମରେ କାମ କରୁଛନ୍ତି । ଇତିମଧ୍ୟରେ ଫିଲ୍ମର ଗୀତ 'କତାରା କତାରା' ରିଲିଜ୍ ହୋଇଛି । ଏହି ଗୀତରେ ଦେଶପ୍ରେମର ଝଲକ୍ ଦେଖିବାକୁ ମିଳିଛି । ଗୀତଟିକୁ ସୁଖବିନ୍ଦର ସିଂହ ଗାଇଛନ୍ତି । ଏଥିରେ ସାରା ଯୁବ ସଂଗ୍ରାମୀ ଭାବେ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରୁଥିବାର ଦେଖାଯାଇଛନ୍ତି । କରନ୍ ଜୋହର୍‌ଙ୍କ ଧର୍ମା ପ୍ରଡକ୍ସନ୍ ଏହି ଫିଲ୍ମର ନିର୍ମାଣ କରୁଛି । ଏଥିରେ ସାରା ସ୍ୱାଧୀନତା ସଂଗ୍ରାମୀ ଉଷା ମେହେତାଙ୍କ ଭୂମିକାରେ ଦେଖାଯିବେ । ଫିଲ୍ମଟି ଓଟିଟି ପ୍ଲାଟ୍‌ଫର୍ମରେ ଆମାଜନ୍ ପ୍ରାଇମ୍ ଭିଡିଓରେ ରିଲିଜ୍ ହେବ । ଏହାର ନିର୍ଦ୍ଦେଶନା ଦେଇଛନ୍ତି କନ୍ନନ୍ ଆୟର୍ । ଫିଲ୍ମଟି ଏଇ ୨୧ରେ ରିଲିଜ୍ ହେବ ।

ସ୍ୱାଇଡରମ୍ୟାନ୍
ଓଲଟା ଚଢ଼ନ୍ତି ନଡ଼ିଆ ଗଛ

ଆମ ଦେଶରେ ପ୍ରତିଭାଶାଳୀ ଲୋକମାନଙ୍କର ଅଭାବ ନାହିଁ । କର୍ଣ୍ଣାଟକର ଗଡ଼ଗରେ ରହୁଥିବା ଜଣେ ଯୁବକ ସ୍ଥାନୀୟ ଅଞ୍ଚଳରେ ଦେଶୀ ସ୍ୱାଇଡର୍‌ର୍‌ୟାନ୍ ଭାବେ ପରିଚିତ । ଶିରହଟ୍ଟୀ ଗାଁରେ ରହୁଥିବା ୨୨ ବର୍ଷୀୟ ଈଶ୍ୱର ଜିଦ୍‌ଗନ୍ନାବର ପିଲାଦିନରୁ ବଡ଼ ବଡ଼ ବିଲ୍‌ଡିଂ ଚଢ଼ିବାକୁ ପସନ୍ଦ କରନ୍ତି । ସାଧାରଣତଃ ନିୟମିତ ଗଛ ଚଢୁଥିବା ଲୋକଙ୍କୁ ନଡ଼ିଆ ଗଛ ଚଢ଼ିବା ପାଇଁ ୪ରୁ ୫ ମିନିଟ୍ ସମୟ ଲାଗିଥାଏ । ଆଶ୍ଚର୍ଯ୍ୟର କଥା ହେଉଛି, ଈଶ୍ୱରଙ୍କୁ ନଡ଼ିଆ ଗଛ ଚଢ଼ିବାକୁ ମାତ୍ର ୧ ମିନିଟ୍ ଲାଗିଥାଏ ତାହା ପୁଣି ଓଲଟା ଭାବରେ । ତାଙ୍କର ଓଲଟା ଗଛ ଚଢ଼ିବାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି । ଭିଡିଓରେ ଦେଖାଯାଇଛି ଯେ, ସେ ନଡ଼ିଆ ଗଛ ଚଢୁଥିବାବେଳେ ତାଙ୍କ ମୁଣ୍ଡ ତଳକୁ ରହିଥାଏ ଓ ଗୋଡ଼ ଉପରକୁ ରହିଥାଏ । ତେବେ ପ୍ରାରମ୍ଭରେ ତାଙ୍କର ଏହି କାର୍ଯ୍ୟ ଏତେ ସହଜ ନ ଥିଲା । ପ୍ରଥମ ଥର ସେ ଏପରି ମାତ୍ର ୧୫ ଫୁଟ ଚଢ଼ି ପାରିଥିଲେ । ଦୁଇ ବର୍ଷର ଲଗାତାର ପ୍ରୟାସ ପରେ ଏବେ ସେ ଏଥିରେ ସଫଳ ହୋଇଛନ୍ତି । ଏବେ ସେ ୬୦ ଫୁଟର ନଡ଼ିଆ ଗଛକୁ ବି ମାତ୍ର ଏକ ମିନିଟ୍‌ରେ ଚଢ଼ି ଯାଉଛନ୍ତି । ସେ ଏଥିରେ ଏତେ ପାରଙ୍ଗମ ହୋଇଯାଇଛନ୍ତି ଯେ, କୌଣସି ସାହାରା ନ ନେଇ ନଡ଼ିଆ ଗଛ ଚଢ଼ିଯାଆନ୍ତି । ଭବିଷ୍ୟତରେ ସେ ଓଲଟା ଭାବେ ୧୦୦ ଫୁଟର ନଡ଼ିଆ ଗଛ ଚଢ଼ିବାକୁ ଇଚ୍ଛା କରିଛନ୍ତି ।

ରାଶିଫଳ

ମେଷ: କାର୍ଯ୍ୟକ୍ଷେତ୍ରରେ ବାଧା ସୃଷ୍ଟି ହେବ । ବ୍ୟବସାୟରେ ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ । ଚକ୍ଷୁ ପାଇଁ କଷ୍ଟ ପାଇପାରନ୍ତି । ମହିଳାମାନେ ଆଳସ୍ୟତା ଅନୁଭବ କରିବେ ।

ବୃଷ: ସମସ୍ତ କାର୍ଯ୍ୟରେ ସଫଳତା ପାଇବେ । ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ । ତ୍ୱରିତ କାର୍ଯ୍ୟ ପାଇଁ ଦୂର ସ୍ଥାନ ଯାତ୍ରା କରିପାରନ୍ତି । ଆୟ ବୃଦ୍ଧି ହେତୁ ଉତ୍ସାହିତ ହେବେ । ପରିବାରର ସହାୟତା ପାଇବେ ।

ମିଥୁନ: କୌଣସି ଜରୁରୀ କାର୍ଯ୍ୟରେ ବ୍ୟସ୍ତ ରହିବେ । ନୂତନ ଜମି କ୍ରୟ କରିପାରନ୍ତି । ସନ୍ତାନଙ୍କ ସହ ମୂଲ୍ୟବାନ ସମୟ କଟାଇପାରନ୍ତି । ଘରୋଇ ମାମଲା ଉପରେ ଅଧିକ ଧ୍ୟାନ ଦିଅନ୍ତୁ ।

କର୍କଟ: ସକାରାତ୍ମକ ଚିନ୍ତାଧାରାରେ ଦିନ ଆରମ୍ଭ ହେବ । ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ । ଲଗାତାର ଚେଷ୍ଟା କରି ସଫଳତା ପାଇବେ । କାର୍ଯ୍ୟଭାର ବୃଦ୍ଧି ପାଇବ ।

ସିଂହ: ଚିନ୍ତା ଓ ଅବସାଦରେ ଦିନ ବିତିବ । ସାମାନ୍ୟ କଥାକୁ କେନ୍ଦ୍ର କରି ବିବାଦ ଉପୁଜିପାରେ । ଧାର୍ମିକ କାର୍ଯ୍ୟରେ ମନ ଦେବେ । କଠିନ ସମସ୍ୟାରେ ବୁଦ୍ଧିମାନ ଲୋକଙ୍କ ପରାମର୍ଶ ନିଅନ୍ତୁ ।

କନ୍ୟା: ଭବିଷ୍ୟତ ପାଇଁ ନୂତନ ଯୋଜନା କରିବେ । କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ । ଉଚ୍ଚଅଧିକାରୀଙ୍କ ସହଯୋଗରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୂରଣ ହେବ । ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ ।

ତୁଳା: କାମ ଚାପ ପାଇଁ ପରିବାର ଲୋକଙ୍କ ସହ ସମୟ ବିତାଇପାରିବେନି । ନିବେଶ କରୁଥିଲେ ସାବଧାନ ରୁହନ୍ତୁ । ଅନ୍ୟଙ୍କୁ କଟୁ କଥା କହି ସମାଲୋଚିତ ହୋଇପାରନ୍ତି ।

ବିଛା: କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ପୁରୁଣା ସମ୍ପର୍କରେ ତିକ୍ତତା ସୃଷ୍ଟି ହେବ । ଧାର୍ମିକ ସଂସ୍ଥାରେ ଦାନ କରନ୍ତୁ । କାର୍ଯ୍ୟରେ ସଫଳତା ମିଳିବା ଦ୍ୱାରା ଉତ୍ସାହିତ ଅନୁଭବ କରିବେ ।

ଧନୁ: ନିବେଶରେ କ୍ଷତି ସହିପାରନ୍ତି । ଆର୍ଥିକ ଲାଭ ପାଇବାର କିଛି ସୁଯୋଗ ପାଇବେ । ଅନାବଶ୍ୟକ ଖର୍ଚ୍ଚରୁ ବର୍ତ୍ତି ରୁହନ୍ତୁ । ନକାରାତ୍ମକ ବିବାଦରୁ ଦୂରେଇ ରହିବା ଭଲ ।

ମକର: ପରିବାର ସହିତ ସମୟ ଅତିବାହିତ କରିବେ । ଭାଗ୍ୟ ଆପଣଙ୍କ ସାଥି ଦେବ । ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ । ଭୁଲ ବିନିଯୋଗ କରି ଦୁଶ୍ଚିନ୍ତାରେ ରହିବେ ।

କୁମ୍ଭ: କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟକରି ପ୍ରଶଂସାର ପାତ୍ର ହେବେ । ସୁଯୋଗର ସଠିକ୍ ଉପଯୋଗ କରିବେ । ମହିଳାମାନେ ସ୍ୱାଧୀନମନା ହେବେ । ପିଲାଙ୍କ ଶିକ୍ଷା ଉପରେ ଧ୍ୟାନ ଦିଅନ୍ତୁ ।

ମୀନ: ଅଫିସ୍‌ରେ କାର୍ଯ୍ୟଭାର ଅଧିକ ରହିବ । ନିବେଶ କରୁଥିଲେ ସାବଧାନ ରୁହନ୍ତୁ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଅନ୍ୟକୁ ଧାର ଦେବା କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।

କୃଷିକୁ ସଶକ୍ତ କରୁଛି 'ଡ୍ରୋନ୍'
କୀଟନାଶକ ସିଞ୍ଚନ ପାଇଁ ଅଧିକ ଉପଯୋଗୀ

ଫସଲରେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ, ଠିକ୍ ସମୟରେ ରୋଗପୋକ ପରିଚାଳନା ନ ହେବା କାରଣରୁ ଚାଷରେ ଅଧିକ କ୍ଷତି ହୁଏ । ତେଣୁ ଚାଷ କ୍ଷେତରେ କୃଷି ଯାନ୍ତ୍ରିକୀକରଣ, ପ୍ରଦ୍ୟୋଗିକ କୃଷି ତଥା କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଉପଯୋଗରେ ଚାଷ କରାଗଲେ ଅଧିକ ଲାଭ ମିଳିବ । ଏବେ ଆମ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଚାଷୀ ଚାଷ କ୍ଷେତରେ ଡ୍ରୋନ୍ ବ୍ୟବହାର ପାଇଁ ତାଲିମ ନେଉଛନ୍ତି । ଡ୍ରୋନ୍‌ରେ ଫସଲ ଦେଖାରଖା ସହ ରାସାୟନିକ କୀଟନାଶକ ଓ ରାସାୟନିକ ସାର ଯଥା - ୟୁରିଆ ଓ ନାନୋୟୁରିଆ ବ୍ୟବହାର ହୋଇପାରୁଛି ।

କୃଷି ଡ୍ରୋନ୍: କୃଷି ଡ୍ରୋନ ହେଉଛି କୃଷି କାର୍ଯ୍ୟରେ ବ୍ୟବହୃତ ଏକ ମାନବ ବିହୀନ ବିମାନ ଯାନ (ୟୁଏଭି) । ଏହା ମୃତ୍ତିକାର ଭୌଗୋଳିକ ସ୍ଥିତି ଓ ଅବସ୍ଥାର ଆକଳନ, ସଠିକ୍ ଭାଗରେ ଫସଲର ଅବସ୍ଥା, ରୋଗପୋକ ଚିହ୍ନଟ, ସାର ଯଥା ରାସାୟନିକ କୀଟନାଶକ ପ୍ରୟୋଗ ଆଦି କାର୍ଯ୍ୟ କରିଥାଏ । ଡ୍ରୋନ୍ ଫସଲ ବୃଦ୍ଧି ଓ ଫସଲ ଉତ୍ପାଦନ ଉପରେ ନଜର ରଖିଥାଏ । ଡ୍ରୋନ ସିଞ୍ଚନରେ ଫସଲକୁ ଆବଶ୍ୟକ ପରିମାଣର ସାର ମିଳିଥାଏ । ସାଧାରଣତଃ ଫଳଗଛ, ବିଭିନ୍ନ ଫସଲ, ପନିପରିବା, ମୁଗ, ବିରି, ମକା, ଚିନାବାଦାମ ଆଦି ଫସଲ ପାଇଁ ଡ୍ରୋନ୍ ଜରିଆରେ ସାର ଓ କୀଟନାଶକ ସିଞ୍ଚନ ସହଜ ହୋଇପାରୁଛି ।

ମାଟିର ସ୍ଥିତି ସର୍ବେକ୍ଷଣ: ଯେଉଁ ସ୍ଥାନକୁ ଚାଷୀ ଯାଇପାରନ୍ତିନି ବା ବିପଦଜନକ ହୋଇଥାଏ, ଏଠାରେ ଡ୍ରୋନ ଜରିଆରେ ଫଟୋ ଉଠାଇ ମାଟିର ଆର୍ଦ୍ରତା, ସାର ଅଭାବରୁ ଗଛ ଦୁର୍ବଳ, ଘାସ ସମସ୍ୟା, ଫସଲର ସ୍ଥିତିକୁ ଅନୁଧ୍ୟାନ କରି ପାଣିରେ ଦ୍ରବୀଭୂତ ହୋଇଥିବା ରାସାୟନିକ ସାର, ଘାସମରା ଔଷଧ ନିର୍ଦ୍ଦିଷ୍ଟ ପରିମାଣରେ ପ୍ରୟୋଗ କରାଯାଏ । ସେହିପରି ଜଳ ଅଭାବରୁ ମାଟି ଶୁଷ୍କ ହୋଇଗଲେ, ଗଛ ଝାଉଁଳିବା ସମସ୍ୟା ହୁଏ । ଏହାକୁ ମୁକାବିଲା କରିବା ପାଇଁ ଡ୍ରୋନ୍ ମାଧ୍ୟମରେ ଜଳସିଞ୍ଚନ କରାଯାଇପାରେ । ଏଥିରେ ପାରମ୍ପରିକ ପଦ୍ଧତି ତୁଳନାରେ କୀଟନାଶକ ଦ୍ୱାରା ପରିବେଶ ଦୂଷିତ ହେବାର ଆଶଙ୍କା କମ୍ ଅଟେ । ରୋଗପୋକ ସର୍ବେକ୍ଷଣ କାର୍ଯ୍ୟ ଡ୍ରୋନ୍ ମାଧ୍ୟମରେ ବହୁତ ଶୀଘ୍ର ଓ ସଠିକ୍ ଭାବେ ହୋଇପାରୁଛି । ଅଧିକାଂଶ ଏହି ନିଜସ୍ୱ ଡ୍ରୋନ୍ ଯୋଗାଣ କେନ୍ଦ୍ର କରି ମାସିକ ଭଲ ରୋଜଗାର କରିପାରିବେ ।

ପୁରୀ, ଜଗତସିଂହପୁର, ନୟାଗଡ଼, ମୟୂରଭଞ୍ଜ, ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରକୁ ଡ୍ରୋନ୍ ଦିଆଯାଇଥିବାବେଳେ ଏହା ଚାଷୀଙ୍କ କ୍ଷେତ ପ୍ରଦର୍ଶନ କରୁଛି । ଏମିତିକି ବିଭିନ୍ନ ଚାଷୀ ରାଜ୍ୟ ବାହାରେ ଡ୍ରୋନ୍ ବ୍ୟବହାର ପାଇଁ ତାଲିମ ମଧ୍ୟ ନେଉଛନ୍ତି । ନିକଟ ଭବିଷ୍ୟତରେ ଓଡ଼ିଶା କୃଷି ଓ ବୈଷିକ ବିଦ୍ୟାଳୟ ମାଧ୍ୟମରେ ଆରପିଟିଓ ପ୍ରତିଷ୍ଠା କରି ଡ୍ରୋନ୍ ସମ୍ବନ୍ଧୀୟ ତାଲିମ ଦେବାର ଯୋଜନା ରହିଛି ।

ବିଭିନ୍ନ ଆକାରର ଡ୍ରୋନ୍‌ରେ ୫ରୁ ୩୦ ଲିଟର ଜଳ ଧାରଣାର କ୍ଷମତା ରହିଛି । ତେବେ ବେସରକାରୀ କ୍ଷେତ୍ରରେ ଜମିରେ ଡ୍ରୋନ୍‌ରେ ସାର ଓ ରାସାୟନିକ କୀଟନାଶକ ସିଞ୍ଚନ କରିବାକୁ ଏକର ପିଛା ୩୫୦ ଟଙ୍କାରୁ ୪୦୦ ଟଙ୍କା ଦେବାକୁ ପଡ଼େ ।

ଡ୍ରୋନ୍ ପାଇଁ ରିହାତି: ଡ୍ରୋନ୍ ପାଇଁ କୃଷି ଯାନ୍ତ୍ରିକ ମହା ବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ରାଜ୍ୟ କୃଷି ବିଭାଗ, କୃଷି ବିଶ୍ୱବିଦ୍ୟାଳୟ ଆଦି ସରକାରୀ ସଂସ୍ଥାଗୁଡ଼ିକୁ ସରକାରଙ୍କ ତରଫରୁ ସମସ୍ତ ସହାୟତା ପ୍ରଦାନ କରାଯାଇଥାଏ । । ସେହିପରି ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଡ୍ରୋନ୍ ଉପରେ ୮୦ ପ୍ରତିଶତ ରିହାତି ମିଳୁଥିବା କୃଷି ଉତ୍ପାଦକ ସଙ୍ଗଠନ (ଏଫ୍‌ପିଓ) ପାଇଁ ୭୫ ପ୍ରତିଶତ ରିହାତି ମିଳୁଛି । କୌଣସି ସଂସ୍ଥା ଡ୍ରୋନର କିଣା ଉପରେ ସରକାରଙ୍କ ଠାରୁ ଆବଶ୍ୟକ ରିହାତି ପାଇପାରିବେ ।

ସମୂହ ଚାଷରୁ ଅଧିକ ଲାଭ: ଡ୍ରୋନ୍ ସ୍ପ୍ରେର ବ୍ୟବହାର ଦ୍ୱାରା ପରିବେଶ ଓ ଚାଷୀ ସୁରକ୍ଷିତ ରୁହନ୍ତି । ଡ୍ରୋନ୍‌ର ମୂଲ୍ୟ ଅଧିକ ହୋଇଥିବାରୁ ଏହାକୁ ଚାଷୀଭାଇମାନେ ସମୂହ ଭାବେ କିଣି ସମାନ ଫସଲ ଚାଷ କଲେ ଅଧିକ ଉପକୃତ ହୋଇପାରିବେ ।

ଛେଳିଙ୍କ ପାଇଁ ପ୍ରାଣଘାତୀ ବସନ୍ତ

ପାରମ୍ପରିକ ପଦ୍ଧତିରେ ଛେଳିଚାଷରୁ କମ୍ ଲାଭ ମିଳୁଥିବାବେଳେ ସମ୍ପ୍ରତି ଅନେକ ଜଣ ଉନ୍ନତ ପ୍ରଣାଳୀରେ ଛେଳି ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି । ତେବେ ଏହି ଚାଷରେ ସେମାନଙ୍କୁ କିଛି ନିର୍ଦ୍ଦିଷ୍ଟ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ । କାରଣ ଛେଳିଙ୍କ ଶରୀରରେ ଏମିତି ଅନେକ ରୋଗ ହୁଏ, ଯାହାକୁ ଜଣେ ଚାଷୀ ସହଜରେ ଜାଣି ପାରୁନଥିବାରୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ । ସେମିତି ଏକ ରୋଗ ହେଲା ବସନ୍ତ ରୋଗ । ଏହା ଗାଈ ଓ କୁକୁଡ଼ାଙ୍କ ଠାରେ ଦେଖାଯାଉଥିବାବେଳେ ଛେଳିଙ୍କୁ ମଧ୍ୟ ଆକ୍ରାନ୍ତ କରେ ।

ଏହା ଏକ ଭୂତାଣୁ ଜନିତ ରୋଗ । ଛେଳି ବସନ୍ତ ରୋଗରେ ଆକ୍ରାନ୍ତ ଛେଳିର ଶରୀରରେ ମୁଖ୍ୟତଃ ଆଖିପତା, ପେଟ, ପିଠି, ଜିଭ, ପାଟିରେ ବସନ୍ତ ଭଳି ଛୋଟ ଛୋଟ ଆବୁ ସୃଷ୍ଟି ହୋଇଥାଏ । ପରବର୍ତ୍ତୀ ସମୟରେ ବ୍ୟାକ୍ଟେରିଆ ସଂକ୍ରମଣ ହୋଇ ସେଥିରୁ ପୂଯ ମଧ୍ୟ ବାହାରେ । ରୋଗାକ୍ରାନ୍ତ ଛେଳି ସର୍ବପ୍ରଥମେ ଖାଇବା କମେଇ ଦିଏ ବା ବନ୍ଦ କରିଦିଏ । ଏହାର ଶରୀରରେ ତାପମାତ୍ରା ବଢ଼ି ୧୦୫-୧୦୭ ଡିଗ୍ରୀ ଫାରେନହାଇଟ୍ ହୋଇଥାଏ । ଶରୀରର ବିଭିନ୍ନ ସ୍ଥାନରେ ବସନ୍ତ ପରି ଆବୁ ସୃଷ୍ଟି ହୁଏ । ଆଖି ଲାଲ୍ ହୋଇ ଲେଞ୍ଜୋରା ବାହାରେ । ଏମିତିକି ଅଳ୍ପ ଦିନ ଭିତରେ ଜୀବଟି ମୃତ୍ୟୁମୁଖରେ ପଡ଼େ । ଛେଳି ପଲରେ ଗୋଟିଏ ଛେଳି ରୋଗାକ୍ରାନ୍ତ ହେଲେ, ଏହା ଖୁବ୍ ଶୀଘ୍ର ଅନ୍ୟ ଛେଳିମାନଙ୍କୁ ବ୍ୟାପିଯାଏ । ଏଥିଯୋଗୁଁ ଅଧିକାଂଶ ଛେଳି ମୃତ୍ୟୁବରଣ କରନ୍ତି । ଏହି ରୋଗର କୌଣସି ଫଳପ୍ରଦ ଚିକିତ୍ସା ନାହିଁ । ମାତ୍ର ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସା କଲେ ସୁଫଳ ମିଳିଥାଏ । ଛେଳି ବସନ୍ତ ଭୂତାଣୁ ଏକ ଡିଏନ୍‌ଏ ଭୂତାଣୁ ଏବଂ ପ୍ରତିବର୍ଷ ଟିକାକରଣ କରି ରୋଗକୁ ଶହେ ପ୍ରତିଶତ ପ୍ରତିହତ କରିହେବ । ଗୋଠରେ କୌଣସି ଛେଳିଠାରେ ବସନ୍ତ ରୋଗ ଦେଖାଗଲେ ତୁରନ୍ତ ଏହାକୁ ସୁସ୍ଥ ଛେଳିମାନଙ୍କଠାରୁ ଅଲଗା ରଖିବା ଉଚିତ । ବାହାରୁ ନୂଆ ଛେଳି କିଣି ଆଣିଥିଲେ, ଏହାକୁ ୧୪ ଦିନ ଅଲଗା ରଖି ତା' ପରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଅନ୍ୟ ଛେଳିମାନଙ୍କ ସହ ମିଶାଇ ପାରିବେ ।

- ଡା. ବୀରେନ୍ଦ୍ର କୁମାର ପୃଷ୍ଟି
ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ,
ହରଭଙ୍ଗା, ବୌଦ୍ଧ

କପଡ଼ାରେ ବିହନ ଯାଞ୍ଚ

ଉତ୍ତମ ବିହନ, ଖତ ଏବଂ ସାର ପ୍ରୟୋଗ ଦ୍ୱାରା ଚାଷରୁ ଅଧିକ ଉତ୍ପାଦନ ମିଳିପାରେ । ଏଥିରୁ ବ୍ୟତିକ୍ରମ ହେଲେ ଉତ୍ପାଦନ ହ୍ରାସ ହେବାସହ ଗୁଣବତ୍ତା କମିଯାଏ । ତେଣୁ ବଜାରରୁ ବିହନ କିଣିବା ସମୟରେ ଏହା ଉତ୍ତମମାନର କି ନାହିଁ ଏହାକୁ ସୂତା କପଡ଼ାରେ ଗଜା ପରୀକ୍ଷା କରି ଜାଣିହେବ ।

ବିଜ୍ଞାପନ କିମ୍ବା ସୂଚନା ଆଧାରରେ ଚାଷୀ ବିହନ କ୍ରୟ କରିଥାନ୍ତି । ତେଣୁ ବିହନ ବୁଣିବା ପୂର୍ବରୁ ଏହାର ପରୀକ୍ଷଣ ପାଇଁ ସୂତା କପଡ଼ାର ସାହାଯ୍ୟ ନେଇ ପାରିବେ । ୧୦୦ ବିହନକୁ ସୂତା କପଡ଼ା କିମ୍ବା ଝୋଟଅଖାରେ ବାନ୍ଧି ଓଦା ମାଟିରେ ଭିନ୍ନ ଭିନ୍ନ ଦୂରତାରେ ପୋତିଦିଅନ୍ତୁ । କପଡ଼ାକୁ ଓଦାକରି ଢ଼ାଙ୍କିଦେଇ ଏହାକୁ କୌଣସି ଅନ୍ଧାରିଆ ସ୍ଥାନରେ ରଖିପାରିବେ । ପାଞ୍ଚ ଦିନ ପରେ ଗଜା ହୋଇଥିବା ଚାରା ସଂଖ୍ୟା ଗଣି ଦିଅନ୍ତୁ । ତେବେ ଯେଉଁଗୁଡିକ ଉତ୍ତମମାନର ବିହନ ତାହା ଅଙ୍କୁରିତ ହୋଇଥାଏ । ନକଲି ବିହନ ଗଜା ହୋଇ ନଥାଏ । ବିହନ ସର୍ବନିମ୍ନ ଅଶୀପ୍ରତିଶତ ହେଲେ ବିହନ ହିସାବରେ ବ୍ୟବହାର କରିପାରିବେ ।

ଖାଦ୍ୟରେ ଧନିଆ ପତ୍ର

ଖାଦ୍ୟର ସ୍ୱାଦ ବଢ଼ାଏ ଧନିଆ ପତ୍ର । ଆଗରୁ କେବଳ ଶୀତଦିନେ ଧନିଆପତ୍ର ଚାଷ ହୋଇଥାଏ । ଏବେ କିନ୍ତୁ ସବୁ ଋତୁରେ ଏହା ଚାଷ ହେଲାଣି । ଯଦିଓ ବାଡ଼ି ବଗିଚାରେ ଧନିଆ ଚାଷ କରାଯାଏ କିନ୍ତୁ ଅଧିକାଂଶ ଘରେ ଧନିଆ ଗଛ ଲଗାଇଥାନ୍ତି । ବିଶେଷ କଥାଟି ହେଲା ଏବେ ପାଣିରେ ଧନିଆ କରାଯାଇପାରୁଛି । ଏଥିପାଇଁ ଏକ ସଫା ଗହୀରିଆ ବୋତଲ ବା କଣ୍ଟେନର ନିଅନ୍ତୁ । ବୋତଲରେ ମଞ୍ଜି ପକାଇବା ପୂର୍ବରୁ ଧନିଆ ମଞ୍ଜିକୁ ୧୦ରୁ ୧୨ ଘଣ୍ଟା ପାଣିରେ ଭିଜାଇ ଦିଅନ୍ତୁ । କଣ୍ଟେନରକୁ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିଦିଅନ୍ତୁ । କଣ୍ଟେନର ପାଣିକୁ ୨ରୁ ୩ଦିନରେ ବଦଳାଇବାକୁ ହୁଏ । ଜୈବିକ ତରଳ ଖାଦ ପାଣି ସହିତ ମିଶାଇ କରି ଦେଇପାରିବେ ।

ଚାଷୀଭାଇ ଚିନ୍ତା

ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଧାନରେ ବକାନି ରୋଗ ଦେଖାଦେଲେ, ୧ ଲିଟର ପାଣିରେ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁପି ମିଶାଇ ସିଞ୍ଚନ କରନ୍ତୁ । ସ

ଆଜିଠାରୁ କଳିଙ୍ଗରେ ପୁରୁଷ ହକି ପ୍ରଶିକ୍ଷଣ ଶିବିର

ଓଡ଼ିଶାରୁ ଏକା ଅମିତ ରୋହିଦାସ

ଭୁବନେଶ୍ୱର, ୧୧।୩(ସମିସ)

ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଭାରତୀୟ ପୁରୁଷ ହକି ଦଳର ପ୍ରଥମ ପ୍ରସ୍ତୁତି ଶିବିର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଶିବିର ଲାଗି ଏକ ୨୮ ଜଣିଆ କୋର୍ ଗ୍ରୁପ୍ ଖେଳାଳିଙ୍କୁ ବଛାଯାଇଛି। ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ମାର୍ଚ୍ଚ ୩୦ ଯାଏ ଚାଲିବ। ଏହା ପରେ ବିଦେଶ ଓ ବେଙ୍ଗାଲୁରୁରେ ଶିବିରର ଆୟୋଜନ କରାଯିବ। ଏହି କୋର୍ ଗ୍ରୁପ୍ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାରୁ ଏକମାତ୍ର ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ଭାରତୀୟ ହକି ଦଳର ପରବର୍ତ୍ତୀ କାର୍ଯ୍ୟକ୍ରମ ହେଉଛି ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍। ନିକଟରେ ଭୁବନେଶ୍ୱର ଓ ରାଉରକେଲାରେ ହକି ପ୍ରୋ-ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭାରତୀୟ ଦଳ ୮ଟି ମ୍ୟାଚ୍ ଖେଳି ୧୮ ପଏଣ୍ଟ ପାଇବା ସହ ପଏଣ୍ଟ ସାରଣୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହା ପରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଖେଳିବାକୁ ଭାରତ ମେ' ମାସରେ ବେଲଜିୟମ ଯିବ। ମେ ୨୨ରେ ବେଲଜିୟମ ସହ ଖେଳିବା ପରେ ଜୁନ୍ ୧ରେ ଇଂଲଣ୍ଡ ସହ ଲଣ୍ଡନରେ ଏବଂ ଶେଷ ପର୍ଯ୍ୟାୟରେ ନେଦରଲାଣ୍ଡସ ସହ ଖେଳି ପ୍ରୋ-ଲିଗ୍ ଅଭିଯାନ ଶେଷ କରିବ। ଏହାପରେ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଭାରତ ବିଦେଶ ମାଟିରେ ରହିବ। କଳିଙ୍ଗ ଷ୍ଟାଡିୟମ୍ ଶିବିର ଲାଗି ମନୋନୀତ ୨୮ ଜଣ ଖେଳାଳିଙ୍କୁ ନେଇ ଦଳ ସବୁଆଡ଼େ ଯିବାର କାର୍ଯ୍ୟକ୍ରମ ରହିଛି। ଅଲିମ୍ପିକ୍ସ ଲାଗି ପରେ ଚୂଡାନ୍ତ ଦଳ ଚୟନ କରାଯିବ।

ଶିବିର ଲାଗି ମନୋନୀତ ଖେଳାଳି

ଗୋଲରକ୍ଷକ (୩): କ୍ରିଷନ ବାହାଦୁର ପାଠକ, ପିଆର ଶ୍ରୀଜେଶ, ସୁରଜ କରକେରା, **ଡିଫେଣ୍ଡର** (୭): ହରମନପ୍ରୀତ୍ ସିଂ, ଜରମନପ୍ରୀତ୍ ସିଂ, ଅମିତ ରୋହିଦାସ, ଯୁଗରାଜ ସିଂ, ସଞ୍ଜୟ, ସୁମିତ, ଅମୀର ଅଲ୍ଲୀ, **ମିଡ୍‌ଫିଲ୍ଡର** (୮): ମନ୍‌ପ୍ରୀତ୍ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂ, ସମ୍‌ଶେର ସିଂ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ ଓ ବିଷ୍ଣୁକାନ୍ତ ସିଂ, **ଫରୱାର୍ଡ** (୧୦): ଆକାଶଦୀପ ସିଂ, ମନ୍‌ଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ୍ ସିଂ, ସୁଖଜିତ ସିଂ, ମହମ୍ମଦ୍ ରାହିଲ ମୌସିନ୍, ବବି ସିଂ ଧାମି ଓ ଅରାଇଜିତ ସିଂ ହୁଣ୍ଡାଲ।

ମ୍ୟାଚରେ ଆଲେକ୍ସ, ସିରିଜ୍‌ରେ ହେନରୀ ଶ୍ରେଷ୍ଠ

ଟେଷ୍ଟ ସିରିଜ୍ ପୋଛିନେଲା ଅଷ୍ଟ୍ରେଲିଆ

ଖ୍ରୀଷ୍ଟଚର୍ଚ୍ଚ, ୧୧।୩(ଏଜେନ୍ସି)

ନ୍ୟୁଜିଲାଣ୍ଡକୁ ୩ ୱିକେଟରେ ପରାସ୍ତ କରି ଅଷ୍ଟ୍ରେଲିଆ ଏଠାରେ ସୋମବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ଦୁଇ ମ୍ୟାଚ୍ ଟେଷ୍ଟ ସିରିଜ୍‌କୁ ଅଷ୍ଟ୍ରେଲିଆ ୨-୦ ବ୍ୟବଧାନରେ ପୋଛି ନେଇଛି। ପୂର୍ବରୁ ୱେଲିଂଟନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଅଷ୍ଟ୍ରେଲିଆ ୧୭୨ ରନ୍‌ରେ ଜିତିଥିଲା। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ଦ୍ୱିତୀୟ ପାଳିରେ ୯୮ ରନ୍ କରି ଶେଷଯାଏ ଅପରାଜିତ ରହିବା ସହ ଅଷ୍ଟ୍ରେଲିଆ ଦଳକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ୱିକେଟରକ୍ଷକ ଆଲେକ୍ସ କ୍ୟାରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ରେ ୨ଟି ଯାକ ଟେଷ୍ଟ ହାରିଯାଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡର ଫାଷ୍ଟ ବୋଲର ମ୍ୟାଟ ହେନରୀ ୧୭ଟି ୱିକେଟ ନେଇ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଟେଷ୍ଟ ପରେ ନ୍ୟୁଜିଲାଣ୍ଡ ଘରୋଇ ମାଟିରେ ୧୯୯୩ ପରଠାରୁ ଏବଂ ମୋଟାମୋଟି ଭାବେ ୨୦୧୧ ପରଠାରୁ ଅଷ୍ଟ୍ରେଲିଆ ବିପକ୍ଷରେ କୌଣସି ଟେଷ୍ଟ ମ୍ୟାଚ୍ ଜିତିପାରି ନାହିଁ।

ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ପାଳିରେ ୩୭୨ ରନ୍‌ରେ ଅଲଆଉଟ ହେବା ପରେ ଅଷ୍ଟ୍ରେଲିଆ ଆଗରେ ୨୭୯ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୩୪ ରନ୍‌ରେ ୪ଟି ଓ ୮୦ ରନ୍‌ରେ ୫ମ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ମିଚେଲ ମାର୍ଶଙ୍କ ସହ ଆଲେକ୍ସ କ୍ୟାରୀ ଯୋଗଦେଇ ୬ଷ୍ଠ ୱିକେଟରେ ୧୭୪ ବଲ୍‌ରୁ ୧୪୦ ରନ୍ ଉଠାଇ ଦଳକୁ ବିଜୟର ନିକଟତର କରାଇଥିଲେ। ଏହି ସମୟରେ କ୍ରମାଗତ ବଲ୍‌ରେ ମାର୍ଶ (୮୦) ଓ ମିଚେଲ ଷ୍ଟାର୍କ (୦)ଙ୍କୁ ଆଉଟ କରି ବେନ୍ ସିୟର୍ସ ନ୍ୟୁଜିଲାଣ୍ଡକୁ ବିଜୟ ଆଶା ଦେଇଥିଲେ। କିନ୍ତୁ ଦମ୍‌ର ସହ ବ୍ୟାଟିଂ କରୁଥିବା କ୍ୟାରୀଙ୍କ ସହ ଅଧିନାୟକ ପ୍ୟାଟ କମିନ୍ସ ଯୋଗଦେବା ପରେ ଖେଳର ସ୍ଥିତି ବଦଳିଯାଇଥିଲା। ଉଭୟ ଖେଳାଳି ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅବିଭକ୍ତ ୮ମ ୱିକେଟ ଯୋଡିରୁ ୬୪ ବଲ୍‌ରେ ୬୧ ରନ୍ ଉଠାଇ ଦଳକୁ ବିଜୟୀ କରାଇଥିଲେ। ଶେଷଯାଏ ଆଉଟ ନ ହୋଇ କ୍ୟାରୀ ୯୮ ଓ କମିନ୍ସ ୩୨ ରନ୍ କରିଥିଲେ। ମ୍ୟାଚ୍ ଜିତିଲାବେଳେକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୭ ୱିକେଟ ହରାଇ ୨୮୧ ରନ୍ କରିଥିଲା। ଘରୋଇ ଦଳର ଯୁବ ଫାଷ୍ଟ ବୋଲର ବେନ୍ ସିୟର୍ସଙ୍କୁ ସର୍ବାଧିକ ୪ଟି, ହେନରୀଙ୍କୁ ୨ଟି ୱିକେଟ ମିଳିଥିଲା। ପୂର୍ବରୁ ପ୍ରଥମ ପାଳିରେ ନ୍ୟୁଜିଲାଣ୍ଡ ୧୬୨ ଓ ଅଷ୍ଟ୍ରେଲିଆ ୨୫୬ ରନ୍ କରିଥିଲା।

ପୂର୍ବତଟ ରେଳବାଇ ଚାମ୍ପିଅନ

ଭୁବନେଶ୍ୱର, ୧୧।୩ (ସମିସ)

ମନ୍ମଥ ଧଳ ମେମୋରିଆଲ୍ ଭଲିବଲ୍ ଉଦ୍‌ଯାପିତ

ଯାଜପୁର ବିଞ୍ଜାରପୁର ବିରିପଟାଠାରେ ଅନୁଷ୍ଠିତ ମନ୍ମଥ ଧଳ ମେମୋରିଆଲ୍ ଆନ୍ତଃରାଜ୍ୟ ମହିଳା ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମନ୍ମଥ ମେମୋରିଆଲ୍ ଟ୍ରଷ୍ଟ ଓ ଓଡ଼ିଶା ଭଲିବଲ୍ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହିଳା ଭଲିବଲ୍ ପ୍ରତିଯୋଗିତାରେ ପୂର୍ବତଟ ରେଳବାଇ (ଭୁବନେଶ୍ୱର) ଚାମ୍ପିଅନ ହୋଇଛି। ସେହିଭଳି କିଟ୍ ବିଶ୍ୱବିଦ୍ୟାଳୟ ଓ ହାୱଡା କ୍ଲବ (ପଶ୍ଚିମବଙ୍ଗ) ଯଥାକ୍ରମେ ପ୍ରଥମ ଓ ୨ୟ ରନର୍ସଅପ୍ ହୋଇଥିଲେ। ପ୍ରତିଯୋଗିତାରେ ମୋଟ୍ ୬୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଚାମ୍ପିଅନ ପୂର୍ବତଟ ରେଳବାଇକୁ ଟ୍ରଫି ସହ ୨୫ ହଜାର ଟଙ୍କା ପୁରସ୍କାର ମିଳିଥିଲା। ସେହିଭଳି କିଟ୍ ବିଶ୍ୱବିଦ୍ୟାଳୟ ୧୫ ହଜାର ଟଙ୍କା ଓ ୨ୟ ରନର୍ସଅପ୍ ହାୱଡା କ୍ଲବକୁ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହାବାଦ୍ ଖେଳାଯାଇଥିବା ପୁରୁଷ ପ୍ରଦର୍ଶନୀ ମ୍ୟାଚ୍‌ରେ କିଟ୍ ଓଡ଼ିଶା ୟୁଥ୍ ଭଲିବଲ୍ ଏକାଡେମୀକୁ ହରାଇ ଏଲ୍‌ପିଏନ୍ କ୍ଲବ (ଦିଲ୍ଲୀ) ଚାମ୍ପିଅନ ହୋଇଥିଲା। ଦିଲ୍ଲୀକୁ ୧୦ ହଜାର ଓ କିଟ୍ ଓଡ଼ିଶା ୟୁଥ୍ ଦଳକୁ ୫ ହଜାର ଟଙ୍କା ପୁରସ୍କାର ମିଳିଥିଲା। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଭଲିବଲ୍ ସଂଘର ଉପସଭାପତି ବିଜୟ କୁମାର ଧଳ, କାବ୍ୟା ପ୍ରିୟଦର୍ଶୀ ଧଳ, ସରପଞ୍ଚ ମନୋରଞ୍ଜନ ଦାସ, ଜିଲ୍ଲା ପରିଷଦ ସଭ୍ୟା ନୀନାରାଣୀ ସାମଲ, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଚୈତନ୍ୟ ଚରଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ପୂର୍ବାଞ୍ଚଳ ପେନଚାକ ସିଲଟ୍ ଚାମ୍ପିଅନସିପ୍ ଓଡ଼ିଶାକୁ ୨୧ ପଦକ

ଭୁବନେଶ୍ୱର, ୧୧।୩ (ସମିସ): କୋଲକାତାରେ ଶେଷ ହୋଇଥିବା ପୂର୍ବାଞ୍ଚଳ ପେନଚାକ ସିଲଟ୍ ଚାମ୍ପିଅନସିପ୍‌ର ୫ମ ସଂସ୍କରଣରେ ଓଡ଼ିଶା ଦଳ ୨୧ ପଦକ ଜିତିବାରେ ସଫଳ ହୋଇଛି। ମାର୍ଚ୍ଚ ୮ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୨୬ଜଣ ଖେଳାଳି ଭାଗନେଇଥିଲେ। ଓଡ଼ିଶା ଖେଳାଳିମାନେ ଜିତିଥିବା ପଦକ ମଧ୍ୟରେ ୧୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୪ କାଂସ୍ୟ ପଦକ ରହିଛି। ରାଜଶ୍ରୀ ସିଂ, ତୁଷାର ବେହେରା, ସାଇସ ପ୍ରେମ ସାହୁ, ଅଭିଷେକ ସ୍ୱାଇଁ, ଆୟୁଷ ବଳିଆର ସିଂ, କହ୍ନେୟା ପାତ୍ର, ଅର୍ପିତା ଜାଲି, ହର୍ଷିତା ହରପ୍ରିୟା ଧଳ, ସାନ ଅଲ୍ ନୱାଜ ଖାନ, ଅନୁଜ ଚୌଧୁରୀ, ପ୍ଲିଜାଲିନ ତରାଇ ଓ ପଲଭି କିଶନ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ରୁଦ୍ର ପ୍ରସନ ମିଶ୍ର, ବିଶ୍ୱ ପ୍ରକାଶ ଜେନା, ଦେବେନ୍ଦ୍ର ନାଥ ଧଳ, ଯୋଗାଂଶୁ ଦାସ, ଚାନ୍ଦିନୀ ନାୟକ ରୌପ୍ୟ ପଦକ ଏବଂ ଶ୍ୟାମ ଧାରୁଆ, ପ୍ରକାଶ ବେହେରା, ରଞ୍ଜିତ ନାୟକ, ଦିବ୍ୟରଞ୍ଜନ ପ୍ରଧାନ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

ପୂର୍ବାଞ୍ଚଳ ଦଳରେ ସୁଶ୍ରୀ ଦିବ୍ୟଦର୍ଶିନୀ

କଟକ,୧୧।୩(ସମିସ): ଆନ୍ତଃ ଜୋନାଲ୍ ବହୁଦିବସୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଘୋଷିତ ପୂର୍ବାଞ୍ଚଳ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସ୍ଥାନ ପାଇଛନ୍ତି ସୁଶ୍ରୀ ଦିବ୍ୟଦର୍ଶିନୀ। ଝାଡଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ପୂର୍ବାଞ୍ଚଳ ଦଳ ଚୟନ କମିଟି ବୈଠକରେ ଓଡିଶାର ଏହି ଅଲରାଉଣ୍ଡ ମହିଳା ଖେଳାଳିଙ୍କ ନାମ ଚୂଡାନ୍ତ ଦଳରେ ସାମିଲ କରାଯାଇଛି ବୋଲି ଓଡିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶଯୋଗ୍ୟ, ଆସନ୍ତା ୨୮ ରୁ ପୁଣେରେ ଏହି ପ୍ରତିଯୋଗିତା ଆରମ୍ଭ ହେବ।

ଭାରତକୁ ଝଟକା, ଖେଳିବେନି ସାମି

ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ଭାରତୀୟ ଦଳର ତାରକା ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ନେଇ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ଆଘାତଜନିତ ସମସ୍ୟା କାରଣରୁ ଦୀର୍ଘଦିନ ହେବ ସାମି ଦଳରୁ ଦୂରେଇ ରହିଛନ୍ତି। ଏବେ ସେ ଚଳିତ ବର୍ଷ ସେପ୍ଟେମ୍ବରରେ ଘରୋଇ ମାଟିରେ ବାଂଲାଦେଶ ବିପକ୍ଷରେ ହେବାକୁ ଥିବା ଟେଷ୍ଟ ସିରିଜରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସମ୍ପାଦକ ଜୟ ଶାହ ସୋମବାର ଏହି ସୂଚନା ଦେଇଛନ୍ତି। ଏକ ଜାତୀୟ ଖବର ସରବରାହ ସଂସ୍ଥାକୁ ସାକ୍ଷାତ୍ ଦେଇ ଶାହ କହିଛନ୍ତି, 'ସାମିଙ୍କ ଅସ୍ତ୍ରୋପଚାର ଶେଷ ହୋଇଯାଇଛି ଏବଂ ସେ ଭାରତକୁ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି। ବାଂଲାଦେଶ ବିପକ୍ଷ ଘରୋଇ ଟେଷ୍ଟ ସିରିଜବେଳକୁ ସେ ଦଳକୁ ଫେରିବାର ସମ୍ଭାବନା ରହିଛି।' ଫଳରେ ସାମି ଆଇପିଏଲ୍ ସମେତ ଜୁନରେ ୱେଷ୍ଟଇଣ୍ଡିଜ/ଆମେରିକାରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଯାଇଛି। ୩୩ ବର୍ଷୀୟ ସାମି ଶେଷଥର ଲାଗି ଗତବର୍ଷ ଭାରତରେ ଆୟୋଜିତ ହୋଇଥିବା ଏକଦିବସୀୟ ବିଶ୍ୱକପ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଏହାପରେ ମାଂସପେଶୀରେ ଆଘାତଜନିତ ସମସ୍ୟା ଲାଗି ସେ ଦଳରୁ ଦୂରେଇ ରହିଛନ୍ତି। ଗତ ମାସରେ ତାଙ୍କର ଅସ୍ତ୍ରୋପଚାର ଲଣ୍ଡନରେ ହୋଇଥିଲା। ଏଥିରୁ ସୁସ୍ଥ ହେବା ଲାଗି ତାଙ୍କୁ ପାଖାପାଖି ୬ ମାସ ସମୟ ଲାଗିବ ବୋଲି ଜଣାପଡ଼ିଛି।

● ସମର୍ଥ କପ୍ ଦୃଷ୍ଟିହୀନ ଟି-୨୦ କ୍ରିକେଟ

ଶ୍ରୀଲଙ୍କାକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୧୧।୩(ଏଜେନ୍ସି): ସମର୍ଥ କପ୍ ଦ୍ୱିପାକ୍ଷିକ ଟି-୨୦ କପ୍ କ୍ରିକେଟ ସିରିଜ୍‌ର ପ୍ରଥମ ମୁକାବିଲାରେ ଭାରତ ୧୩୨ ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ଚଳିତ ଦୃଷ୍ଟିହୀନ କ୍ରିକେଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ବା ମଙ୍ଗଳବାର ଖେଳାଯିବ। ଏହି ମ୍ୟାଚ୍‌ରେ ୩୧ ବଲ୍‌ରୁ ୯୬ ରନ୍ କରିଥିବା ଭାରତର ଅଜୟ କୁମାର ରେଡ୍ଡୀଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟରେ ୨୭୭ ରନ୍ କରିଥିଲା। ଅଜୟ ରେଡ୍ଡୀଙ୍କ ୯୬ ରନ୍ ସର୍ବାଧିକ ସ୍କୋର ଥିଲା। ଜବାବରେ ଶ୍ରୀଲଙ୍କା ସମାନ ସଂଖ୍ୟକ ଓଭର ଖେଳି ୬ ୱିକେଟରେ ୧୪୫ ରନ୍ କରିବାକୁ ସମର୍ଥ ହୋଇଥିଲେ। ଏହି ସିରିଜ୍ ଖେଳୁଥିବା ଭାରତୀୟ ଦଳରେ ୪ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦେବରାଜ ବେହେରା, ପଙ୍କଜ ଭୂଏ, ନକୁଳ ବଡ଼ନାୟକ ଓ ସୁଖରାମ ମାଝୀ। ସୁଖରାମ ୭ ବର୍ଷ ପରେ ଭାରତୀୟ ଦଳରେ ସାମିଲ ହୋଇଛନ୍ତି।

ଦ.ଆଫ୍ରିକାର ବିସ୍ଫୋରକ ବ୍ୟାଟର୍ ଡେଭିଡ୍ ମିଲର ଦୀର୍ଘଦିନର ବାନ୍ଧବୀ କାମିଲା ହାରିସଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

● ଦୀପ୍ତି ଶର୍ମାଙ୍କ ଅଲରାଉଣ୍ଡ ସଫଳତା ବ୍ୟର୍ଥ

ୱାରିୟର୍ଜକୁ ହରାଇଲା ଜାଏଣ୍ଟସ

ନୂଆଦିଲ୍ଲୀ, ୧୧।୩(ଏଜେନ୍ସି): ଅଧିନାୟିକା ବେଥ ମୁନୀଙ୍କ ଅପରାଜିତ ଅର୍ଦ୍ଧଶତକ ଓ ଯୁବ ଖେଳାଳି ସବନମ୍ ଶକିଲଙ୍କ ଘାତକ ବୋଲିଂ ବଳରେ ଏଠାରେ ସୋମବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ ୮ ରନ୍‌ରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ମୁନୀ ୫୨ ବଲ୍‌ରେ ୧୦ ଚୌକା ଓ ୧ ଛକା ସହ ଅପରାଜିତ ୭୪ ଏବଂ ଲୌରା ୱଲଭର୍ଟ ୩୦ ବଲ୍‌ରେ ୮ ଚୌକା ଓ ୧ଛକା ସହ ୪୩ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜାଏଣ୍ଟସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୨ ରନ୍ କରିଥିଲା। ପ୍ରତିପକ୍ଷ ଦଳର ସୋଫି ଇକ୍ଲେଷ୍ଟନ ୩ଟି ଓ ଦୀପ୍ତି ଶର୍ମା ୨ଟି ୱିକେଟ ପାଇଥିଲେ। ଜବାବରେ ସବନମ ଶକିଲଙ୍କ ଘାତକ ବୋଲିଂ ବଳରେ ୟୁପି ୱାରିୟର୍ଜ ୭ମ ଓଭର ଖେଳ ଶେଷସୁଦ୍ଧା ୩୫ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହା ମଧ୍ୟରୁ ଶକିଲ ୪ ଓଭରରେ ୧୧ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ଏହା ପରେ ଦୀପ୍ତି ଶର୍ମା ଓ ପୁନମ ଖେମନାର ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରେ ୭୮ ବଲ୍‌ରୁ ୧୦୯ ରନ୍ ଉଠାଇଥିଲେ ମଧ୍ୟ ଦଳକୁ ଜିତାଇବାରେ ସମର୍ଥ ହୋଇ ପାରି ନ ଥିଲେ। ଦୀପ୍ତି ୬୦ ବଲ୍ ଖେଳି ୯ ଚୌକା ଓ ୪ଛକା ସହାୟତାରେ ୮୮ ଓ ପୁନମ ୩୬ ବଲ୍‌ରୁ ୩୬ ରନ୍ କରି ଶେଷଯାଏ ଅପରାଜିତ ରହିବା ଫଳରେ ୟୁପି ୱାରିୟର୍ଜ ୫ ୱିକେଟରେ ୧୪୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ପରାଜୟ ଫଳରେ ୟୁପି ୱାରିୟର୍ଜର ପ୍ଲେ ଅଫ୍ ଖେଳିବା ଆଶା ଆଶଙ୍କାରେ ପରିଣତ ହୋଇଛି। ଅନ୍ୟ ପକ୍ଷରେ ଗୁଜରାଟର ପ୍ଲେ ଅଫ୍ ଖେଳିବା ଆଶା ଅନ୍ୟ ଦଳର ପ୍ରଦର୍ଶନ ଉପରେ ନିର୍ଭର କରୁଛି।

କୋଟିଆନ, କୁଲ୍‌କର୍ଣ୍ଣି ଓ ମୁଲାନିଙ୍କୁ ୩ଟି ଲେଖାଏଁ ୱିକେଟ୍; ବିଦର୍ଭ ୧୦୫

ମୁମ୍ବାଇ ନିୟନ୍ତ୍ରଣରେ ରଣଜୀ ଟ୍ରଫି ଫାଇନାଲ

ମୁମ୍ବାଇ, ୧୧।୩ (ଏଜେନ୍ସି)

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ବିଦର୍ଭ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମୁକାବିଲା ଘରୋଇ ମୁମ୍ବାଇ ଦୃଢ଼ ସ୍ଥିତିରେ ରହିଛି। ମୁମ୍ବାଇର ପ୍ରଥମ ପାଳି ସ୍କୋର ୨୨୪ ରନ ଜବାବରେ ବିଦର୍ଭ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୦୫ ରନରେ ସୀମିତ ରହିଯାଇଛି। ଫଳରେ ୧୧୯ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଘରୋଇ ମୁମ୍ବାଇ ଦଳ ସୋମବାର ୨ୟ ଦିବସ ଖେଳ ଶେଷ ସୁଦ୍ଧା ୫୦ ଓଭରରେ ୨ ୱିକେଟ୍ ହରାଇ ୧୪୧ ରନ ସଂଗ୍ରହ କରିଛି। ଫଳରେ ୮ ୱିକେଟ୍ ବଳକା ଥାଇ ମୁମ୍ବାଇ ଏବେ ମୋଟ୍ ଉପରେ ୨୬୦ ରନର ଅଗ୍ରଣୀ ହାସଲ କରି ଦୃଢ଼ସ୍ଥିତିରେ ରହିଛି।

ମୁମ୍ବାଇର ପ୍ରଥମ ପାଳି ସ୍କୋର ୨୨୪ ରନ ଜବାବରେ ଖେଳ ଆରମ୍ଭ କରି ଅକ୍ଷୟ ୱାଦକରଙ୍କ ନେତୃତ୍ୱାଧୀନ ବିଦର୍ଭ ରବିବାର ସୁଦ୍ଧା ୩ ୱିକେଟ୍ ହରାଇ ୩୧ ରନ କରିଥିଲା। ଏହି ଅସମାପ୍ତ ସ୍କୋରରୁ ସୋମବାର ବ୍ୟାଟିଂ ଆରମ୍ଭ କରି ଦଳ ନିୟମିତ ବ୍ୟବଧାନରେ ୱିକେଟ୍‌ମାନ ହରାଇଥିଲା। କୌଣସି ବ୍ୟାଟର୍ ଆଖିଦୃଶିଆ ପାଳି ଖେଳି ନ ପାରିବାରୁ ବିଦର୍